

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 AUGUST 2023

Vol.No. 35 ■ No. 207 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚନ୍ଦ୍ରର କକ୍ଷପଥରେ ପ୍ରବେଶ କଲା ଚନ୍ଦ୍ରଯାନ ୩



ନୂଆଦିଲ୍ଲୀ,୫/୦୮ : ଇତିହାସ ସୃଷ୍ଟି କରିବା ଦିଗରେ ଇସ୍ରୋ ଆଉ ପାଦେ ଆଗେଇଛି । ଚନ୍ଦ୍ରରେ ସଫଳତାର ସହ ଲ୍ୟାଣ୍ଡ କରିବା ପାଇଁ ଇସ୍ରୋ ରଖିଥିବା ଲକ୍ଷ୍ୟ ଦିଗରେ ଆଗେଇ ଚାଲିଛି । ଆଜି ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଛି ଇସ୍ରୋ ଦ୍ୱାରା ପ୍ରେରିତ ଚନ୍ଦ୍ରଯାନ-୩। ଆଜି ଚନ୍ଦ୍ରଯାନ ପାଇଁ ଗୋଟିଏ ବଡ଼ ପରୀକ୍ଷାର ଦିନ ଥିଲା। କାରଣ ଆଜି ଏହା ଚନ୍ଦ୍ରର କକ୍ଷପଥରେ ଠିକ ଭାବେ ପ୍ରବେଶ କରି ପାରୁଛି କି ନାହିଁ, ତା'କୁ ସମସ୍ତେ ଅପେକ୍ଷା କରିଥିଲେ। ତେବେ ସବୁ ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପକାଇ ସନ୍ଧ୍ୟା ଠିକ୍ ୭ଟା ବେଳେ ଚନ୍ଦ୍ରଯାନ ୩କୁ ଚନ୍ଦ୍ରର ମାଧ୍ୟକର୍ଷଣ ବଳୟରେ ପ୍ରବେଶ କରାଇବାରେ ଇସ୍ରୋ ସଫଳ ହୋଇଛି। ବର୍ତ୍ତମାନ ଏହି ସ୍ପେଶ ଏୟାରକ୍ରାଫ୍ଟ ଚନ୍ଦ୍ରର ଗୋଟିଏ ସ୍ଥିର କକ୍ଷପଥରେ ରହିଛି। ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରଯାନ-୩କୁ ଉତକ୍ଷେପଣ କରାଯାଇଥିଲ। ତା'ପରେ ଏହା ପୃଥିବୀକୁ ଦୀର୍ଘ ୨ ସପ୍ତାହ ଧରି ପରିକ୍ରମା କରିଥିଲା। ଅଗଷ୍ଟ ୧ରେ ଚନ୍ଦ୍ରଯାନକୁ ଚନ୍ଦ୍ରର କକ୍ଷପଥ ଆଡ଼କୁ ପଠାଯାଇଥିଲା। ଆଜି ସନ୍ଧ୍ୟା ୭ଟାରେ ଯୋଜନା ମୁତାବକ ଏହା ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଛି। ପୃଥିବୀଠୁ ଚନ୍ଦ୍ରର ହାରାହାରି ଦୂରତା ୩.୮ ଲକ୍ଷ କିଲୋମିଟର। ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ପୃଥିବୀ ତୁଳନାରେ ଅତି ଦୁର୍ବଳ ହୋଇଥିବାରୁ, ଠିକ୍ ସମୟରେ ସ୍ପେଶକ୍ରାଫ୍ଟର ବେଗ ହ୍ରାସ କରିବା ହିଁ ମୁଖ୍ୟ ଚ୍ୟାଲେଞ୍ଜ ଥିଲା। ଏହାକୁ ଆଜି ସଫଳତାର ସହ ବୈଜ୍ଞାନିକମାନେ କରି ଦେଖାଇଛନ୍ତି। ସ୍ପେଶକ୍ରାଫ୍ଟର ଅବସ୍ଥାକୁ ନିୟମିତ ଅନୁଧ୍ୟାନ କରାଯାଉଛି। ବେଙ୍ଗାଲୁରୁରେ ଥିବା ଇସ୍ରୋର ଟେଲେମେଟ୍ରୀଏ, ଟ୍ରାକିଂ ଓ କମାଣ୍ଡ ନେଟୱର୍କର ମିଶନ ଅପରେସନ କମ୍ପ୍ଲେକ୍ସରୁ ଚନ୍ଦ୍ରଯାନ ଉପରେ ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଚନ୍ଦ୍ରଯାନର ସବୁ ସିଷ୍ଟମ ଠିକଠାକ ରହିଛି। ପୂର୍ବଥର ପରି ଏଥର ଯେପରି ଲ୍ୟାଣ୍ଡର ବିକ୍ରମର ସଫ୍ଟ ଲ୍ୟାଣ୍ଡିଂ(ସୁରକ୍ଷିତ ଅବତରଣ)ରେ କୌଣସି ଯାନ୍ତ୍ରିକ ସମସ୍ୟା ନହୁଏ,

▶▶ପୃଷ୍ଠା ୭

## ଥାନା ଜାଳିଦେଲେ ଉତ୍ତ୍ୟକ୍ତ ଲୋକ: ଗଞ୍ଜେଇ ଚାଲାଣରେ ପୋଲିସର ସମ୍ପୃକ୍ତି ଅଭିଯୋଗ

ଫୁଲବାଣୀ , ୫/୦୮ (ନି.ପ୍ର): ଫିରିଙ୍ଗିଆ ଥାନା ଜାଳିଦେଲେ ଉତ୍ତ୍ୟକ୍ତ ଲୋକ । ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ସହଯୋଗ କରିବା ଓ ଚାଲାଣରେ ଫିରିଙ୍ଗିଆ ପୋଲିସର ସଂପୃକ୍ତି ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତେଜନା ପରେ ଉତ୍ତ୍ୟକ୍ତ




ଲୋକ ଥାନା ଜାଳି ଦେଇଛନ୍ତି । ଫିରିଙ୍ଗିଆ ଥାନା ଆଇଆଇସି ଓ ୨ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଉତ୍ତ୍ୟକ୍ତ ଲୋକ । ଜଳୁଛି ଫିରିଙ୍ଗିଆ ଥାନା। ହୁତ୍ ହୁତ ହୋଇ ଜଳୁଛି ଥାନା ବିଲ୍ଡିଂ। କନ୍ଧମାଳ ଫିରିଙ୍ଗିଆ ଥାନାରେ ନିଆଁ ଲଗାଇ ଦେଇଛନ୍ତି ଉତ୍ତ୍ୟକ୍ତ ଲୋକ । ଥାନା ସହ ଜାଳି ଦେଇଛନ୍ତି ଥାନା ପରିସରରେ ଥିବା ଏକ କାର୍। ଜାଳି ଦେଇଛନ୍ତି ଜବତ ଗଂଜେଇ। ଥାନାର କମ୍ପୁଟର ସମେତ କାଗଜପତ୍ର, ଆସବାବପତ୍ର, ଗାଡି ଆଦି ସଂପୂର୍ଣ୍ଣ ଜଳି ଯାଇଛି । ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ବ୍ଲାଙ୍କ ଫାୟାରିଂ କରିଛି ପୋଲିସ।

▶▶ପୃଷ୍ଠା ୭

## କର୍ମୀଙ୍କୁ ମନ୍ତ୍ର ଦେଲେ ଶାହ

## ସଂଗଠନକୁ ସୁଦୃଢ କର, କେନ୍ଦ୍ର ଅନୁଦାନ ଯେମିତି ତଳସ୍ତରର ପର୍ଯ୍ୟନ୍ତ ପହଞ୍ଚିବ



ଭୁବନେଶ୍ୱର, ୫/୦୮ (ନି.ପ୍ର): କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଅମିତ ଶାହ ଶନିବାର ଦଳୀୟ କର୍ମୀଙ୍କୁ ମନ୍ତ୍ର ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ସେ କର୍ମୀଙ୍କୁ କହିଛନ୍ତି, ମନରୁ ଦ୍ୱନ୍ଦ ଦୂର କରି ଲଢେଇ ପାଇଁ ପ୍ରସ୍ତୁତ ରୁହ। ଯାହାକୁ ଯେଉଁ ଦାୟିତ୍ୱ ଦିଆଯାଇଛି, ସେହି ଅନୁଯାୟୀ କାମ କର। କେନ୍ଦ୍ର ସରକାର ଆବଶ୍ୟକତା ଅନୁସାରେ ପଦକ୍ଷେପ ନେଉଛନ୍ତି। ଏହା ହେଉଛି କେନ୍ଦ୍ରର ରଣନୀତି। ବିଜେପି ନେତା ଶ୍ରୀ ଶାହ କହିଛନ୍ତି, କେନ୍ଦ୍ର ତାର ଆବଶ୍ୟକତା ଅନୁସାରେ ରଣନୀତି କରୁଛି। ରାଜ୍ୟ ତା ଅନୁସାରେ ରଣନୀତି କରୁ। କର୍ମୀଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି ଯେ, ସ୍ଥାନୀୟ ସମସ୍ୟାକୁ ନେଇ ଲୋକଙ୍କ ପାଖକୁ ଯାଅ। ଲୋକଙ୍କ ପ୍ରସଙ୍ଗ ନେଇ ଆନ୍ଦୋଳନ କର। ଲଢେଇ କରିବାକୁ ମନା ନାହିଁ। ଲୋକଙ୍କ ପ୍ରସଙ୍ଗ ନେଇ ନିଜ ଅଞ୍ଚଳରୁ ରାଜ୍ୟବ୍ୟାପି ଆନ୍ଦୋଳନ କର। ଲୋକ ଚାହିଁଲେ ସରକାର ବେଶୀ ଦୂର ନୁହେଁ। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶାହ ଶନିବାର କାମାକ୍ଷାନଗର-ଡୁବୁରୀ ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ-୫୩ ଓ ମୋଟେର-ବାନେର ଲଡୁଗାଁ ରାସ୍ତାର ସଂପ୍ରସାରଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଲୋକସଭା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ରାସ୍ତା ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଦେଶର ବିକାଶ, ଦେଶର ଭାଗ୍ୟ ରାଜମାର୍ଗ ସହ ଜଡ଼ିତ। ଗତ ୯ ବର୍ଷ ମଧ୍ୟରେ ଜାତୀୟ ରାଜପଥ ବାବଦରେ ଭାରତ ସରକାର ବିପୁଳ ଅର୍ଥ ବିନିଯୋଗ କରିଛନ୍ତି। ପୂର୍ବାଞ୍ଚଳର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମୋଦୀ ସରକାର ରାଜ୍ୟ ସରକାରଙ୍କ ସହ ମିଶି ଦେଶର ବିକାଶ କରିଛନ୍ତି।

## ଗୋଟିଏ ମଞ୍ଚରେ ଶାହ-ନବୀନ




ଭୁବନେଶ୍ୱର, ୫/୦୮ (ନି.ପ୍ର): 'ଭିତ୍ତିଭୂମି ଦୁର୍ବଳ ଥିଲେ ଦେଶର ବିକାଶ ସମ୍ଭବ ନୁହେଁ। ଦେଶର ବିକାଶ ପାଇଁ ରାଜମାର୍ଗ ସୁଦୃଢ ହେବା ଆବଶ୍ୟକ । ଭୂମି ଉପରେ ତିଆରି ହୋଇଥିବା ରାଜମାର୍ଗ ବ୍ୟକ୍ତିର ପାପୁଲିରେ ଥିବା ଭାଗ୍ୟରେଖା ସହ ସମାନ । ଦେଶର ବିକାଶ, ଦେଶର ଅର୍ଥନୀତିର ବିକାଶ ରାଜମାର୍ଗ ସହ ଓତପ୍ରେତ ଭାବେ ଜଡ଼ିତ । ' ଆଜି ଲୋକସେବା ଭବନରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏପରି ମତବ୍ୟକ୍ତ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ଆଜି ଲୋକସେବା ଭବନରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ପରସ୍ପରକୁ ପ୍ରଶଂସାରେ ପୋତି ପକାଇଥିଲେ ଏହି ଦୁଇ ତୁଙ୍ଗ ନେତା। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି କାମାକ୍ଷାନଗର-ଡୁବୁରୀ ୪ ଲେନ୍ ଘଣ୍ଟୀର ଲୋକାର୍ପଣ କରିଥିଲେ । ଏହାସହ ମୋଟେର-ବାନେର ରାସ୍ତାର ସଂପ୍ରସାରଣ ପ୍ରକଳ୍ପର ଶୁଭାରମ୍ଭ ବି କରିଥିଲେ । ଏହି ଅବସରରେ ଗୃହ ମନ୍ତ୍ରୀ ନିଜ ଭାଷଣରେ କହିଛନ୍ତି, ଦେଶର ବିକାଶ ତଥା ଦେଶର ଭାଗ୍ୟ ରାଜମାର୍ଗ ସହ ଜଡ଼ିତ । ଗତ ୯ ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ରାଜମାର୍ଗର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଛନ୍ତି । ବିଗତ ୯ ବର୍ଷ ଭିତରେ

▶▶ପୃଷ୍ଠା ୭

## ରାଜ୍ୟରେ ବଦଳିଲେ ୧୩୮ ଇନ୍ସପେକ୍ଟର

ଭୁବନେଶ୍ୱର, ୫/୦୮ (ନି.ପ୍ର): ରାଜ୍ୟରେ ପୋଲିସ ପ୍ରଶାସନ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଛି। ୧୩୮ ଇନ୍ସପେକ୍ଟରଙ୍କୁ ଅନ୍ୟ ଜିଲ୍ଲାର ଥାନାକୁ ବଦଳି କରାଯାଇଛି। ଏହି କ୍ରମରେ କମିଶନରେଟ ପୋଲିସରୁ ୧୦ ଇନ୍ସପେକ୍ଟର ବଦଳି କରାଯାଇଛି। ଶନିବାର ଏ ନେଇ କଟକ ସ୍ଥିତ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ୟୁପିଡିରୁ ଶରତଚନ୍ଦ୍ର ପାତ୍ର, ବନିତା ମହାରଣା, ବିଭୂଦତ୍ତ ରାଉତରାୟ , ଅନିତା ସାହୁ ସୁଚିତ୍ରା ପରିଡ଼ା, ବିପିନ୍ ବିହାରୀ ହୋତା, ସଂଧ୍ୟାରାଣୀ ସିଂ, ବିକାଶ ନନ୍ଦନ ଜେନା, ଶୁଭାଶ୍ରୀ ପଣ୍ଡା, ଏବଂ ଚନ୍ଦ୍ରିକା ସ୍ୱାଇଁଙ୍କୁ ପୋଲିସ ଡିଜି ବଦଳି କରିଛନ୍ତି। ଗଞ୍ଜାମ ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ଅଧିକ ଇନ୍ସପେକ୍ଟରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

## ଓଏସଏସସି ପ୍ରଶ୍ନପତ୍ର ଲିକ୍ ମାମଲାରେ ୨ ଶିକ୍ଷକଙ୍କ ସମେତ ୮ ଗିରଫ

ବାଲେଶ୍ୱର, ୫/୦୮ (ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପରିଚାଳିତ ଜେଇ (ମେନ୍) ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଜି ଆଉ ୮ ଜଣଙ୍କୁ ଗିରଫ କରିଛି ବାଲେଶ୍ୱର ପୁଲିସ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏହି ୮ ଜଣଙ୍କୁ ଗିରଫ କରାଯାଇଛି। ଏହି ୮ ଜଣଙ୍କ ମଧ୍ୟରେ ୨ ଜଣ ଶିକ୍ଷକ ଅଛନ୍ତି। ସେମାନେ ହେଉଛନ୍ତି ଅଜୟ କୁମାର ବିଶ୍ୱାଳ (୪୩) ଓ ବିଜୟ କୁମାର ମଲ୍ଲିକ (୨୫)। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ପଦମପୁର ସ୍ଥିତ ଜେ.କେ ସରକାରୀ ନୋଡାଲ ହାଇସ୍କୁଲରେ ଶିକ୍ଷକ ଥିବା ଅଜୟ କୁମାର ବିଶ୍ୱାଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଅଜୟ କୁମାର ବିଶ୍ୱାଳ ଓ ବିଜୟ କୁମାର ମଲ୍ଲିକଙ୍କ ବ୍ୟତୀତ ଗିରଫ ହୋଇଥିବା

▶▶ପୃଷ୍ଠା ୭



## 'ଧ୍ୱନି ପ୍ରତିଧ୍ୱନି'ର ୩୪ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଆଜି



ବାଲେଶ୍ୱର, ୦୫/୦୮ (ନି.ପ୍ର): ବାଲେଶ୍ୱରରୁ ଦୀର୍ଘ ୩୪ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ୩୪ତମ ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନପ୍ରଦାନ ସମାରୋହ ଆଜି ପୂର୍ବାହ୍ନ ୯.୦୦ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍ ଠାରେ ଯଥାରୀତି ଅନୁଷ୍ଠିତ ହେବ। ଏହି ଅବସରରେ ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ମହାମେଘବାହନ ଐର ଖାଳବେଳ ସ୍ୱାଇଁ, ଡକ୍ଟର ହୃଷୀକେଶ ମଲ୍ଲିକ, ପ୍ରଫେସର ଆଦିକନ୍ଦ ସାହୁ, ବିଶିଷ୍ଟ କବି ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ଡକ୍ଟର ଅଜୟ ସ୍ୱାଇଁ, ବିଶିଷ୍ଟ ସଂଳାପ ଲେଖକ ତଥା ଗୀତିକାର ଡକ୍ଟର ରଜନୀ ରଂଜନ ଦାଶ, ବିଶିଷ୍ଟ ସମାଜସେବୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେବେ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ପ୍ରଫେସର ଆଦିକନ୍ଦ ସାହୁ, ଡକ୍ଟର ହୃଷୀକେଶ ମଲ୍ଲିକ, ଡାକ୍ତର ଅମିତାଭ ଗିରି, ଡ. କୁଞ୍ଜବିହାରୀ ଧଳ, ଡ. ରତିକାନ୍ତ ବେହେରା, ଡ. ମଥୁରାନାଥ ହୋତା, ଶ୍ରୀମତୀ ସୁକାନ୍ତି ନନ୍ଦ, ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ପଟ୍ଟନାୟକ, ଶ୍ରୀଯୁକ୍ତ ଦୀପକ ରଞ୍ଜନ ମିଶ, ଶ୍ରୀଯୁକ୍ତ ବନୋଜ ତ୍ରିପାଠୀ, ଶ୍ରୀମତୀ ପ୍ରତିମା ଜେନା, ଇ.ହୃଷୀକେଶ ସାହୁଙ୍କ ସମେତ ରାଇରଙ୍ଗପୁର ଆଇଟିଆଇ ଓ ଧାମରା ମତ୍ସ୍ୟ ପୋତାଶ୍ରୟକୁ ସମ୍ମାନ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଧ୍ୱନି ପ୍ରତିଧ୍ୱିର ଶୁଭେଚ୍ଛୁ, ଲେଖକ ଓ ପାଠକ ଯୋଗଦେବାକୁ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ଅନୁରୋଧ କରିଛନ୍ତି।

## ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସିଡିପିଓ

ଝାରସୁଗୁଡ଼ା, ୫/୦୮ (ନି.ପ୍ର): ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା (ଅର୍ବାନ) ସିଡିପିଓ ସରୋଜିନୀ ଏକ୍କା। ଗତ ଚାରି ମାସର ଛତୁଆ ବିଲ୍ ପାସ୍ କରି ଦେବା ପାଇଁ ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଭାପତିଙ୍କ ଠାରୁ ସେ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସିଡିପିଓ ସରୋଜିନୀ ଏକ୍କାଙ୍କ ଠାରୁ ଭିଜିଲାନ୍ସ ଅଧିକାରୀମାନେ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛନ୍ତି। ସରୋଜିନୀ ଏକ୍କା ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଛି। ଗତକାଲି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଜଗତସିଂହପୁର ଜିଲ୍ଲା ଏରସମା ତହସିଲର ଗୋଡ଼ା ରାଜସ୍ୱ ନିରୀକ୍ଷକ (ଆରଆଇ) ନୃସିଂହ ଚରଣ ରାଉତ। ଏକ ଜମିର ମ୍ୟୁଟେସନ ପାଇଁ ସେ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ।

## ଅଗ୍ନି ପୀଡିତାଙ୍କୁ ସହୟତାର ହାତ ବଢାଇଲେ କଂଗ୍ରେସ ପ୍ରତିନିଧି ଦଳ

ଖଇରା, ୫/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ରାଉଳ ଙ୍କ୪ବଖରା ବାସଗୃହ ପୋଡି ଭସ୍ମିଭୁତ ହୋଇ ଯାଇଥିବା ବେଳେ ଖବର ପାଇ ଶୁକ୍ରବାର ସକାଳେ ପ୍ରଥମେ କଂଗ୍ରେସ ଯୁବନେତା ହିମାଂଶୁ ବେହେରା ତାଙ୍କ ବାସଭାବନରେ ପହଞ୍ଚି ବଦାନ୍ୟତାର ପରିଚୟ ଦେଇଛନ୍ତି । ନିରଞ୍ଜନ କାର୍ଯ୍ୟ ଅନ୍ୱେଷଣରେ ବାହାରକୁ ଚାଲିଯାଇଥିବା ବେଳେ ପତ୍ନୀ ମିଟି ରାଉଳଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧା ଲୁଗା ସହିତ ଆର୍ଥିକ ସହାୟତା ପ୍ରଦାନ କରି ମାନବିକତାର ପରିଚୟ ଦେଇଛନ୍ତି । ଆବଶ୍ୟକ ପଡିଲେ ଅଧିକ ସହାୟତା ପାଇଁ ପ୍ରତିଶୃତି ମଧ୍ୟ ଦେଇଛନ୍ତି । ହିମାଂଶୁଙ୍କ ସହ ପୁର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ର, ସିମୁଳିଆ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, କୈଳାସ ନାୟକ ପ୍ରମୁଖ ଏହି ଟିମରେ ସାମିଲ ଥିଲେ ।

## ସଫେଇ କର୍ମଚାରୀ ନନ୍ଦ ବେହେରା ନେଲେ ଅବସର

ଉଦଳା , ୫/୦୮ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ମଧ୍ୟରେ ନନ୍ଦ ବେହେରା ଚଳିତ ଅଗଷ୍ଟ ୦୧ ତାରିଖ ମଙ୍ଗଳବାର ଦିନ ତାଙ୍କ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରି ସହର ଗଠନରେ ସଫେଇ କର୍ମଚାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ଦିବ୍ୟାରତ୍ନା ଦାସ ଓ ଉପନଗରପାଳ ଲିଲି ଭୋଳ କାର୍ଯ୍ୟରେ ନିଷ୍ଠା ପାଇଁ ନନ୍ଦ ବେହେରାଙ୍କ ପ୍ରଶଂସା ଆଜି ସବୁଠି ଶୁଣିବାକୁ ମିଳୁଛି ବୋଲି କହିବା ସହ ଅନ୍ୟ ସଫେଇ କର୍ମଚାରୀ ମାନଙ୍କ ପାଇଁ ଆଜି ସେ ଦୃଷ୍ଟାନ୍ତ ପାଲଟିଛନ୍ତି ବ୍ୟକ୍ତ କରିଥିଲେ । କାଉନ୍‌ସିଲର ଶରତ ଚନ୍ଦ୍ର ଦାସ, ଧିରେନ୍ଦ୍ର ଖଣ୍ଡେଲୱାଲ, ଶୁଭଦୀପ ମହାନ୍ତି, ଉର୍ମିଳା ନାୟକ, ମମତା ଟୁଡୁ ପ୍ରମୁଖ



ନନ୍ଦ ବେହେରାଙ୍କ ସରଳ, ନିଷ୍କପଟ ହୃଦୟ ଆଜି ତାଙ୍କର ସମ୍ମାନକୁ ବହୁଗୁଣିତ କରିଛି ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଏହାପରେ ବସ୍ତ୍ର ଏବଂ ଉପଢ୍ୌକନ ପ୍ରଦାନ ପୂର୍ବକ ଶ୍ରୀଯୁକ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପ୍ରମୋଦ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଜୟ କୁମାର ପାଢ଼ି କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ ।

## ୬ ଗ୍ରାମ୍ ବ୍ରାଉନ୍ ସୁଗାର ସହ ଅଭିଯୁକ୍ତ ଗିରଫ

ପାରାଦୀପ, ୫/୦୮ (ନି.ପ୍ର): ପାରାଦୀପ ବୃନ୍ଦାବନ କଲୋନୀ ମଙ୍ଗଳା ପୀଠ ନିକଟରେ ଶୁକ୍ରବାର ଦିନ ସଂଧ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ହୁରସିୟାଁ ଗୋପାଳପୁର ଗ୍ରାମର ହରିହର ଜେନାଙ୍କ ପୁଅ ସମ୍ପଦ ଜେନା (ପିଣ୍ଟୁ) ବ୍ରାଉନ୍ ସୁଗାର ବିକ୍ରି କରୁଥିବା ସମୟରେ ପୋଲିସ୍ ଗିରଫ କରିଛି । ଅଭିଯୁକ୍ତ ସମ୍ପଦ ନିକଟରୁ ପୋଲିସ୍ ୬ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହ କୋର୍ଟ ଚାଲଣ କରିଥିବା ନେଇ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଜ ଦାସ ସୂଚନା ଦେଇଛନ୍ତି । ଶୁକ୍ରବାର ସଂଧ୍ୟାରେ ଅଭିଯୁକ୍ତ ପାରାଦୀପ ବୃନ୍ଦାବନ କୋଲନୀ ଏକ ନମ୍ବର ପ୍ଲଟ ଥିବା ମଙ୍ଗଳା ମନ୍ଦିର ନିକଟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଖବର ପାଇ ସବ୍ ଇନ୍ସପେକ୍ଟର ଯୁଧିଷ୍ଠିର ସାହୁ ଘଟଣାସ୍ଥଳରେ ପହଂଚି ଥିଲେ । ଅଭିଯୁକ୍ତକୁ ପୋଲିସ୍ ଗିରଫ କରିବା ପରେ ୩୧୫/୨୩ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଛି ।



## ଜଳେଶ୍ୱର ବଡବଜାର ଛକରେ ଲାଗିଲା ସିସି କ୍ୟାମେରା

ଜଳେଶ୍ୱର ୫/୮(ଅମର ଆଚାର୍ଯ୍ୟ): ଜଳେଶ୍ୱରରୁ ପଶ୍ଚିମବଂଗ, ବାଲେଶ୍ୱର, ଦୀଘା ଓ ଚନ୍ଦେନେଶ୍ୱର ଏବଂ ରାଇବଣିଆ ଅଂଚଳକୁ ଯିବାଲାଗି ବଡବଜାର ଛକ ଏକ ମୁଖ୍ୟସ୍ଥାନ । ବିଭିନ୍ନ ସମୟରେ ଅପରାଧିମାନେ ଜଳେଶ୍ୱର ଅଂଚଳରେ ଅପରାଧ ଘଟାଇ ଅନ୍ୟସ୍ଥାନକୁ ଯାଇ ପାରୁଛନ୍ତି । ସେମାନଙ୍କର ଗତିବିଧି ଜାଣିବା ଏବଂ ବଡବଜାର ଛକରେ ଅପରାଧିକରଣ କମାଇବାଲାଗି ସେଠାରେ ସିସି ଟିଭି କ୍ୟାମେରାର ଆବଶ୍ୟକତା ରହିଥିଲା । ଏହାକୁ ହୃଦ୍‌ବୋଧ କରି ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ ଗତ ଜୁଲାଇ ୧୯ ତାରିଖରେ ଜଳେଶ୍ୱର ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜରଙ୍କୁ ଅନୁରୋଧ କରିଥିଲେ । ସେ ତାଙ୍କ ଅନୁରୋଧ ରକ୍ଷା କରି ନଗରପାଳଙ୍କ ପ୍ରସ୍ତାବ ଅନୁଯାୟୀ ୧୧ନଂ ୱାର୍ଡ ବଡବଜାର ଛକଠାରେ ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟୀଙ୍କ ସୁରକ୍ଷାକୁ ଲକ୍ଷ୍ୟକରି ସିସିଟିଭି ଲଗାଇଛନ୍ତି । ଫଳରେ ନଗରପାଳ ଓ ପୌରବାସୀ ମ୍ୟାନେଜରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭଦ୍ରକ ତଥା ଓଡ଼ିଶାର ଜନସାଧାରଣଙ୍କ ପ୍ରତି ପୂର୍ବତଟ ରେଳ ଡିଭିଜନର ଶୋଷଣ ବିରୁଦ୍ଧରେ ପ୍ରତିବାଦ

ଭଦ୍ରକ, ୫/୦୮ (ନି.ପ୍ର): ପୂର୍ବତଟ ରେଳବାଇ ଓଡ଼ିଶାବାସୀଙ୍କୁ କରୁଥିବା ଚରମ ଶୋଷଣର ପ୍ରତିବାଦ କରିଛି ଉତ୍କଳ ସର୍ବୋଦୟ ମଣ୍ଡଳର ଭଦ୍ରକ ଶାଖା। ସଂପ୍ରତି ପୂର୍ବତଟ ରେଳ ବିଭାଗ ପକ୍ଷରୁ ଭଦ୍ରକ ଦେଇ ଚଳାଚଳ କରୁଥିବା ପାସେଞ୍ଜର ଟ୍ରେନ୍‌ରେ ଅତି ଅମାନୁଷିକ ଭାବେ ଏକ୍ସପ୍ରେସ୍ ଭଡ଼ା ଆଦାୟ କରାଯାଉଛି। ଦୈନନ୍ଦିନ ଗରୀବ, ଖଟିଖିଆ, ଶ୍ରମିକ ଶ୍ରେଣୀର ଲୋକେ ଲୋକାଲ (ପାସେଞ୍ଜର) ଟ୍ରେନ୍‌ରେ ଯାତାୟତ କରନ୍ତି। ସ୍ୱଳ୍ପ ପଇସା ଦେଇ ଲୋକେ ଏହି ଟ୍ରେନରେ ଯିବା ଆସିବା କରନ୍ତି। ଏକ ବିଚିତ୍ର କଥା ଯେ ଜଣେ ଲୋକ ବାଲେଶ୍ୱରରୁ କଟକ ଗଲେ ୪୦ଟଙ୍କା ଭଡ଼ା ଦେଉଥିବା ବେଳେ ଭଦ୍ରକରୁ କଟକ ଯିବାକୁ ୬୦ ଟଙ୍କା ଭଡ଼ା ଦେବାକୁ ପଡୁଛି। ସେହିପରି ସମାନ ଟ୍ରେନରେ ଭଦ୍ରକରୁ ବାଲେଶ୍ୱରକୁ ଯିବାକୁ ୪୦ ଟଙ୍କା ଭଡ଼ା ଦେବାକୁ ପଡୁଥିବା ବେଳେ ସେହି ଟ୍ରେନରେ ବାଲେଶ୍ୱରରୁ ଫେରିବା ସମୟରେ ବାଲେଶ୍ୱରରୁ ଭଦ୍ରକକୁ ୨୦ଟଙ୍କା ଭଡ଼ା ପଡୁଛି। ଭଦ୍ରକରୁ ବାଉଦପୁର ଷ୍ଟେସନ ମାତ୍ର ୩ କିମି ଦୂର ହୋଇଥିବା ବେଳେ ଭଡ଼ା ୩୦ଟଙ୍କା ପଡୁଥିବା ବେଳେ ମାତ୍ର ବାଲେଶ୍ୱରରୁ ବାଉଦପୁର ୬୪ କିମି ଦୂରତାକୁ ଭଡ଼ା ୩୦ଟଙ୍କା। ଭଦ୍ରକରୁ ସୋର, ମାର୍କୋଣା ଷ୍ଟେସନକୁ ୩୦ଟଙ୍କା ଭଡ଼ା ପଡୁଥିବା ବେଳେ ଫେରନ୍ତ ସମୟରେ ସେହି ମେମୁ ଟ୍ରେନ୍‌ରେ ଭଡ଼ା ମାତ୍ର ୧୦ଟଙ୍କା ପଡୁଛି। ଭଦ୍ରକ ଇଷ୍ଟକୋଷ୍ଟ ଡିଭିଜନ ଅଧିନରେ ଥିବା ବେଳେ ବାଲେଶ୍ୱର, ସୋର, ମାର୍କୋଣା ଆଦି ଷ୍ଟେସନ ଦକ୍ଷିଣ ପୂର୍ବ ରେଳ ଡିଭିଜନରେ ଯାଉଛି। ରେଳ ବିଭାଗର ଏହି ବୈଚିତ୍ର୍ୟମୟ ଭଡ଼ା ଆଦାୟକୁ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଶାଖା ଓ ଭଦ୍ରକର ଜନସାଧାରଣଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହିତ ଉଭୟ ଡିଭିଜନର ସମାନ ଦୂରତ୍ୱକୁ ସମାନ ପାସେଞ୍ଜର ଭଡ଼ା ନିଆଯିବାକୁ ଦାବି କରାଯାଇଛି। ଏହି ମର୍ମରେ ଏକ ଦାବୀପତ୍ର ସର୍ବୋଦୟ ମଣ୍ଡଳ ଭଦ୍ରକ ଶାଖା ସଭାପତି ଅମର ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ସମାଜସେବୀ ବିଶ୍ୱନାଥ ଅଗ୍ରୱାଲ, କୈଳାସ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ନାରାୟଣ ପାଢୀ, ଗୌରାଙ୍ଗ ପଣ୍ଡା, ସୁଧାକର ରାଉତ, ଡ. ଶିଶିର ମିଶ୍ର, ଯୁବନେତା ଭବାନୀ ଶଙ୍କର ନାୟକ, ରୁଦ୍ର ବେହେରା ପ୍ରମୁଖ ଭଦ୍ରକ ଷ୍ଟେସନ ମ୍ୟାନେଜର ସୁବାସ ସାହୁଙ୍କ ଜରିଆରେ ଉପରିସ୍ଥ ଅଧିକାରୀଙ୍କ ସମେତ ଭଦ୍ରକ ସାଂସଦ, ମାନ୍ୟବର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୩ମାସ ତଳେ ମଧ ଏହି ମର୍ମରେ ଏକ ଦାବୀପତ୍ର ରେଳବାଇ ପୂର୍ବତଟ ରେଳ ବିଭାଗର ପ୍ରବନ୍ଧକ, ମହାପ୍ରବନ୍ଧକ, ଷ୍ଟେସନ ମ୍ୟାନେଜର ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ଏହାର ପ୍ରତିକାର ନହେଲେ ଜନ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

## ବନ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ: ଦିବ୍ୟାଙ୍ଗ ରାଜେନ୍ଦ୍ରଙ୍କୁ ଉଚ୍ଛ୍ୱସିତ ପ୍ରଶଂସା

ନୀଳଗିରି , ୫/୦୮ (ନି.ପ୍ର): ମୁଁ ଯଦି ପାରୁଛି ଆପଣ କାହିଁକି ନୁହେଁ ର ନାରା ଦେଇ ନୀଳଗିରି ସମେତ ସାରା ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରି ସଚେତନତା ସୃଷ୍ଟି କରିଥିବା ଦିବ୍ୟାଙ୍ଗ ସମାଜସେବୀ ତଥା ପ୍ରକୃତିପ୍ରେମୀ ହେଲେ ନୀଳଗିରିର ରାଜେନ୍ଦ୍ର କୁମାର ଜେନା । ଶ୍ରୀ ଜେନା ଜଣେ ଦିବ୍ୟାଙ୍ଗ ହୋଇ ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବରଖି ବୃକ୍ଷ ରୋପଣ ତଥା ରକ୍ତଦାନ ଭଳି ବିଭିନ୍ନ ପରୋପକାରଧର୍ମୀ କାର୍ଯ୍ୟରେ ନିଜକୁ ସାମିଲ କରିଥାନ୍ତି । ଶନିବାର ପୂର୍ବାହ୍ନ ୧୧ସମୟରେ ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ବନ ମହୋତ୍ସବ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀ ଜେନା ବିଦ୍ୟାଳୟର ମୁଖ୍ୟ ଫାଟକର ଉଭୟ ପାର୍ଶ୍ୱରେ ଦୁଇଟି ଦେବଦାରୁ ଗଛ ଲଗାଇଥିଲେ । ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବନ ମହୋତ୍ସବ ଆଧାରିତ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଅନ୍ତିମ ପୁରସ୍କାର ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିନୋଦ ବିହାରୀ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ନୀଳଗିରି ବିଦ୍ୟୁତ୍ ବିଭାଗର ଏସଡିଓ ତଥା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପରିବେଶ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷ ରୋପଣ ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅନ୍ୟତମ ପ୍ରାକ୍ତନ ଛାତ୍ର ତଥା ନୀଳଗିରି ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପାର୍ଥସାରଥୀ ବାରିକ ଯୋଗଦାନ କରିଥିଲେ । ଏମାନଙ୍କ ବ୍ୟତିତ ବିଦ୍ୟାଳୟ କର୍ତୃପକ୍ଷ, ଆଲୁମିନି, ପ୍ରଧାନ ଶିକ୍ଷକ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟର କର୍ମଚାରୀ ମାନେ ଶ୍ରୀଯୁକ୍ତ ଜେନାଙ୍କ ଏପରି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।




## ରାଜ୍ୟ କିଷାନ କଂଗ୍ରେସ ଆହ୍ୱାନରେ ବାଲେଶ୍ୱର ଜିଲ୍ଲାରୁ କୃଷି ଓ କୃଷକର ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, ୫/୦୮ (ନି.ପ୍ର): ଚଳିତବର୍ଷ ବିଳମ୍ବିତ ଓ ଅନିୟମିତ ମୌସୁମୀ ଆସିବା ଫଳରେ ଖରିଫ ଧାନ ଫସଲ ଚାଷକାର୍ଯ୍ୟ ଧିମେଇ ଯାଇଛି। ସ୍ୱଳ୍ପବୃଷ୍ଟିପାତ ଯୋଗୁଁ ତଳି ମରିଯିବା ପୁଣି ବହୁକଷ୍ଟରେ ଚାଷୀ ବଞ୍ଚାଇଥିବା ତଳି ପୁଣି ଲଗାଣ ବର୍ଷା ଓ ବନ୍ୟା ଫଳରେ ପଚି ନଷ୍ଟ ହୋଇଯାଇଛି। ଅପରପକ୍ଷରେ ବର୍ତ୍ତମାନର କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଓ ଚାଷୀଙ୍କୁ ଅଣଦେଖା କରିବା ଯୋଗୁଁ ଚାଷକାର୍ଯ୍ୟରେ ଘୋର ବାଧା ଉପୁଜିଛି। ସୁତରାଂ ଧାନତଳି ନଷ୍ଟ ହୋଇଥିବା ଯୋଗୁଁ ଚାଷୀଙ୍କୁ କ୍ଷତିପୂରଣ ଦେବା, ଇନ୍‌ପୁଟ୍ ସବ୍‌ସିଡ଼ି ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲବୀମା ଅବଧି ଅଗଷ୍ଟ ୫ ପରିବର୍ତ୍ତେ ଅଗଷ୍ଟ ୧୫କୁ ବୃଦ୍ଧି କରିବା, ଖରିବ ଧାନଫସଲ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ତାରିଖ ଅଗଷ୍ଟ ୧୫ ପରିବର୍ତ୍ତେ ଅଗଷ୍ଟ ୩୧କୁ ବୃଦ୍ଧି କରିବା, ପ୍ରତି ଗ୍ରାମପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଫସଲ ବୀମା ୟୁନିଟ୍ ଭାବେ ଗ୍ରହଣ କରିବା, ପ୍ରଚଳିତ ରିଲିଫ୍ କୋଡ୍‌ର ସଂଶୋଧନ, ଅକାମୀ ହୋଇ ପଡ଼ିଥିବା ଉଠାଜଳସେଚନ ପଏଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଚାଷୀଙ୍କୁ ମାଗଣା ବିଜୁଳି ପ୍ରଦାନ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେବା, ପ୍ରତି ବ୍ଲକ୍‌ରେ ଅତିକମ୍‌ରେ ଗୋଟାଏ ଶୀତଳ ଭଣ୍ଡାର ନିର୍ମାଣ, ଜିଲ୍ଲାର ସମସ୍ତ ଚାଷୀଙ୍କୁ କାଳିଆ ଓ ପିଏମ୍ କିଷାନ ନିଧି ସମ୍ମାନ ଯୋଜନାରେ ସାମିଲ କରିବା, ଧାନ, ପାନ, ମୀନ, କାଜୁ, ଗୁଆ, ଚିନା, ନଡ଼ିଆ ଆଦି ପ୍ରାଚୁର୍ଯ୍ୟଭରା ବାଲେଶ୍ୱର ଜିଲ୍ଲାରେ କୃଷିଜାତ କଞ୍ଚାମାଲକୁ ନେଇ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରି ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା, ଉର୍ବର ବହୁଫସଲି ଚାଷଜମିକୁ ଅଣକୃଷି କ୍ଷେତ୍ରକୁ ପ୍ରଦାନ ନକରିବା, ଜିଲ୍ଲାରେ ପ୍ରବାହିତ ବୁଢ଼ାବଳଙ୍ଗ, ସୋଣ, ଗଙ୍ଗାହାର, ଜଳକା, କାଂଶବାଂଶ, ପିତାକାଳିଆ ଓ ସୁବର୍ଣ୍ଣରେଖା ନଦୀବକ୍ଷରେ ଛୋଟବଡ଼ ବ୍ୟାରେଜ୍‌ମାନ ନିର୍ମାଣ କରି ଜିଲ୍ଲାର ବ୍ୟାପକ ଚାଷଜମିକୁ କେନାଲ୍ ଦ୍ୱାରା ଜଳସେଚନର ସୁବ୍ୟବସ୍ଥା କରିବା ଆଦି ୧୬ ଦଫା ଦାବି ନେଇ ଆଜି ପୂର୍ବାହ୍ନରେ ସ୍ଥାନୀୟ ଫକୀର ମୋହନ ଗୋଲେଇଠାରୁ ଜିଲ୍ଲା କିଷାନ୍ କଂଗ୍ରେସ୍ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି କଚେରୀ ଦେଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରଦେଶ କିଷାନ କଂଗ୍ରେସ୍ ରାଜ୍ୟ ସାଧାରଣ ସଂପାଦକ ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କିଷାନ କଂଗ୍ରେସ ସେଲ୍ ରାଜ୍ୟ ଉପସଭାପତି ଯଶୋଦା ନନ୍ଦନ ସିଂ, ସେଲ୍‌ର ଜିଲ୍ଲା ସଭାପତି ଜୟନ୍ତ ମହାପାତ୍ର, କିଷାନ କଂଗ୍ରେସ୍ ବସ୍ତା ବ୍ଲକ୍ ସଭାପତି ପ୍ରଭାସ ମଣ୍ଡଳ, ସେଲ୍‌ର ନୀଳଗିରି ବ୍ଲକ୍ ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା ଉପସଭାପତି ମନୋରଞ୍ଜନ ପଣ୍ଡା, କମଳାକାନ୍ତ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ମଦନମୋହନ ଭକ୍ତା ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ମାରଣନୀତିର ତୀବ୍ର ସମାଲୋଚନା କରିବା ସହ ଜିଲ୍ଲାର କୃଷି ଓ କୃଷକର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ପରିଶେଷରେ ସୁରଜିତ୍ ପୋଥାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

***'ଧ୍ୱନି ପ୍ରତିଧ୍ୱନି' ୩୪ଶ ବାର୍ଷିକ ଉତ୍ସବ ନିମନ୍ତେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅଭିନନ୍ଦନ। ଏହି ଦିବସରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିବାସୀଙ୍କ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇଦେବା ପାଇଁ ଆମେ ସଂକଳ୍ପବଦ୍ଧ।***

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି, ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣମାନଙ୍କର।

୨. ସର୍ବସାଧାରଣ ରାସ୍ତା ଓ ଡ୍ରେନ୍‌ରେ ଅଳିଆ ଆର୍ବଜନା ପକାନ୍ତୁ ନାହିଁ। ନିଜ ଘରେ ବାହାରୁଥିବା ଓଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।

୩. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।

୪. ପଲିଥିନ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଂଚଳ ଗଠନରେ ସହାୟକ ହୁଅନ୍ତୁ।

୫. ବାହାରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।

୬. ଗୃହ ନିର୍ମାଣର ନକ୍ସା ପରିଷଦର କାର୍ଯ୍ୟାଳୟର ଅନୁମୋଦନ କରାଇ ନିଅନ୍ତୁ।

**ଦିବ୍ୟାରତ୍ନା ଦାସ**
ନିର୍ବାହୀ ଅଧିକାରୀ

**ଲିଲି ଭୋଳ**
ଉପ-ନଗରପାଳ ଓ ପରିଷଦର
ସମସ୍ତ କାଉନସିଲର ବୃନ୍ଦ

**ପ୍ରମିଳା ପଣ୍ଡା**
ନଗରପାଳ


## ପାରାଦୀପ ରିଫାଇନାରୀ ପକ୍ଷରୁ ଅନ-ସାଇଡ ମକଡ୍ରିଲ

ପାରାଦୀପ, ୫/୦୮ (ନି.ପ୍ର): ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଲେବୁଲ-୨ ଅନ-ସାଇଡ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।ନିଜ କମ୍ପ୍ଲେକ୍ସ ପାଇଁ ନିଆଯାଇଥିବା ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବକୁ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଏହି ଆପଦକାଳୀନ ମକଡ୍ରିଲ ଆୟୋଜିତ ହୋଇଥିଲା। ରିଫାଇନାରୀ କୌଣସି ଆପଦକାଳୀନ ପରିସ୍ଥିତିରେ କିପରି ସଫଳତାର ସହିତ ମୁକାବିଲା କରିବା ସେଥିପାଇଁ ରିଫାଇନାରୀର ଟେକ ହୋଲ୍ଡର ଏବଂ ମିଉଚୁଆଲ ଏଡ ଇଣ୍ଡଷ୍ଟ୍ରିଜ ସହଯୋଗରେ ଏହି ମକଡ୍ରିଲଟି କରାଯାଇଥିଲା। ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରଜେନ୍ସି ରେସ୍ପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ (ଇଆରଡିଏମପି) ଅନୁଯାୟୀ ରିଫାଇନାରୀ ଆପଦକାଳୀନ ସୁରକ୍ଷା ଟିମ, ସିଆଇଏସଏଫ ଫାୟାର ଉଇଙ୍ଗ, ପାରାଦୀପ ଫସଫେଟ୍ସ ଲିମିଟେଡ, ଇଫକୋ ପାରାଦୀପ ୟୁନିଟ, ପାରାଦୀପ ପୋର୍ଟ ଅଥରୀଟି ସହ ଆଇଓସିଏଲ ପାଇପ ଲାଇନ ସଦସ୍ୟ ପ୍ରମୁଖ ଏହି ମକଡ୍ରିଲ ରେ ଅଂଶ ଗ୍ରହଣ କରିଥିଲେ।ରିଫାଇନାରୀ ଏନଏଚଟି ଫିଡ ଟ୍ୟାଙ୍କ (୨୦୩-ଟିକେ-୦୦୧) ଉପରେ ବଜ୍ରପାତ ଯୋଗୁଁ ଯଦି କେବେ ନିଆଁ ଲାଗେ ତେବେ ତାକୁ କିପରି ସଫଳତାର ସହିତ ମୁକାବିଲା କରାଯାଇ ପାରିବ ବିଷୟବସ୍ତୁ ଉପରେ ମକଡ୍ରିଲଟି ଆଧାରିତ ଥିଲା।ତୈଳ ଓ ଗ୍ୟାସ ଶିଳ୍ପର ୩ ଜଣ ବିଶେଷଜ୍ଞଙ୍କ ଏକ କମିଟି ଯେଉଁମାନେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡର (ପିଏନଜିଆରବି) ଅନୁମୋଦିତ ତାଲିକାରେ ସ୍ଥାନ ପାଇଛନ୍ତି, ସେମାନେ ଏହି ମକଡ୍ରିଲ ସମୟରେ ବିଭିନ୍ନ ଟିମର କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଏହି ଡ୍ରିଲ ପରେ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନାରୀ ପ୍ରମୁଖ ଶ୍ରୀ ମୁକେଶ ମୋହନଙ୍କର ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ବିଷୟରେ ଆଲୋଚନା ହୋଇଥିଲା ଏବଂ ଏହୀ ମକଡ୍ରିଲର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।ସମସ୍ତ କର୍ତ୍ତୃପକ୍ଷ ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।



# ସ୍ୱନକ୍ଷତ୍ର ବିଶେଷାଙ୍କ







DADLS: 23

## ନୂଆ ଓଡ଼ିଶା : ପ୍ରଗତିର ନୂଆ ପରିଭାଷା

ଓଡ଼ିଶା ସରକାର

- ବିଗତ ଦୁଇ ଦଶନ୍ଧି ମଧ୍ୟରେ କୃଷି ଉତ୍ପାଦନରେ ଓଡ଼ିଶାର ଦ୍ରୁତ ଅଭିବୃଦ୍ଧି । ଏକ ନିଅଣ୍ଟିଆ ସ୍ଥିତିରୁ ଓଡ଼ିଶା ଏବେ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ଏବଂ ଧାନ ଉତ୍ପାଦନରେ ଏକ ବଳକା ରାଜ୍ୟ ।
- ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୧,୬୫୫ କୋଟି ଟଙ୍କାର ଅର୍ଥ ବରାଦ ।
- ମାଣ୍ଡିଆ ଏବଂ ଅନ୍ୟାନ୍ୟ ବାଜରା ଜାତୀୟ ଫସଲ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ 'ଓଡ଼ିଶା ମିଲେଟ୍ ମିଶନ୍' କାର୍ଯ୍ୟକ୍ଷମ । ରାଜ୍ୟର ୩୦ ଟି ଜିଲ୍ଲାର ୧୭୭ ବ୍ଲକ୍‌ରେ ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନକୁ ପ୍ରୋତ୍ସାହନ ।
- ରାଜ୍ୟର କ୍ଷୁଦ୍ର, ନାମମାତ୍ର, ଭୂମିହୀନ ଚାଷୀ ଏବଂ କୃଷି ଶ୍ରମିକଙ୍କ ପାଇଁ 'କାଳିଆ' ଯୋଜନାରେ ୧,୮୭୯ କୋଟି ଟଙ୍କାର ବ୍ୟୟବରାଦ ।
- କଳିଙ୍ଗ ଷ୍ଟାଡ଼ିୟମ୍‌ରେ ୧୪୦୦ ଦର୍ଶକ କ୍ଷମତା ବିଶିଷ୍ଟ ଟେନିସ୍ ଷ୍ଟାଡ଼ିୟମ୍ ପ୍ରତିଷ୍ଠା କରି ଓଡ଼ିଶା ଏବେ ବିଶ୍ୱ ଟେନିସ୍ ଜଗତରେ ସୁପରିଚିତ ।
- ରାଜ୍ୟର ଶିଶୁ ଓ ମହିଳାଙ୍କୁ କୁପୋଷଣରୁ ମୁକ୍ତ ରଖିବା ପାଇଁ ଓଡ଼ିଶା ଦ୍ୱାରା ଦେଶର ପ୍ରଥମ 'ଓଡ଼ିଶା ପୋଷଣ ବଜେଟ୍ ୨୦୨୩-୨୪' ଉପସ୍ଥାପନ ।
- ରାଜ୍ୟର ଅପହଞ୍ଚ ଅଞ୍ଚଳରେ ଶିଶୁ, କିଶୋରୀ ଓ ମହିଳାଙ୍କୁ ଉନ୍ନତ ପୁଷ୍ଟି ଯୋଗାଣ ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ରେ ୨୫୦ କୋଟି ଟଙ୍କାର ବ୍ୟୟ ବରାଦ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତିମାସରେ ୭୫ ହଜାର ସ୍ମାର୍ଟ କାର୍ଡଧାରୀ ଗୁରୁତର ରୋଗୀ ରାଜ୍ୟ ଭିତରେ ଏବଂ ବାହାରେ ଅନୁବନ୍ଧିତ ପ୍ରମୁଖ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।
- ସୁଗମ ହେଉଛି ଗମନାଗମନ, ଆସୁଛି ପରିବର୍ତ୍ତନ । ୩ ହଜାର କି.ମି. ଡବଲ୍ ଲେନ୍ ରାସ୍ତା ଓ ୯ ଟି ପ୍ରମୁଖ ସେତୁର ବିକାଶ ପାଇଁ ରାଜ୍ୟ ସଡ଼କ ଯୋଜନାରେ ୬ ହଜାର କି.ମି. ରାସ୍ତା ନିର୍ମାଣ ପାଇଁ ୨୦୬୧ କୋଟି ଟଙ୍କାର ବ୍ୟବସ୍ଥା ।
- ୧.୫ ଲକ୍ଷରୁ ଉର୍ଦ୍ଧ୍ୱ ଜନଜାତି ପରିବାରଙ୍କ ଜୀବନଜୀବିକାକୁ ସଶକ୍ତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୫୦୦ କୋଟି ଟଙ୍କା ବ୍ୟୟରେ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍' ଆରମ୍ଭ ।
- ବେରୋଜଗାରୀ ହ୍ରାସରେ ଓଡ଼ିଶାର ସଫଳତା । ଦେଶର ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ଓଡ଼ିଶା ।
- ସୁନିଶ୍ଚିତ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା । ଗ୍ରାମାଞ୍ଚଳ ପାଇଁ ୧୩,୨୧୫ କୋଟି ଟଙ୍କା, ବସୁଧା ଯୋଜନାରେ ୪,୭୫୦ କୋଟି ଟଙ୍କା, ଜଳଜୀବନ ମିଶନ ପାଇଁ ୫,୭୫୦ କୋଟି ଏବଂ ସହରାଞ୍ଚଳ ଜଳଯୋଗାଣକୁ ବ୍ୟାପକ କରିବା ପାଇଁ ଆବଶ୍ୟକୀୟ ଅର୍ଥ ବରାଦ ।
- ଚଳିତ ରାଜ୍ୟ ବଜେଟ୍‌ରେ ସହରାଞ୍ଚଳ ବିକାଶକୁ ରାଜ୍ୟ ସରକାରଙ୍କ ସର୍ବାଧିକ ଗୁରୁତ୍ୱ । ସହରାଞ୍ଚଳ ବିକାଶ ପାଇଁ ଖର୍ଚ୍ଚ ହେବ ୭,୯୧୪ କୋଟି ଟଙ୍କା ।
- ମିଶନ ଶକ୍ତି ମହିଳା ହେବେ ଆହୁରି ସଶକ୍ତ । ୨୦୨୩-୨୪ ବଜେଟ୍‌ରେ ୨,୫୫୪ କୋଟି ଟଙ୍କାର ବ୍ୟୟବରାଦ । ରାଜ୍ୟ ସରକାରଙ୍କ ଅଭିନବ 'ମିଶନ ଶକ୍ତି ସ୍କୁଟର ଯୋଜନା'ର ଶୁଭାରମ୍ଭ ।

ସୂଚନା ଓ ଲୋକସମ୍ପର୍କ ବିଭାଗ






OIPR: 15001/13/0078/2324

## ସ୍ୱନକ୍ଷତ୍ର ଉତ୍ସବର ଶୁଭେଚ୍ଛା

ଧ୍ୱନି ପ୍ରତିଧ୍ୱନିର ୩୪ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଓ ସାଧାରଣ ଲୋକଙ୍କର ସୁଖ ଦୁଃଖର ସାଥୀ ହେଉ ଏତିକି ମୋର କାମନା ।



**ନିଶାକର ସେଠୀ**

ଜିଲ୍ଲା ପରିଷଦ ସଦସ୍ୟ ୨୨ ନଂ ଜୋନ୍, ଲଙ୍ଗଳେଶ୍ୱର, ବାଲେଶ୍ୱର

## ସ୍ୱନକ୍ଷତ୍ର ଉତ୍ସବର ଶୁଭେଚ୍ଛା

ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ୩୪ ତମ ଜନ୍ମୋତ୍ସବ ପାଳନ ଅବସରରେ ମହାବିଦ୍ୟାଳୟ ରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଉ ଏହା ଜଗତର ନାଥ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।



**ରାଜକିଶୋର ବାରିକ**

ଅଧ୍ୟକ୍ଷ କମଳ କୁମାରୀ ସଂସ୍କୃତ ମହିଳା ହାବିଦ୍ୟାଳୟ, ପଞ୍ଚୁପାଲି, ବାଲେଶ୍ୱର

# ସ୍ୱନକ୍ଷତ୍ର ବିଶେଷାଙ୍କ



## ଝିଅର ଫୁଲ ବଗିଚା
### ସାବିତ୍ରୀ କବି



ଝିଅ ଏତେ ସୁନ୍ଦର !
ଝିଅଠୁଁ ବେଶି ସୁନ୍ଦର ଆଉ କିଏ ?
ଝିଅ ଫୁଲପରି ନା ଫୁଲ ଝିଅପରି,
ଝିଅ ବୋଧେ ଫୁଲପରି,
ଫୁଲ ବୋଧେ ଝିଅପରି ।
ଝିଅ ଫୁଲକୁ ଭଲପାଏ,
ଫୁଲପରି ଦିଶେ, ଫୁଲପରି ହସେ,
ଫୁଲପରି ବାସେ,
ତା ନରମ ନରମ ହାତର ସ୍ପର୍ଶରେ
ଫୁଲଗଛ ପୁନର୍ଜନ୍ମ ପାଏ ।
ତା ଫୁଲ ବଗିଚା ଏତେ ସୁନ୍ଦର,
ଆଖି ଫେରେଇ ହୁଏନି,
ସେ ଭୋକଶୋଷ ନିଦ ଭୁଲି
ତା ବଗିଚାରେ ବସେ ଘଣ୍ଟାଘଣ୍ଟା,
କୋଉ ଗଛର କେତୋଟି ଫୁଲ କଢ଼,ପତ୍ର,
ସବୁ ତା ହିସାବରେ ଥାଏ ।
ସେ ଗଛମାନଙ୍କୁ ଆଉଁସାଏ,
ଫୁଲମାନଙ୍କୁ ଗେହ୍ଲା କରେ,
ଓଠ ଛୁଆଁଏ, ତା ଆଖି ମୁଦି ହୋଇଯାଏ,
ଏକ ଅନିର୍ବଚନୀୟ ସୁଖଦ ଅନୁଭବରେ,
ଝିଅ ସାରାରାତି ସ୍ୱପ୍ନଦେଖେ ଫୁଲମାନଙ୍କୁ,
ଫୁଲଟିଏ ମଉଳିଗଲେ ସେ କାନ୍ଦେ
ପତ୍ରଟିଏ ଝରିପଡିଲେ ସେ କାନ୍ଦେ,
ଟୁକୁରା ଟୁକୁରା ହୋଇ ଭାଙ୍ଗିପଡ଼େ ।

ସେ ସ୍ୱପ୍ନରେ ଫୁଲମାନଙ୍କ ସହ ଖେଳେ,
ବିଳିବିଳେଇ ହୁଏ,
ସେମାନଙ୍କ ରଙ୍ଗ ପରଖେ,
ତା ଚିତ୍ରଖାତାରେ ଆଙ୍କେ
କେତେକେତେ ସୁନ୍ଦର ଫୁଲମାନଙ୍କ ଚିତ୍ର,
ଫୁଲ ତା ଆତ୍ମା ତା ଜୀବନ,
ଝିଅର ସକାଳ ହୁଏ
ଫୁଲଙ୍କ ଗହଣରେ, ସଂଜ ବି ।
ସେ କଣ କହେ ଫୁଲମାନଙ୍କୁ,
ଫୁଲମାନେ କଣ କହନ୍ତି
ଚୁପିଚୁପି ତା କାନରେ,
ଝିଅ ଏତେ ହସେ,
ହସିହସି ବେଦମ ହୁଏ
ଏକବାର ପାଗିଳିଙ୍କ ପରି,
ଫୁଲମାନେ ଖୁସିରେ ଉଛୁଳନ୍ତି,
ଗଛମାନେ କୁରୁଳି ଉଠନ୍ତି ତା ଛୁଆଁରେ,
ଝିଅ କଣ ଫୁଲମାନଙ୍କର ମାଆକି ?

ଋତୁ ବଦଳେ,
ବଗିଚାର ଚେହେରାବି ବଦଳିଯାଏ
ନୂଆନୂଆ ଫୁଲକଢ଼ ନଦି ହୋଇଯାଏ
ଝିଅ ଆଖିରେ ନୂଆନୂଆ ରଙ୍ଗିନ ସ୍ୱପ୍ନପରି,
ଜୀବନ କଣ ଝିଅର ଫୁଲବଗିଚା,
ଫୁଲବଗିଚା କଣ ଝିଅର ହାତଅଙ୍କା ଛବି ?

ତାର ଏ ପାଗଳାମି ଅନ୍ୟମାନଙ୍କୁ
ଖୁବ ନିରର୍ଥକ ମନେହୁଏ,
କହନ୍ତି, ଇଏ ଦ୍ୱିତୀୟ ସଂସ୍କରଣ
ତା ମାଆର
ମୁଁ କହେ ସେ ସୁନ୍ଦର ଫୁଲଟିଏ
ତା ବଗିଚାର ।

ସ୍ୱର୍ଗର ନନ୍ଦନକାନନ ମୁଁ ଦେଖିନାହିଁ
ଅପ୍ସରୀ ଓ ଇନ୍ଦ୍ରପୁରୀ କଥା ମୁଁ ଶୁଣିଛି,
ଏସବୁର ସଠିକ ସଂଜ୍ଞା ହୁଏତ
କହିପାରିବ ଝିଅ ।
ତା ଫୁଲ ବଗିଚା କଣ ସ୍ୱର୍ଗକି
ଝିଅ କଣ ସତରେ ଅପ୍ସରୀ ,
ତା ସ୍ୱପ୍ନର ଘର କଣ ସରଗର ଇନ୍ଦ୍ରପୁରୀ ?
ଝିଅ ବୋଧେ ଫୁଲପରି,
ଫୁଲ ବୋଧେ ଝିଅପରି ।

ବିଶ୍ୱନାଥପୁର, ରାହାଂଜ,
ରାଣୀତାଲ, ଭଦ୍ରକ

## କଳା ସାଆନ୍ତ
### ଶଶିକାନ୍ତ ନାୟକ



ଆସ ସଖୀ ଯିବା ପୁରୁଷୋତ୍ତମ
ଦେଖିବା ପୂରାଇ ନେତ୍ର ।
ଘଣ୍ଟ ଘଣ୍ଟା ଭେରି ଉଛୁଳି ପଡୁଛି
ବଡ ଦାଣ୍ଡ ଭାରି ଭିଡ଼ ।
ବରଷକ ପରେ କଳା ସାଆନ୍ତ ସେ
ଯାଉଛି ମାଉସୀ ଘର ।

ହେଇ ଦିଶିଲାଣି ପତିତପାବନ
ନେତ ଉଡେ ଫର ଫର
ଚନ୍ଦନପୁରରୁ ଶୀରିଖେତରକୁ
ନାହିଁ ଆଉ ବେଶି ଦୂର ।
ସଖୀ ଗୋ ବେଇଗି ବେଇଗି ଚାଲ..

କିଏ ସେ ଭକତ ପୁରସ୍ତମ ଯାଏ
ହାତରେ ତା ଶୀରିଫଳ ।
ବଇଂଶୀ ବାଲା ସେ ବାଇଆ କରିଛି
ତାକୁ ଲାଗିଛି ଜଗାର ଡୋର ।

ବାଟରେ ଦେଖିବୁ ବାଟ ମଗଂଳାକୁ
ଆଶିଷ ଦିଅନ୍ତି ଢାଳି
ଚରଣେରେ ତାଙ୍କ ପ୍ରଣତି ଢାଳିବୁ
ଘିଅ ଦୀପଟିଏ ଜାଳି ।
ସଖୀଗୋ ମନରେ ଶରଧା ଭରି
ଲୋକ ଗହଳିରେ ରଥ ଟାଣୁଥିବୁ
ବଡ ଦାଣ୍ଡ ଧୂଳି ବୋଳି ।

ରଥ ଗଡୁଥିଲେ ଚକ ଗଡୁଥାଏ
ଘୁଁ ଘୁଁ ରଡି କରି
ଭକତ ମେଳରେ ରଥ ଭିଡୁଥିବୁ
ରଥର ଦଉଡି ଧରି ।
ସଖୀ ଗୋ ସେ ତ ମହାବାହୁ ଚକ୍ରଧାରୀ ।

ପଛରେ ଆସୁଛି ନନ୍ଦିଘୋଷ ରଥ
ଶୁଭେ ଡାହୁକର ସ୍ୱର ।
କଳା ସାଆନ୍ତଂକୁ ରଥରେ ଦେଖିଲେ
ପୂନର ଜନ୍ମ ନାହିଁ ତୋର ।

+ କଳିଂଗ ନଗର , ପ୍ଲଟ ନଂ ୫୧୧
ଘାଟିକିଆ, ଭୁବନେଶ୍ୱର

## ଥୁଣ୍ଟା ଗଛ
### ବାବାଜୀ ଚରଣ ଜେନା



ଅଭିମାନ କଲେ ଥୁଣ୍ଟା ଗଛ ପାଖେ
ଦେଇ ପାରେ କିବା ଛାଇ
ବୟସର ଏଇ ଅପରାହ୍ନେ ସିଏ
ଭଲରେ ଅଛିକି ଜିଇଁ
ଅଭିମାନ କଲେ... ।୦।

କତେ ଅଭିମାନ କେତେ ଅଭିଯୋଗ
ଶୁଣିଶୁଣି ସିଏ ବୁଢା
କହୁଥାନ୍ତି ଲୋକେ ହୃଦୟଟି ତା'ର
ପଥରେ ଯେମିତି ଗଢା
କାହାକୁ ସେ କେତେ ହଁଅ କହୁଥିବ
କାହାକୁ କରିବ ନାହିଁ
ଅଭିମାନ କଲେ... ।୧।

ଲମ୍ବା ହୋଇ ଯାଏ ଚଲାପଥ ଧାର
କେତେ ସେ ଚାଲିବ କୁହ
ଜୀବନ ଯାତ୍ରାର ଭିତର ଯେମିତି
ହଜିଛି ତା'ପରିଚୟ
ମନ ଭାବନାକୁ ବୁଝେନା ତ' କେହି
ବଞ୍ଚିଅଛି ଲୁହ ପିଇ
ଅଭିମାନ କଲେ... ।୨।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

## ମିଛର ବଣରେ
### କାଳିକିଙ୍କର



ଛାତିଏ ପାଣିରେ
ହୃତପିଣ୍ଡ ଭାସୁଥିଲା କେତେଖଣ୍ଡ
ଦୂରଦୂରାନ୍ତରେ ଚଢ଼େଇମାନେ
ଅଦୃଶ୍ୟ ହେବାଯାଏ
ରକ୍ତାକ୍ତ ହେଉଥାଏ ଦେହ

ଗାଁର ଦେହ, ପ୍ରଦେଶର ଦେହ
ଦେଶର ଦେହ
ସ୍ୱର୍ଗକୁ ଶିଢିଟିଏ ଲଗେଇଥିବା
ବିଶ୍ୱାତ୍ମାର ଦେହ
ଯେଉଁଠି ମିଛର ବଣରେ
ନା ଥାଏ ହୃଦୟ ନା ହୃତପିଣ୍ଡ,
ଭୋକରେ ଶୋକରେ
ଛଟପଟ ଜୀବନ ।

ଖଣ୍ଡିଏ ଉଲକାପିଣ୍ଡ
ଛାତି ଉପରେ ଖସିପଡ଼ିଲା
ଗାଁର ଛାତିରେ ପ୍ରଦେଶର ଛାତିରେ
ଦେଶର ଛାତିରେ
ଛିଟିକି ପଡିଲା ହୃତପିଣ୍ଡ

ବିବେକ ଏକ ଶୁନ୍‌ଶାନ୍
ମିଛର ବଣରେ ବାଟହୁଡ଼ା
ଯେମିତି ଆଜି ଦେଶରେ
ଚାଳକମାନେ ବ୍ରେକ ନଥିବା
ଗାଡ଼ିରେ ସବାର ହୋଇ
ପୂର୍ଣ୍ଣରୁ ଶୂନ୍ୟ ମହାଶୂନ୍ୟ ।

ମିଛର ବଣରେ ମେଘ ବର୍ଷିଲା
ଗଛପତ୍ର ପଶୁପକ୍ଷୀ ଯେତେ ସରୀସୃପ
ଏଇଠୁ ଆରମ୍ଭ ସେଇଠି ଅନ୍ତ

ମୁଁ କେତେକାଳରୁ
ଭାସିଯାଉଥିବା ମୋର ହୃତପିଣ୍ଡକୁ
ଆଧୁନିକ ଚିକିତ୍ସାଶାସ୍ତ୍ରରେ
ସ୍ପନ୍ଦିତ କରିବାର ଚେଷ୍ଟାରେ
ବାରମ୍ବାର ପରାସ୍ତ

ଗାଁରେ ମିଛବଣ ପ୍ରଦେଶରେ ମିଛବଣ
ଦେଶରେ ମିଛବଣ ବିଶ୍ୱରେ ମିଛବଣ
ମିଛର ବଣରେ ଆଜିର ଜୀବନ
ଈଶ୍ୱର ବି ଆଜି ଅଭିଶପ୍ତ ।

+ ସୌଭାଗିନୀ ନିବାସ, ରଟିଲୋ
ରେଂଚ, ପୁରୀ-୭୫୨୧୧୪
ମୋ-୮୨୪୯୨୧୬୦୬୭

## ଚଳଣି
### ପ୍ରିୟନାଥ ପାଣି



ପଛରୁ ଛାଡି ଆସିଥିବା
ବାପାଙ୍କ ଶାସନ
ସଂସାର ଭିତରେ
ମୁଣ୍ଡ ଟେକୁଥିବା
ବୋଉର ଅଗଣତି ଅନ୍ଧବିଶ୍ୱାସ
ଆମ ଦୁଷ୍ଟାମିର ଲମ୍ବାତାଲିକା
ଯେମିତି ଅଳନ୍ଧୁ ହେଇ ଝୁଲିପଡିଛି ଜୀବନ
କୋଣରେ
ଏଇ ଚଳଣିରେ ।

ଉତ୍ତରଦାୟାଦଙ୍କ ଔଦ୍ଧତ୍ୟରେ ଭାଙ୍ଗିପଡୁଛି
ସବୁ ପରମ୍ପରା
ଉଁ ଚୁଁ କରିବାର ନାହିଁ
ଫୁଟା ଡଙ୍ଗାରେ ବସିବା ଭାରି ଅସହଜ
ନିରୁତା ସ୍ନେହର ଉଭାନ୍
ଭାରି ଅସ୍ତବ୍ୟସ୍ତ କରେ
ଅବଶ ହେଇପଡେ ଜିଇଁବାର ଭୋକ ।

ନିଜରପଣରେ ଏତେ ଶୂନ୍ୟ ସ୍ଥାନ
ପୂରଣ କରିବାକୁ ମନପାଏନି
କ୍ଷୁଦ୍ର ପୃଥିବୀରେ ସବୁବେଳେ ଆପଣା
ଆପଣାର ଲଢେଇ
ସବୁବେଳେ ଏକତରଫା ବୁଝାମଣା ।

ସ୍ୱାର୍ଥ ଜୁଡୁବୁଡୁ ପ୍ରସ୍ତାବିତ
ଆତ୍ମକାହାଣୀର ଆଭାଷ
ପଢିହୁଏ ସିନା ବୁଝିହୁଏନି
ସେଇ ପୁରୁଣା ଚଳଣିରେ ଥିଲା ମହକ
ଥିଲା ଦାୟିତ୍ୱ
ଥିଲା ଭାଇଚାରା ଅଧିକାରର ଏକ
ମନୋଜ୍ଞ ବିଜ୍ଞାପନ ।

+ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧



## ପ୍ଲାଟଫର୍ମ
### ସୁକାନ୍ତି ନନ୍ଦ

ମୁଣ୍ଡ ଗୁଞ୍ଜିବା ପାଇଁ ଘର
ଅବାଟରେ ଧାଉଁଥିବା ମନ ପାଇଁ ଧର୍ମ ସଭା
ଆରୋଗ୍ୟ ପାଇଁ ଚିକିତ୍ସାଳୟ
ମୋକ୍ଷ ପାଇଁ ଶ୍ମଶାନ
ଗୋଟ ଗୋଟେ ପ୍ଲାଟଫର୍ମ !

ସେଇଠୁ ବାହାରିଥାଏ ଲମ୍ବା ଲମ୍ବା ରାସ୍ତା
ମଝିରେ କେବଳ ଭିନ୍ନ ଭିନ୍ନ ଠିକଣା
ଯିଏ ଯାହାର ଯେଉଁଠି ଓହ୍ଲାନ୍ତି
ହାତ ଲମ୍ୱେଇ କୁହନ୍ତି ବିଦାୟ, ବିଦାୟ !

ଇଚ୍ଛା ଅନିଚ୍ଛାର ପଶ୍ନ ଉଠେନା
ପାପ, ପୂଣ୍ୟର ଗଣ୍ଠିଲି ଧରି
ବେଳେବେଳେ ସ୍ରୋତରେ ହଜିଯିବାକୁ ହୁଏ ।
ପଛରେ ଅଟକିଯାନ୍ତି ଘର, ସହର
ଜ୍ଞାତି, କୁଟୁମ୍ବ, ସ୍ମୃତି, ସମ୍ପଦ
ଆଗକୁ ଖାଲି ଆଗକୁ ଯିବା ପାଇଁ
ଆଖିରେ ଚମକୁଥାଏ ସବୁଜସ୍ୱପ୍ନ ।

ସୁରକ୍ଷିତ ପରିଚ୍ଛନ୍ନ ଜାଗା ହିଁ ତ ପ୍ଲାଟଫର୍ମ !
ସମସ୍ତେ ଲୋଡନ୍ତି
ତିଆରନ୍ତି ନିଜ ନିଜ କୌଶଳରେ
ଯେମିତି ମାଟି ହୁଙ୍କାରେ ଉଇ
ଅରମା ବସାରେ ଚଢେଇ
ପଦ୍ମବନରେ ନାଗ
ବନ୍ଦୀଶାଳାରେ ଦେବକୀ
ପୂଜାବେଦୀରେ ଈଶ୍ୱର !

ରାଜା କି ରଙ୍କ, ସାଧୁ ଅବା ବର୍ବର
ସମସ୍ତଙ୍କ ପାଇଁ ପ୍ଲାଟଫର୍ମ ଖୋଲା
ସମୟ ଅସମୟ ନଦେଖି
ପାଲିସ୍ ସିମେଣ୍ଟ ବେଞ୍ଚରେ ବସି ପଡିଲେ
ଆଶିଷ ଭଳି ବିଞ୍ଚିଦିଏ
ଥୋପା ଥୋପା ରକ୍ତ କୃଷ୍ଣଚୂଡା ।

ପ୍ଲାଟଫର୍ମ ସବୁ ଆରମ୍ଭ
ଆଉ ଶେଷରେ ଗୋଟେ ନୀରବ ମୁହାଣ
ଜନ୍ମ ମୃତ୍ୟୁ ଭିତରେ ଗୋଟେ ମଜବୁତ୍ ସେତୁ
ଥାଉ ଅବସୋସ ଥାଉ ଖାଲିପଣ ଥାଉ
ଶୂନ୍ୟତା
ଲାଲ୍ ଦିଗଟିଏ ପାଇଁ
ତୁମକୁ, ମତେ- ସଭିଙ୍କୁ ଦେଖାଏ
ସିଧାରାସ୍ତା ।

❤ ଗୁଡିଆ ସାହି, ପୁରୀ,
(ମୋ) :୯୩୩୭୦୪୮୨୬୩

## ମଣିପୁର ହିଂସା
### ଅଂଜଳି ପଣ୍ଡା



ହିଂସାର ଅନଳେ ଦଗ୍ଧୀଭୂତ ବିଶ୍ୱ
ଈର୍ଷାର ଇନ୍ଧନ କଲା ସର୍ବନାଶ
ଜାତି, ଧର୍ମ, ବର୍ଣ୍ଣ
ବିଭେଦ ପ୍ରାଚୀରେ
ଘୃତ ସମ ଜଳେ ଯଜ୍ଞ ଆହୁତିରେ ।

ସର୍ବଗ୍ରାସୀ ନିଆଁର
ଲେଲିହାନ ଶିଖା
ଜତୁଗୃହ ସମ ଜଳାଏ ସେ ଏକା
ପୋଡିଯାଏ କେତେ ପିଲାଙ୍କ ଭବିଷ୍ୟ
ଉଚ୍ଛନ୍ନ ଦେଶ ଓ ଜାତିର ମହତ ।

ଛାତ୍ରଛାତ୍ରୀ ଛାଡି ନିଜ ପାଠଶାଠ
ବିସ୍ଥାପିତ ଜୀବନ କାଟନ୍ତି ଅନେକ
ନାହିଁ ବନ୍ୟା ନାହିଁ ତ ମରୁଡି
ରିଲିଫ କ୍ୟାମ୍ପରେ ଖାଦ୍ୟର ଅଭାବୀ
ମରିହତି ଯାନ୍ତି ଶହଶହ ଜୀବନ
ଧନ୍ୟ କହିବ ଏ କି ଜିଦ୍ ପଣ !
ନାରୀଙ୍କ ପ୍ରତି ଏ ଅବମାନନା
ଲଜ୍ଜ୍ୟା ହୀନତାର ନାହିଁ ତ ତୁଳନା
ମୃତ୍ୟୁ ଦଣ୍ଡ ସିନା ଅଟଇ ଉଚିତ
ତଥାପି ନହେବ ରୋଷ ଅପ୍ରମିତ ।

ସାରା ବିଶ୍ୱ ଆଖି ମଣିପୁର ଉପରେ
ନାରୀ ଉଲଗ୍ନତା ବିଶେଷ ଭାବରେ
ନାହିଁ ଲଜ୍ଜ୍ୟା ନାହିଁଟି ହୃଦୟ
ଧନ୍ୟ ତାଙ୍କ ଆଖି ଆତ୍ମା ଓ ବିବେକ
ଗଣ ବଳାତ୍କାର କୁକୁର ପ୍ରବୃତ୍ତି
କାମାନ୍ଧ ପୁରୁଷ ପୌରୁଷ ଦେଖାନ୍ତି
ଆଦିମତା ଗୁଣ ବିବେକଶୂନ୍ୟ
ଧିକ୍ ଧିକ୍ ତାଙ୍କ ମଣିଷ ଜନ୍ମ ।

ଏକ ବସ୍ତ୍ର ହରଣେ ମହାଭାରତ
ଏକ ନାରୀ ଅପହରଣେ ରାମାୟଣ
ଆଜି ନାରୀର ଉଲଗ୍ନତା
ଜଳୁଛି ହୁତାଶନ
ଭାରତୀୟ ସଂସ୍କୃତିର ଲଭୁଛି ମରଣ ।

+ ବାଲେଶ୍ୱର

## 'ଧ୍ୱନି ପ୍ରତିଧ୍ୱନି'ର ୩୪ବର୍ଷର ଜନ୍ମଦିନରେ ଅନୁଚିନ୍ତା
### କାଳୀପଦ ପଣ୍ଡା



ସ୍ୱାଧୀନ ଭାରତବର୍ଷରେ ସୁଶାସନ ପ୍ରତିଷ୍ଠା କରିବା ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦିଓ ଏବେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ହେତୁ ବୈଦ୍ୟୁତିକ ଗଣମାଧ୍ୟମର କାୟାବିସ୍ତାର ଘଟିଛି ମାତ୍ର ମୁଦ୍ରିତ ଗଣମାଧ୍ୟମ ବା ପ୍ରିଣ୍ଟମିଡ଼ିଆର ବିକଳ୍ପ ନାହିଁ । ତାହା ହିଁ ଚିରନ୍ତନ । ବିସ୍ତୃତ ସମାଚାର ଲୋକଙ୍କୁ ପରିବେଷଣ ପ୍ରିଣ୍ଟମିଡ଼ିଆ ହିଁ କରିଆସିଥାଏ । ଶୁଣିବା ଓ ଦେଖିବା ଠାରୁ ପଢ଼ିବା ଭିତରେ ଚିନ୍ତ ଓ ଚେତନାରେ ଯେଉଁ କସରତ ଘଟେ ତାହା ବ୍ୟକ୍ତିର ସ୍ମୃତିଶକ୍ତିରେ ଅଧିକ ସ୍ଥାୟୀତ୍ୱ ଲଭେ । ଏଇ କ୍ରମରେ ମୁଦ୍ରିତ ଗଣମାଧ୍ୟମ ଆଜି ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି । ତଥାପି ତା'ର ଜୟଯାତ୍ରା ଅବ୍ୟାହତ ରହିଛି ।

ଗୋଟିଏ ସମ୍ବାଦ ସରବରାହ ସଂସ୍ଥା ସେ ଦୈନିକ ହେଉ ଅଥବା ସାପ୍ତାହିକ, ପାକ୍ଷିକ କିମ୍ବା ମାସିକ, ସେମାନେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ମଧ୍ୟରେ କାର୍ଯ୍ୟ କଲେ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଭାବେ ପରିଚୟ ପାଇଥାନ୍ତି । ସେମାନଙ୍କର ଲକ୍ଷ୍ୟ ବା ଉଦ୍ଦେଶ୍ୟ ଏକ ଏକ ଆଦର୍ଶବାଦକୁ ନେଇ ଆଗେଇବା ଉଚିତ । ଦିଲ୍ଲୀର ଏକ ସାପ୍ତାହିକ ସମ୍ବାଦପତ୍ର 'କାଳଚକ୍ର'ର ସଂପାଦକ ଦିନେ 'ହାୱାଲା' ଭଳି ଏକ ଚର୍ଚ୍ଚିତ ସ୍କାଣ୍ଡାଲ୍‌କୁ ସାରା ଦେଶରେ ଜଣାଇବାରେ ସମର୍ଥ ହୋଇ ତା'ର ନାମକୁ ଲୋକଲୋଚନରେ ପ୍ରତିଷ୍ଠା କରାଇ ପାରିଥିଲା, ଏଣୁ ପ୍ରତ୍ୟେକ ଗଣମାଧ୍ୟମ ନିଜ ନିଜର ଅଙ୍ଗୀକାରବଦ୍ଧତାକୁ ନେଇ ବଞ୍ଚିବା ଉଚିତ । ଦୀର୍ଘକାଳ ଯେ ବଞ୍ଚି ରହିଲେ ତାକୁ ଲୋକେ ଆଦର ଅଥବା ସ୍ମରଣରେ ରଖନ୍ତି ତାହାନୁହେଁ, ବରଂ ସ୍ୱଳ୍ପକାଳରେ ଯଦି କିଛି ଉଲ୍ଲେଖନୀୟ ଦୁଃସାହସିକ କାର୍ଯ୍ୟ ସେହି ଗଣମାଧ୍ୟମ ସଂପାଦନ କରିବାରେ ସଫଳ ହେଉଛି ତେବେ ସେହି ସମ୍ବାଦପତ୍ର ବା ସଂସ୍ଥା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହେ ।

ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଆଜିର ସମାଜରେ ବଡ଼ ଆହ୍ୱାନ ହୋଇଛି । କାରଣ ଏଥିରେ ଜୀବନ ଓ ଜୀବିକା ପ୍ରତି ସଦା ବିପଦ ରହିଥାଏ । ଏଣୁ କାମଳ ସାମ୍ବାଦିକତା ବା ଇଣ୍ଡୋଜର୍ଣ୍ଣାଲିଜିମ୍‌ର ପ୍ରାବଲ୍ୟ ଦେଖାଦେଇଛି । ରାଜନୈତିକ ପୃଷ୍ଠପୋଷକତା ଭିତରେ ଯେଉଁସବୁ ସମ୍ବାଦପତ୍ର ବା ଗଣମାଧ୍ୟମ ପରିଚାଳିତ ତହିଁରେ ନିରପେକ୍ଷତା ଆଶା କରିବା ଅନେକ ସମୟରେ ସମ୍ଭବ ହୋଇନଥାଏ । ଏତିକିବେଳେ "ଧ୍ୱନି ପ୍ରତିଧ୍ୱନି" ଭଳି ଏକ ଦୈନିକ ସମ୍ବାଦପତ୍ର ଓଡ଼ିଶାରେ ଏକ ସୀମାନ୍ତ ଜିଲ୍ଲା ବାଲେଶ୍ୱରରୁ ଦୀର୍ଘ ୩୪ବର୍ଷ ଧରି ତାର ନିରନ୍ତର ଜୟଯାତ୍ରା ଅବ୍ୟାହତ ରଖିବା ନିଶ୍ଚିତ ଏକ ଗୌରବର ବିଷୟ । ତାଙ୍କର ଜନ୍ମଦିନରେ ୩୪ ବର୍ଷର ଜୟଯାତ୍ରାକୁ ସମୀକ୍ଷା କରି ନୂତନ ସ୍ୱପ୍ନ ଓ ସମ୍ଭାବନା ଭିତରେ ନିଜକୁ ଆହୁରି ସୁଦୃଢ଼ ମନୋବଳ ଏବଂ ସାହାସର ସହ ଆଜିର ପ୍ରତିକୂଳ ପରିସ୍ଥିତି ଭିତରେ ଆଗକୁ ଆଗେଇବା ପାଇଁ ଏହାର ପ୍ରତିଷ୍ଠାତା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ସମ୍ପାଦିକା ସାହିତ୍ୟିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁଙ୍କୁ ପ୍ରଭୁ ସହାୟ ହୁଅନ୍ତୁ, ଏହାହିଁ ଏହି ଦିନରେ ମୋର ଆନ୍ତରିକ କାମନା । ସମ୍ବାଦପତ୍ର ପ୍ରକାଶନ ଓ ସାମ୍ବାଦିକତା କ୍ଷେତ୍ରରେ ବ୍ୟାସକବିଙ୍କ ଠାରୁ ଆରମ୍ଭ ହୋଇଥିବା ପରମ୍ପରା ଏବଂ ପରବର୍ତ୍ତୀ କାଳରେ ଉତ୍କଳମଣି ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର' ଯେଉଳି ବାଲେଶ୍ୱରର ସମ୍ମାନକୁ ବୃଦ୍ଧି କରିଆସିଛନ୍ତି ସେହି ଧାରାରେ ଧ୍ୱନି ପ୍ରତିଧ୍ୱନିର ଯୋଗଦାନକୁ ସମୟ କେବେ ଅସ୍ୱୀକାର କରିପାରିବନାହିଁ ।

*ପ୍ରତିଷ୍ଠାତା, ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ,*
*ବାଲେଶ୍ୱର*
*(ମୋ)୯୪୩୭୦୮୯୨୪୧*

## ।। ଭଲ ମଣିଷ ।।
### ସୁଧାଂଶୁ ଶେଖର ଦ୍ୱିବେଦୀ



ଜଣେ ୮ ବର୍ଷୀୟ ପିଲା ନିଜର ୫ ବର୍ଷୀୟ ଭଉଣୀର ହାତକୁ ଧରି ବଜାର ଭିତରେ ଚାଲିଥାଏ । ବଜରର ଦୁଇ ସାଇଡ଼ରେ କେତେ କେତେ କିସମର ଦୋକାନ ସଜାହୋଇ ରହିଥାଏ । ଦୁହେଁ ଚାଲୁ ଚାଲୁ ଗୋଟେ ଖେଳନା ଦୋକାନ ସମ୍ମୁଖରେ ତା' ଭଉଣୀ ଅଟକି ଗଲା । ଭାଇ ପଚାରିଲା-କଣହେଲା ? ତୁ ଏଠି ଠିଆ ହେଲୁ କାହିଁକି ?

ଛୋଟ ଝିଅଟି କହିଲା-ଭାଇ ! ମୋତେ ଗୋଟେ କଣ୍ଢେଇ କିଣି ଦେଏନା ?

ଭାଇ କହିଲା-କଣ୍ଢେଇ ନେବୁ ! ହଉ କୋଉ କଣ୍ଢେଇ ନେବୁ କହ ? ଭଉଣୀ ଆଙ୍ଗୁଳି ଦେଖେଇ କଣ୍ଢେଇ ଚିହ୍ନେଇଦେଲା ।ପିଲାଟି ଜଣେ ଦାୟିତ୍ୱବାନ ବଡ଼ଭାଇ ଭଳି ଦୋକାନ ଭିତରକୁ ଯାଇ ତା' ଭଉଣୀ ହାତରେ ଉକ୍ତ କଣ୍ଢେଇ ଧରେଇଦେଲା । ଭଉଣୀ କଣ୍ଢେଇ ପାଇ ମନ ଖୁସିରେ ବିଭୋର ହେଉଥାଏ । ଦୋକାନୀ ଏସବୁ ଦେଖୁଥାନ୍ତି । ପିଲା ଦୁହିଁଙ୍କର ଅତୁଟ ସ୍ନେହ ଓ ବ୍ୟବହାରରେ ଆଶ୍ଚର୍ଯ୍ୟ ହେଉଥାନ୍ତି । ପିଲାଟି ଭଉଣୀର ହାତ ଧରି କାଉଣ୍ଟର ପାଖକୁ ଆସି ପଚାରିଲା- ସାର ! ଏ କଣ୍ଢେଇର ଦାମ କେତେ ? ଦୋକାନୀ ଶାନ୍ତ ଗମ୍ଭୀର ବ୍ୟକ୍ତି ଥାଆନ୍ତି । ଜୀବନରେ ଅନେକ ଦୁଃଖ ସୁଖ ବିତେଇଛନ୍ତି । ସେ ସ୍ନେହବୋଳା କଣ୍ଠରେ କହିଲେ-ତୁ କହ କେତେ ଦେଇପାରିବୁ ?

ପିଲାଟି ନିଜ ପକେଟରୁ ସବୁ ମୋତିକୁ ବାହାର କରି ଦୋକାନୀଙ୍କୁ ଦେଲା ।ଯାହାକୁ ସେ ଅଳ୍ପ ସମୟ ପୂର୍ବରୁ ନିଜ ଭଉଣୀ ସହିତ ସମୁଦ୍ର କୂଳରୁ ଖୋଜି ଖୋଜି ସଂଗ୍ରହ କରିଥିଲା ।

ଦୋକାନୀ ମୋତିସବୁ ଗଣୁଥା'ନ୍ତି ।ସବୁ ମୋତିକୁ ଗଣିସାରି ପିଲା ଦୁହିଁଙ୍କୁ ଗମ୍ଭୀର ମୁଦ୍ରାରେ ଦେଖିବାକୁ ଲାଗିଲେ ।ପିଲାଟି ପଚାରିଲା- ସାର ! କମ୍ ଅଛିକି ?

ଦୋକାନୀ କହିଲେ- ଆରେ ନା-ନା, ଏସବୁ ସେ କଣ୍ଢେଇର ମୂଲ୍ୟ ଠାରୁ ବହୁତ ଅଧିକ ଅଛି ।ଏହା କହିବା ସହିତ ସେ ମାତ୍ର ୪ଟି ମୋତି ରଖି ଅବଶିଷ୍ଟ ଫେରାଇ ଦେଲେ । ପିଲାଟି ମହା ଆନନ୍ଦରେ ଅବଶିଷ୍ଟ ମୋତିକୁ ପକେଟରେ ରଖି ଭଉଣୀ ହାତ ଧରି ଫେରିଲା ।

ଦୋକାନୀଙ୍କର ଜଣେ କର୍ମଚାରୀ ଏସବୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ବାବୁ ! ଆପଣ ଏ କଣ କଲେ ? ୧୦୦୦ ଟଙ୍କାର କଣ୍ଢେଇକୁ ଆପଣ କେବଳ ୪ଟି ମୋତି ବଦଳରେ ଦେଇଦେଲେ ?

ଦୋକାନୀ ଉତ୍ତରରେ କହିଲେ-ଆରେ ମାଧବ ! ତୁ ଜାଣିନୁ ଇଏ କେବଳ ଆମ ପାଇଁ ସିନା ମୋତି, କିନ୍ତୁ ସେ ପିଲାଟି ପାଇଁ ବହୁ ମୂଲ୍ୟବାନ ରତ୍ନ । ତୁ ଦେଖିପାରିଲୁନି ଭଉଣୀ ପାଇଁ ପକେଟରେ ଥିବା ସବୁ ମୋତିକୁ ବାହାର କରି ମୋତେ ଦେଇଦେଲା । ଟଙ୍କାର ମୂଲ୍ୟ କଣ ସେ ଏ ବୟସରେ ବୁଝିନାହିଁ । ପରନ୍ତୁ ଯେବେ ସେ ବଡ଼ ହେବ ଟଙ୍କାର ମୂଲ୍ୟ ଜାଣିବ ସେଇବେଳେ ତା'ର ମନେ ପଡିବ ମାତ୍ର ୪ଟି ମୋତି ବଦଳରେ ଭଉଣୀ ପାଇଁ ଦାମୀ କଣ୍ଢେଇ କିଣି ଦେଇଥିଲି । ହୁଏତ ସେ ବୁଝିଯିବ ଏ ବିଶ୍ୱରେ ଭଲ ମଣିଷ ବି ଅଛନ୍ତି ।

ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨

# ସ୍ୱନକ୍ଷତ୍ର ବିଶେଷାଙ୍କ



## ଦାରିଦ୍ର୍ୟ ସୂଚକାଙ୍କରେ ଓଡ଼ିଶାର ଚିତ୍ର

### ଡକ୍ଟର ଲକ୍ଷ୍ମଣ ସାହୁ

ଦାରିଦ୍ର୍ୟ ମାପିବା ପାଇଁ ନୂତନ ସୂଚକାଙ୍କରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶ ବହୁତ ଅଗ୍ରଗତି କରିଛି । ନିକଟରେ ଏନଆଇଟିଆଇ ଆୟୋଗ ଦ୍ୱାରା ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କର ଦ୍ୱିତୀୟ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁଯାୟୀ, ମଲ୍ଟିମିନେସନାଲ ଦାରିଦ୍ର୍ୟ ସୂଚକାଙ୍କରେ ଦେଶରେ ଦାରିଦ୍ର୍ୟ ପ୍ରାୟ ୧୦ % ହ୍ରାସ ପାଇଛି । ୨୦୧୫-୨୦୧୬ ମସିହାରେ ଦେଶରେ ଗରିବ ଲୋକଙ୍କ ଅନୁପାତ ୨୪.୮୫ ପ୍ରତିଶତ ଥିଲା । କିନ୍ତୁ ୨୦୧୯-୦୨୧ ରେ ଏହା ୧୪.୯୬ ପ୍ରତିଶତକୁ ହ୍ରାସ ପାଇଛି । ନୀତି ଆୟୋଗଙ୍କ ରିପୋର୍ଟ ସ୍ୱାଭାବିକ ଭାବରେ ଦେଶରେ ଆଲୋଡ଼ନ ସୃଷ୍ଟି କରିଛି ।

କୋଭିଡ ଓ ତାଲା ବନ୍ଦ ପକାଇବା ପରେ ଦେଶରେ ଦାରିଦ୍ର୍ୟ ପ୍ରକୃତରେ ବୃଦ୍ଧି ପାଇଛି କି ନାହିଁ ଏକ ବିତର୍କ ହୋଇପାରେ । କାରଣ, ତାଲା ପକାଇବା ପରେ ଦେଶରେ ବେକାରୀ ହାର ବୃଦ୍ଧି ପାଇଛି । 'ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି' ଦ୍ୱାରା ନିୟମିତ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ଦେଶରେ ବେକାରୀ ହାର ପ୍ରାୟ ପ୍ରତି ମାସରେ ବୃଦ୍ଧି ପାଉଛି । ଲକ୍-ଡାଉନ୍ ସ୍ଥିତିରେ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି । ପ୍ରତି ମାସରେ ସରକାରୀ ପରିସଂଖ୍ୟାନରେ ମୁଦ୍ରାସ୍ଫୀତିର ଚିତ୍ର ଉପଲବ୍ଧ । ଯେଉଁ ଦେଶରେ ବେକାରୀ ଓ ମୁଦ୍ରାସ୍ଫୀତି ଅଧିକ, ଦାରିଦ୍ର ହାରରେ ବ୍ୟାପକ ହ୍ରାସର ଦାବି କେତେ ବାସ୍ତବ ତାହା ବିତର୍କଯୋଗ୍ୟ ମାତ୍ର ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ଦୁଇଟି କ୍ରମାଗତ ରାଉଣ୍ଡର ରିପୋର୍ଟର ତୁଳନାତ୍ମକ ଆଲୋଚନା ଉପରେ ଆଧାର କରି ଏନଆଇଟିଆଇ ଆୟୋଗ ରିପୋର୍ଟ ଆଧାରିତ । 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ'ର ଚତୁର୍ଥ ରାଉଣ୍ଡ ସର୍ଭେ ରିପୋର୍ଟକୁ ଆଧାର କରି ନୀତି ଆୟୋଗ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଉପରେ ପ୍ରଥମ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହା ହେଉଛି 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ'ର ଚତୁର୍ଥ ରାଉଣ୍ଡ ।

ଏହା ୨୦୧୫-୦୧୬ ରେ ଘଟିଥିଲା । ୨୦୧୯-୦୨୧ ରେ ପଞ୍ଚମ ରାଉଣ୍ଡ ସର୍ଭେ କରାଯାଇଥିଲା । ଅର୍ଥାତ୍, କୋଭିଡ୍ ପୂର୍ବରୁ ଏହି ସର୍ଭେ ଆରମ୍ଭ ହୋଇଥିଲା । ଲକଡାଉନ୍ ଓ କୋଭିଡ୍ ମଧ୍ୟରେ ଏହି ସର୍ଭେ କରାଯାଇଥିଲା । 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' ୨୦୧୯-୦୨୧ ର ସର୍ଭେ ରିପୋର୍ଟ ଉପରେ ଆଧାର କରି ନୀତି ଆୟୋଗ ସର୍ବଶେଷ ତଥା ଦ୍ୱିତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ପ୍ରସ୍ତୁତ କରିଛି ।

୧୯୦୧ ମସିହାରେ ଦେଶରେ ଦାରିଦ୍ର୍ୟ ମାପିବା ପାଇଁ ଦାଦାଭାଇ ନାରୋଜି ପ୍ରଥମ ପ୍ରୟାସ କରିଥିଲେ । ନାରୋଜି ଦେଶର କେତେ ଲୋକ ରୋଜଗାର କରିପାରିବେ ହିସାବ କରି ଦାରିଦ୍ର୍ୟ ମାପିବାକୁ ଚେଷ୍ଟା କରିଥିଲେ । ଯାହା ଲୋକଙ୍କୁ ବଞ୍ଚିବା ପାଇଁ ଖାଦ୍ୟ ଖାଇବାକୁ ଦେବା ପାଇଁ ସର୍ବନିମ୍ନ ଖର୍ଚ୍ଚ ଅଟେ । ପରେ, 'ଜାତୀୟ ଯୋଜନା କମିଟି' ଓ 'ବମ୍ବେ ଯୋଜନା' ସର୍ବନିମ୍ନ ଜୀବନ ପାଇଁ ଆବଶ୍ୟକ ଅର୍ଥର ହିସାବ କରି ଦାରିଦ୍ର୍ୟ ମାପିବାକୁ ଚେଷ୍ଟା କରିଥିଲେ । ସ୍ୱାଧୀନତା ପରେ ସରକାରୀ ଓ ବେସରକାରୀ ପଦକ୍ଷେପଗୁଡ଼ିକରେ ଅନେକ ଅର୍ଥନୀତିଜ୍ଞ ବିଭିନ୍ନ ସୂଚକାଙ୍କ ମାଧ୍ୟମରେ ଦାରିଦ୍ର୍ୟ ମାପିବାକୁ ଚେଷ୍ଟା କରିଛନ୍ତି । ଆୟ ଓ ଖର୍ଚ୍ଚ ହିସାବ କରି ପ୍ରାୟ ପ୍ରତ୍ୟେକ ମାପ କରାଯାଇଛି । ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ୟୁଏନଡିପି ୨୦୧୦ ଠାରୁ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ପ୍ରବର୍ତ୍ତନ କରିଛି । ଅନ୍ୟାନ୍ୟ ବହୁ ସୂଚକାଙ୍କ ସହିତ ଆୟ-ବ୍ୟୟ ଆର୍ଥିକ ସୂଚକାଙ୍କକୁ ସପ୍ଲିମେଣ୍ଟ କରି ଏକ ବହୁମୁଖୀ ଦାରିଦ୍ର ସୂଚକାଙ୍କ ବିକଶିତ ହୁଏ । ବହୁମୁଖୀ ଦାରିଦ୍ର ସୂଚକାଙ୍କ ଗରିବ ଜନସଂଖ୍ୟାର ଅନୁପାତ ହିସାବ କରି ଦାରିଦ୍ରର ଗଭୀରତା ମାପିବାକୁ ଚେଷ୍ଟା କରେ । ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଦ୍ୱାରା କେତେ ଗରିବ ଲୋକ ଅଛନ୍ତି ତାହା ମାପନ୍ତି ।

ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ମାପିବା ପାଇଁ ଏନଆଇଟିଆଇ ଆୟୋଗ ଦ୍ୱାରା ସମୁଦାୟ ୧୨ ସୂଚକ ବ୍ୟବହାର କରାଯାଇଛି । ଏହି ସୂଚକଗୁଡ଼ିକ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଶୈଳୀ ସହିତ ଜଡିତ । ଏଥିମଧ୍ୟରୁ ତିନୋଟି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚକ ଅଛି । ସେଗୁଡ଼ିକ ହେଉଛି ପୁଷ୍ଟିକର ଖାଦ୍ୟ, ଶିଶୁ ଓ କିଶୋର ମୃତ୍ୟୁ ଏବଂ ମାତୃ ସ୍ୱାସ୍ଥ୍ୟ । ଦୁଇଟି ଶିକ୍ଷାଗତ ସୂଚକ ଅଛି । ଏଗୁଡ଼ିକ ହେଉଛି ଦେଶର ଅବିଚ୍ଛେଦ୍ୟ ଅଂଶ ।

ବିଦ୍ୟାଳୟ ଜୀବନର ଅବଧି ଅତି କମରେ ଛଅ ବର୍ଷ ଓ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଉପସ୍ଥାନ ହାର କେତେ ? ଜୀବନ ଗୁଣ ସହିତ ଜଡିତ ମୋଟ ସାତୋଟି ସୂଚକ ଅଛି । ଏଗୁଡ଼ିକ ହେଉଛି, ଦେଶରେ କେତେ ଲୋକ ଏବେ ମଧ୍ୟ କାଠ, ଗଛ ଶାଖା, କୋଇଲା ଇତ୍ୟାଦି ରନ୍ଧନ ଇନ୍ଧନ ଭାବରେ ବ୍ୟବହାର କରୁଛନ୍ତି, କେତେ ଲୋକ ଶୌଚାଳୟ ବ୍ୟବହାର କରୁଛନ୍ତି । ଏପରିକି କେତେ ଲୋକ ପାନୀୟ ଜଳ ପାଇପାରିବେ, କେତେ ଲୋକଙ୍କର ଉପଯୁକ୍ତ ଘର ଅଛି, କେତେ ଲୋକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି, କେତେ ଲୋକଙ୍କର ଅତି କମରେ ଗୋଟିଏ ସମ୍ପତ୍ତି ଅଛି, ରେଡିଓ, ଟିଭି, ସାଇକେଲ୍, ମୋଟରସାଇକେଲ୍, ଫ୍ରିଜ୍, କାର୍ ଇତ୍ୟାଦି, କେତେଜଣ ପରିବାର ସଦସ୍ୟଙ୍କ ବ୍ୟାଙ୍କ କିମ୍ବା ଡାକଘରେ ଅତି କମରେ ଗୋଟିଏ ଖାତା ଅଛି । ବିଶ୍ୱ ଦାରିଦ୍ର୍ୟ ମାପିବା ପାଇଁ ୟୁଏନଡିପି ୧୦ ସୂଚକ ବ୍ୟବହାର କରେ । ଭାରତରେ ନୀତି ଆୟୋଗ ଏହି ୧୦ ରେ ମାତୃ ସ୍ୱାସ୍ଥ୍ୟ ଓ ବ୍ୟାଙ୍କ ଆକାଉଣ୍ଟ ଯୋଡିଛନ୍ତି । ଏହି ସୂଚକାଙ୍କରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ତଥ୍ୟ ଯୋଗ କରି ବହୁମୁଖୀ ଦାରିଦ୍ର ସୂଚକାଙ୍କ ଗଣନା କରାଯାଏ ।

ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ୨୦୧୫-୦୧୬ ରୁ ୨୦୧୯-୦୨୧ ମଧ୍ୟରେ ଦେଶରେ ଦାରିଦ୍ର ସଂଖ୍ୟା ହ୍ରାସ ବ୍ୟତୀତ ଦାରିଦ୍ର୍ୟର ତୀବ୍ରତା ମଧ୍ୟ ହ୍ରାସ ପାଇଛି । ନୀତି ଆୟୋଗଙ୍କ ହିସାବ ଅନୁଯାୟୀ ଦେଶର ୧୩.୫ କୋଟି ଲୋକ ପାଞ୍ଚ ବର୍ଷ ମଧ୍ୟରେ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ତଥାପି, ଦାରିଦ୍ର୍ୟରୁ ମୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ତୁଳନାରେ ଦାରିଦ୍ର୍ୟର ତୀବ୍ରତା ହ୍ରାସ ହାର କମ୍ ଅଟେ । ୨୦୧୫-୦୧୬ ରେ ଦେଶର ଗରିବ ଲୋକଙ୍କ ଦାରିଦ୍ରତା ତୀବ୍ରତା ସୂଚକାଙ୍କ ୪୭.୧୪ ପ୍ରତିଶତ ଥିଲା । ୨୦୧୯-୦୨୧ ରେ, ଏହା ସାମାନ୍ୟ ହ୍ରାସ ପାଇ ୪୪.୩୯ ପ୍ରତିଶତ ହୋଇଛି ।

ଅତଏବ ୨୦୧୯-୦୨୧ ରେ ୨୪.୮୫ ପ୍ରତିଶତରୁ ୧୪.୯୬ ପ୍ରତିଶତ ପର୍ଯ୍ୟନ୍ତ, ଦାରିଦ୍ର୍ୟର ତୀବ୍ରତା ୪୭.୧୪ ପ୍ରତିଶତରୁ ୪୪.୩୯ ପ୍ରତିଶତକୁ ହ୍ରାସ ପାଇଛି । ବାସ୍ତବରେ ପୁଷ୍ଟିହୀନତାକୁ ଦୂର କରିବା, ରୋଷେଇ ପାଇଁ ଉନ୍ନତମାନର ଇନ୍ଧନ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ବ୍ୟବହାର ଇତ୍ୟାଦିରେ ଦେଶର ସମସ୍ତ ରାଜ୍ୟର ଅଗ୍ରଗତି ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି କହିବା ଅନାବଶ୍ୟକ । ଦାରିଦ୍ର୍ୟର ତୀବ୍ରତା ହ୍ରାସ ନହେବାରେ ଏହା ପ୍ରତିଫଳିତ ହୁଏ ।

ନୀତି ଆୟୋଗର ତଥ୍ୟ ଅନୁସାରେ ମୋଦି ସରକାରଙ୍କ ୫ ବର୍ଷ ଶାସନ ଭିତରେ ଭାରତର ୧୩.୫ କୋଟି ଲୋକ ଗରିବ ସୀମାରେଖାରୁ ବାହାରି ପାରିଛନ୍ତି । ସୋମବାର ନୀତି ଆୟୋଗ ଜାରି କରିଥିବା ଏକ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି । ଏଥିରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନ ଦଖଲ କରିଥିବାବେଳେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି । ବିହାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମଧ୍ୟପ୍ରଦେଶ ତୃତୀୟ ଓ ରାଜସ୍ଥାନ ୫ମ ସ୍ଥାନରେ ରହିଛନ୍ତି । ରିପୋର୍ଟ ଅନୁସାରେ ଏହି ୫ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଗରିବଙ୍କ ସଂଖ୍ୟା ୩୨.୫୯ ପ୍ରତିଶତରୁ ହ୍ରାସ ପାଇ ୧୯.୨୮ ପ୍ରତିଶତ ରହିଛି ।

ସେହିଭଳି ସହରାଞ୍ଚଳରେ ଦାରିଦ୍ର୍ୟତା ସଂଖ୍ୟାରେ ୮.୬୫ ପ୍ରତିଶତରୁ ହ୍ରାସ ପାଇ ୫.୨୭ ପ୍ରତିଶତ ରହିଛି । ସବୁଠାରୁ ଉତ୍ତରପ୍ରଦେଶରେ ଅଧିକ ଦାରିଦ୍ର୍ୟ ଦୂର ହୋଇଛି । ନୀତି ଆୟୋଗ ତା ରିପୋର୍ଟରେ କହିଛି ଯେ ପରିମଳ, ପୁଷ୍ଟିକର ଖାଦ୍ୟ, ରନ୍ଧନ ଗ୍ୟାସ, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ବିଦ୍ୟୁତ ଉପରେ ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ଏହି କାରଣରୁ ଦାରିଦ୍ର୍ୟ ହ୍ରାସ ଦିଗରେ ଏକ ସଫଳତା ମିଳିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ରିପୋର୍ଟ ଅନୁଯାୟୀ ୨୦୧୫-୧୬ରେ ଆମ ରାଜ୍ୟରେ ୨୯ ଦଶମିକ ୩୪ ପ୍ରତିଶତ ଗରିବୀ ଥିବା ବେଳେ ୨୦୧୯ରୁ ୨୦୨୧ ବେଳକୁ ଏହା ୧୫ ଦଶମିକ ୬୮ ପ୍ରତିଶତକୁ ହ୍ରାସ ପାଇଛି । ଯାହାକି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ଆଗରେ ରହିଛି । ୧୬ଟି ଜିଲ୍ଲା ଦାରିଦ୍ୟ ହ୍ରାସ କରିବାରେ ସଫଳତା ପାଇଛନ୍ତି । ସବୁଠୁ କମ ଗରିବ ଲୋକ ରହିଛନ୍ତି ପୁରୀ ଜିଲ୍ଲାରେ । ପୁରୀ ସମେତ ରାଜ୍ୟର ୧୪ଟି ଜିଲ୍ଲା ଦାରିଦ୍ୟ ହ୍ରାସ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ଏ କ୍ଷେତ୍ରରେ ପୁରୀ ଜିଲ୍ଲାର ପ୍ରଦର୍ଶନ ଶୀର୍ଷରେ ଥିବାବେଳେ ଏହାପଛକୁ ଜଗତ୍ ?ସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ, ନୟାଗଡ, ଝାରସୁଗୁଡା, ସୋନପୁର, କେନ୍ଦ୍ରାପଡା, ବଲାଙ୍ଗୀର, ସମ୍ବଲପୁର, ବରଗଡ, ଅନୁଗୁଳ, ଯାଜପୁର, ବାଲେଶ୍ୱର, ସୁନ୍ଦରଗଡ ଆଦି ଜିଲ୍ଲା ରହିଛି ।

ଜାତୀୟ ସ୍ତରରେ ଦାରିଦ୍ର୍ୟତା ହାର ୧୪ ଦଶମିକ ୯୬ ପ୍ରତିଶତ ଥିବା ବେଳେ ଓଡ଼ିଶା ସରକାରଙ୍କର ବହୁମୁଖୀ କାର୍ଯ୍ୟକ୍ରମ ଯୋଗୁଁ ଅଧିକାଂଶ ଜିଲ୍ଲା ଏକ ଅଙ୍କରେ ସୀମିତି ରହିଛି..!!!

+ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୭୫୩୦୦୪
ମୋ: ୯୦୪୦ ୧୫୧୪୭୫

## ସ୍ୱନକ୍ଷତ୍ର ଉତ୍ସବର ଶୁଭେଚ୍ଛା



ସାରସ୍ୱତ ସାଧନା କ୍ଷେତ୍ରରେ ନବାଗତଙ୍କୁ ସାମନାକୁ ଆଣିବାରେ 'ଧ୍ୱନିପ୍ରତିଧ୍ୱନି' ର ଅବଦାନ କେବେ ଭୁଲି ହେବ ନାହିଁ । ଆଜି ଏହାର ୩୪ଶ ଜନ୍ମୋତ୍ସବ ପାଳନ ଅବସରରେ ଧ୍ୱନିପ୍ରତିଧ୍ୱନି ପରିବାର ସହ ଜଡ଼ିତ ସମସ୍ତ ଭାଇ ଭଉଣୀଙ୍କୁ ଅଭିନନ୍ଦନ ଜଣାଉଛି ।

**ଦୁଲାଲ ସୋରେନ**
ପୂର୍ବତନ ଅଧ୍ୟକ୍ଷ,
ଉଦଳା ପଂଚାୟତ ସମିତି

## ମୁଁ ବର୍ଷାକୁ ଚୁମା ଦିଏଁ

### ହରିଶ୍ଚନ୍ଦ୍ର ବେହେରା



ମୁଁ ବର୍ଷାକୁ ଚୁମା ଦିଏ
ଇନ୍ଦ୍ରଧନୁ ଦାଢରେ
ଚାଲେ କିଛି ସମୟ
ନିସାଢ଼ ରାତ୍ରିରେ
ଦେହ ସାରା ବୋଳିହୁଏ
ମେଘ ରେଣୁ ।

କେଉଁ ମାୟାବିନୀର ଇନ୍ଦ୍ରଜାଲ
ଛଂଦିଦିଏ ମୋତେ ସେତିକି ବେଳେ ।

କିଏ ଜଣେ ପଦ୍ମତୋଳା ବୋଲୁଥାଏ
ମୋ ଭିତରେ
କେଉଁଠି ଥାଏ କଳା ନାଗୁଣୀ ଟିଏ
ଫଣା ଟେକି ନାଚେ ।

ଧୀରେ ଧୀରେ ଜୀବନ ଖୋଲିଯାଏ
ପଦ୍ମ ପାଖୁଡ଼ା ପରି
ମୁଁ ହୋଇଯାଏଁ କେଉଁ
ରୂପକଥାର ରାଜକୁମାର
ପକ୍ଷୀରାଜ ଘୋଡ଼ାରେ ଚଢି
ଅଗ୍ନା ଅଗ୍ନି ବନସ୍ତରେ
କରେ ମୃଗ ଶିକାର ।



କୁଆଡ଼େ ଗଲେ ପାଟ ମନ୍ତ୍ରୀ
ରାଜ ପାରିଷଦ
କୁଆଡ଼େ ଗଲେ ମୋର ମିତ୍ର
ମନ୍ତ୍ରୀ ପୁଅ ସାଧବ ପୁଅ !

କେଡ଼େ ଶୀଘ୍ର ବଦଳି ଗଲା
ରୂପ କଥାର ପୃଥିବୀ
ଇନ୍ଦ୍ରଧନୁର ରଙ୍ଗ
ଆଶ୍ୱସ୍ତ ଆତ୍ମ ବିଶ୍ୱାସ ।

ପ୍ରତିନିୟତ ଭାଙ୍ଗି ଯାଉଛି
ଗୋଟେ ପାହାଡ଼
ଧ୍ୱଂସ ହେଉଛି ଗୋଟେ ଜଙ୍ଗଲ
ପୋତି ଯାଉଛି ଗୋଟେ ନଦୀ
ବଦଳି ଯାଉଛି ସମୁଦ୍ରର କୁହାଟ
ନୂଆ ନୂଆ ରୂପରେ ମୃତ୍ୟୁ ବଦଳାଉଛି
ତା' ରଙ୍ଗ ତା' ତରିକା ।

ଦଲକାଏ ଜୋର
ପବନରେ ଖୋଲିଗଲା
ମୋ ଝର୍କା
ଅଚାନକ ଅସରାଏ ବର୍ଷା ପଶିଆସିଲା
ସେଇ ଝର୍କା ଦେଇ ।

ମୁଁ ଉଠି ପଡ଼ିଲି ନିଦରୁ
ଅଗ୍ନାଗ୍ନି ବନସ୍ତ ଭିତରୁ !!

+କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮



## ନିଶବ୍ଦ ରାତି

### କମଳ ଲୋଚନ ପଣ୍ଡା



ଅନ୍ଧାର ରାତି କ୍ଲାନ୍ତ ପଥିକର ସାଥୀ
ଠିକ୍ ଭୁଲର ହିସାବ କରେ ସେ ଏକାକୀ ।

ଜହ୍ନର କିରଣ ମାଟି ଦେହେ ପଡ଼ି ସତେ ଯାଇଥାଏ ଶୁଖି
ଅବୁଝା ରାତିଟି କାହା ଅପେକ୍ଷାରେ ଦୁଆରେ ରହିଛି ଲାଖି ।

ରାତି ଯେବେ ଆସିଯାଏ ତୁମ ମୁହଁ ନାଚିଯାଏ
ସ୍ୱପ୍ନ ଅଧା ରହେ ରାତି ପାହିଯାଏ ।

ଏ ଉଦାସୀ ରାତି ଯେବେ ଫେରେ ଧୀରେ ଧୀରେ
ମୋ ହାତ ଧରି ଟାଣି ନେଇଯାଏ ତୁମ ଗାଁ କ୍ଷେତ ଧାରେ ।

ଶୂନ୍ ଶାନ୍ ରାତିରେ ଆକାଶର ଜହ୍ନ ଆଲୁଅ ତଳେ
ଜୀବନ ଯାକର ସାଉଁଟା ସ୍ମୃତି ସବୁ ମନରେ କୁହୁଳେ ।

ଅନ୍ଧାର ଭିତରେ କେତେଥର ଚାଲିବା ବାଟରେ ହୁଡ଼େ
ଅମାନିଆ ଦୁଃଖ ପଛରେ ପକାଇ କ୍ଷଣକାଳ ଆଖି ଭିଜେ ।

ରାତିଠାରୁ ମାଗି ଉଧାର ସପନ ଦେଖିବାକୁ ଯେବେ ମିଳେ
ମାୟା ମରୀଚିକା ଅନ୍ଧାର ଏଡ଼ାଇ ସକାଳ ଆଲୋକ ଜଳେ ।

+ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

## ଆ' ବରଷା ଆ'

### କାର୍ତ୍ତିକ ସେଠୀ

ଆ' ବରଷା ଆ'
ଭିଜେଇ ଦେ- ଦିହକୁ ମୋର
ନାଚି ତାଥେଇ ତାଥା ।
ଆ ବରଷା ଆ.....

ଖୁସି ଆଜି ମୋ' ମନ
ନାଚିବି ଛମ ଛମ ,
ଭସାଇ ଦେବି ତୋଅ ପାଣିରେ
କୁନି କାଗଜ ନାଆ ।
ଆ ବରଷା ଆ.....

ହଳ ଯୋଖିଚି ଭୀମା
ଡରୁନି ସିଏ ଜମା
ମଥାରେ ଟୋପି ,ଦେଇଛି ଥାପି
ଗୀତେ ମଜ୍ଜିଛି ଆହା ।
ଆ ବରଷା ଆ......

ପ୍ରିୟର କଥା ଭାଳି
ଝୁରେ ବସି ଦୀପାଳୀ
ଫେରିବ କେବେ ମନ ମଣିଷ
ଚାହିଁ ବସିଛି ରାହା ।
ଆ- ବରଷା ଆ ....

ବସି ତୋ ସାଥେ ମିତ ,
ବେଙ୍ଗୁଲୀ ଗାଏ ଗୀତ
କେଁ କଟରେ ଦୁଲୁକେଇ ବିଲ
ସାଥୀକୁ ଡାକୁଚି ଆ ।
ଆ ବରଷା ଆ....

ତେଲୁଣିପୋକ ମେଳେ
ସାଧବବୋହୂ ଖେଳେ ,
ପିଣ୍ଡାରେ ଦେଖି ଲୋକେ ଚିଡ଼ନ୍ତି
ଯାଆ ଯାଆରେ ଯାଆ ।
ଆ ବରଷା ଆ......

ଛତାଟେ ଧରି ମୁନା
ଡାକ ଛାଡୁଛି କୁନା ,
ବେଏଗି ଆସେ ଇସ୍କୁଲ୍ ଯିବା
ଘଣ୍ଟାକୁ ଟିକେ ଚାହାଁ ।।୬ ।।

ଆ ବରଷା ଆ ....
ଖୁସିନେଇ ତୁ ଆସୁ
ମହକେ ଭରି ବାସୁ ,
ଜଗତେ ଖୁସି ବାଣ୍ଟିଦେଇ ପୁଣି
ଦେଖାଉ ନୂଆ ରାହା ।।୭ ।।
ଆ ବରଷା ଆ....

+ ପ୍ରତିଷ୍ଠାତା ସମ୍ପାଦକ ଶବ୍ଦକୁଞ୍ଜ
ପରିବାର, ଚଉମୁଖ,
ବାଲିଆପାଳ, ବାଲେଶ୍ୱର

## ମିଶନ୍ ଲାଇଫ୍ : ଜୀବନ ଜୀଇଁବାର ଆହ୍ୱାନ

### ଡ଼ି ଶୁଭମ୍



ପରିବେଶର ପାରିପାର୍ଶ୍ୱିକ ସ୍ଥିତି ଏବେ ସଂଜ୍ଞାହୀନ ବେହାକୁ ବସିଲାଣି । ପ୍ରକୃତିକୁ ନେଇ ଏ ସମାଜ । ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିବା କଷ୍ଟକର ହୋଇପଡ଼େ । ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ବିଷ ଘୁରିବୁଲୁଛି । ତେବେ ଏସବୁଥିର ସମାଧାନ ମଣିଷ ଚାହିଁଲେ କରିପାରିବ । ସେ ହିଁ ସୃଷ୍ଟି କରିପାରିବ ପୁଣି ଥରେ ସବୁଜ ବନାନୀ । ପୁଣି ଥରେ ଗଢ଼ି ଉଠିବ ସବୁଜମୟର ବାତାବରଣ । ପରିବେଶ ହେବ ସୌନ୍ଦର୍ଯ୍ୟମୟ , ନବୀନ ମନ୍ତ୍ରର ବାଣୀରେ ପୁଣିଥରେ ପ୍ରକମ୍ପିତ ହେବ ମାନବସମାଜ । ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଆମକୁ ସଚେତନ ହେବାକୁ ପଡ଼ିବ । ବିଶ୍ୱକୁ ସୁରଭିତ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ ନେବାକୁ ହେବ । ପ୍ରତିବର୍ଷ ଜୁନ ମାସ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଏ । ତେବେ ଦିବସ ପାଳନ ନୁହେଁ ବରଂ ପ୍ରତିଟି ଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଜରୁରୀ । ତାହେଲେ ଯାଇ ଆମେ ବଂଚିବାର ପ୍ରକୃତ ରାହା ଖୋଜି ପାଇପାରିବା । ଯନ୍ତ୍ର ମାୟାରେ ପ୍ରଲୁବ୍ଧ ନହୋଇ ପ୍ରକୃତିର ପୂଜକ ସାଜିବା । ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମିଶନ୍ ଲାଇଫ୍ ଆହ୍ୱାନ ଏବର ସମୟରେ ବଡ଼ ଗୁରୁତ୍ୱ ବହନକରେ । ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପରିବେଶ ଓ ପ୍ରକୃତି ସମ୍ପର୍କିତ ଆହ୍ୱାନ ସତରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ।

ମିଶନ ଲାଇଫ୍ - ଜୀବନ ଜୀଇଁବା ଭିତରେ ସରଳରେଖା ଟାଣି ମାନବ ସମସାଜ ଭିତରେ ଜାଗରଣ ସୃଷ୍ଟି କରିବାର ମୂଳ ମନ୍ତ୍ର । ପ୍ରଧାନମନ୍ତ୍ରୀଙ୍କ ଏ ବାର୍ତ୍ତା ପ୍ରକୃତିକୁ ସବୁଜିମାମୟ କରିବାର ସଂକଳ୍ପକୁ ପୁନର୍ଜୀବିତ କରିବାର ଆହ୍ୱାନ । ଜଳବାୟୁ ପରିବର୍ତ୍ତନର ଏ ଉକ୍ଟ ସମସ୍ୟାକୁ କିପରି ବୃକ୍ଷରୋପଣ ଦ୍ୱାରା ଏଡ଼ାଇଦିଆଯାଇପାରେ , ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ । ଆମକୁ ପ୍ରକୃତି ଆଉ ପରିବେଶ ପାଇଁ ଚିନ୍ତା କରିବାର ସମୟ ଆସିଛି । ଶ୍ୟାମଳ ଜମିରେ ପୁଣି ଥରେ ସୁବର୍ଣ୍ଣର ମୋହରେ ନିଜକୁ ହଜାଇଦେବାର ଦିନ ଆସିଛି । ମୁଁ ନୁହେଁ ଆମେ - ଏହି ସଂକଳ୍ପ ନେଇ ଆଗକୁ ଯିବାର ଅଛି । ମଣିଷ ନିଜର ଇପ୍ସିତ ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ । କାରଣ ମଣିଷ ଲୋଭର ବଶବର୍ତ୍ତୀ । ନିଜର ଲାଳସା ଉପରେ ମଣିଷର ଅକ୍ତିଆର ନାହିଁ । ବିଜ୍ଞାନର ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷମଂଜି । ଯେଉଁ ପରିବେଶ ଦିନେ ଶସ୍ୟଶ୍ୟାମଳା ଥିଲା ଆଜି ସେଠି କାରଖାନାର ମଂଚ । କେଉଁଠି ଚିନି କାରଖାନା ତ କେଉଁଠି ବଡ଼ ବଡ଼ ମିଲ୍ । ବିକାଶଶୀଳ ଦେଶ ମାନଙ୍କରେ ତ ଏମାନଙ୍କ ସଂଖ୍ୟା ଖୁବ ଅଧିକ । ବିଭିନ୍ନ ବଡ଼ ବଡ଼ କଳକାରଖାନା ତଥା ଦ୍ରୁତ ଶିଳ୍ପାୟନର ପ୍ରଭାବ ଯୋଗୁଁ ବାୟୁରେ ଅମ୍ଳଜାନର ପରିମାଣ କମିବାରେ ଲାଗିଛି । ଏହି କାରଖାନାରୁ ବାହାରୁଥିବା ବିଷରପୀ ଅଙ୍ଗାରକାମ୍ଳ ନିଜ କଳେବର ବଢ଼େଇବାରେ ଲାଗିଛି । କାରଖାନାର ଦୁଷିତ ଜଳ ନଦୀରେ ପ୍ରବାହିତ ହେଉଛି । ଜଳାଶୟକୁ କରୁଛି ପ୍ରଦୂଷଣ । ବିଭିନ୍ନ ପ୍ରଦୂଷଣ ସାମଗ୍ରୀରେ ଭର୍ତ୍ତି ହୋଇଯାଉଛି ନଦୀ । ଏହା ଦ୍ୱାରା ଜଳର ଅମ୍ଳଜାନ ପରିମାଣ ମଧ୍ୟ କମୁଛି । ପ୍ରତିଦିନ ସହରାଂଚଳରେ ଗଡୁଛଇ ଶହ ଶହ ଗାଡ଼ିମୋଟର । ସେସବୁରୁ ବାହାରୁଥିବା ଧୂଆଁ ଏବେ ଅଧିକାଂଶଙ୍କୁ ରୋଗାଗ୍ରସ୍ତ କରିଛି । ଏସବୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟାରେ ବାଧା ଉପୁଜେ । ଜଳ ଓ ବାୟୁ ପ୍ରଦୂଷଣ ଏବେ ଦୃତମାତ୍ରାରେ ବଢ଼ିଚାଲିଛି । ବିଭିନ୍ନ ରାସାୟନିକ ପଦାର୍ଥ ଏହି ଜଳାଶୟରେ ମିଶିବା ଦ୍ୱାରା ଜଳଚର ଜୀବ ମାନଙ୍କର ମୃତ୍ୟୁ ଘଟୁଛି । ସଭ୍ୟତାର ବିକାଶକୁ ପ୍ରାଥମିକତା ଦେଇ ମଣିଷ ସୃଷ୍ଟି କରିଚାଲିଛି ପ୍ରଦୂଷଣର ରୂପରେଖ । ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ କ୍ଷେପଣାସ୍ତ୍ର ଯୋଗୁଁ ମଧ୍ୟ ବାୟୁମଣ୍ଡଳରେ ଓଜୋନ ସ୍ତର ନଷ୍ଟ ହେଉଛି । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ମଣିଷ ବ୍ୟବହାର କରୁଛି ବିଭିନ୍ନ ରାସାୟନିକ ବିଷ । ଏହା ଯୋଗୁଁ ବାୟୁମଣ୍ଡଳ ନଷ୍ଟ ହେବା ସହ ରାସାୟନିକ ସାରର ପ୍ରୟୋଗରେ ମୃତ୍ତିକାର ଉର୍ବରତା ବି ନଷ୍ଟ ହେଉଛି । ବିବେକହୀନ ମଣିଷ ପାଇଁ ଆଜି ଧ୍ୱଂସ ହେଉଛି ପୃଥିବୀ । ପରିବେଶର ମାନର ହ୍ରାସ ଘଟୁଛି । ବିଭିନ୍ନ ପୂଜାପର୍ବରେ ଡ଼ାକବାଜି ଯନ୍ତ୍ରର ଚାହିଦା ଯୋଗୁଁ ଅନେକ ଶବ୍ଦ ପ୍ରଦୂଷଣ ବି ହେଉଛି । ସୁତାରଂ ବର୍ତ୍ତମାନ ସମୟରେ ପରିବେଶରେ ବୃଦ୍ଧି ପାଇଛି ପ୍ରଦୂଷଣର ଚିତ୍ର ।

ଦ୍ୱିତୀୟତଃ ବନ୍ୟପ୍ରାଣୀ ମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି । ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ନିମନ୍ତେ କଳକାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି । ଏଥିସହ କୃଷିକାର୍ଯ୍ୟ ସମ୍ପାଦନ ସହିତ ଜଙ୍ଗଲ କାଟିବା ଫଳରେ ବନ୍ୟପ୍ରାଣୀମାନେ ବାସହରା ହୋଇଯାଛନ୍ତି । ଏକ ସର୍ଭେରୁ ଜଣାଯାଇଛି ଭାରତ ବିଶ୍ୱରେ ଥିବା ୧୭ଟି ପ୍ରମୁଖ ଜୈବବିବିଧ ରାଷ୍ଟ୍ର ମଧ୍ୟରେ ଅନ୍ୟତମ । ଏଥିସହ ଏହି ୧୭ଟି ରାଷ୍ଟ୍ର ୭୦-୮୦ ଶତକଡା ବନ୍ୟପ୍ରାଣୀଙ୍କୁ ବାସସ୍ଥାନ ଯୋଗାଇଥାନ୍ତି । ଭାରତରେ ମୁଖ୍ୟତଃ ୭.୯ % ସ୍ତନ୍ୟପାୟୀ ପ୍ରାଣୀ, ୧୨.୯ % ପକ୍ଷୀ, ୯.୨% ସରୀସୃପ ଜାତୀୟ ପ୍ରାଣୀ ବାସକରନ୍ତି । ଭାରତରେ ଥିବା ବନ୍ୟପ୍ରାଣୀ ସମ୍ପଦ ମଧ୍ୟରୁ ୧୦.୯% ସ୍ତନ୍ୟପାୟୀ ପ୍ରାଣୀ ଓ ୪.୫% ପକ୍ଷୀ ସମ୍ପଦ ଏବେ ବିଲୁପ୍ତପ୍ରାୟ । ଏବେ ସୁଦ୍ଧା ୧୭୨ ପ୍ରଜାତିକୁ 'ରେଡ ଲିଷ୍ଟ' ଅନ୍ତର୍ଭୁକ୍ତ କରାଯାଇଛି । ଏଥିମଧ୍ୟରୁ ଏସିଆଟିକ ହାତୀ, ଏସିଆଟିକ ସିଂହ, ଭାରତୀୟ ଗଣ୍ଡା ମଗର ପ୍ରଭୃତି ଏହି ଲିଷ୍ଟ / ତାଲିକାରେ ଅଛନ୍ତି । ତେବେ ଏହି ପ୍ରମୁଖ ସମ୍ପଦର ସୁରକ୍ଷା ପାଇଁ ଅଭୟାରଣ୍ୟ, ପ୍ରାଣୀ ଉଦ୍ୟାନ କରିବା ସହ ମଧ୍ୟ ଏହାର କୌଣସି ପ୍ରଭାବ ଦେଖାଯାଉନାହିଁ ।

ବନ୍ୟପ୍ରାଣୀ ମାନେ ଏହି ଲୋଭପିପାସୁ ମଣିଷ ମାନଙ୍କ ପାଇଁ ବିଲୁପ୍ତ ହେବାରେ ଲାଗିଛନ୍ତି । ତୃତୀୟତଃ ପରିବେଶ ସନ୍ତୁଳନ ଆଜି ନଷ୍ଟ ପ୍ରାୟ । ନା ଅଛି ପଶୁପକ୍ଷୀ ମାନଙ୍କ ପାଇଁ ବାସସ୍ଥାନ, ନା ଅଛି ଜୈବ ସନ୍ତୁଳନ ସହରୀକରଣ ଏହାର ପ୍ରମୁଖ କାରଣ । ଚ଼ତୁର୍ଥରେ ମଣିଷ ଆଜି ନିଜର ସ୍ୱାର୍ଥ ଏବଂ ଆଶାକୁ ନୂତନ ରୂପ ଦେବାକୁ ଯାଇ ବନ୍ୟପ୍ରାଣୀଙ୍କ ବାସସ୍ଥାନକୁ କ୍ଷୟକରି ସେଠାରେ ଚ଼ାଷବାସ ଆରମ୍ଭ କରିଦେଲେଣି । ଏହା ପ୍ରକୃତିକୁ ନଷ୍ଟ କରିବାରେ ଆଉ ଏକ କାରଣ ।

ଦୀର୍ଘ ସମୟ ମଧ୍ୟକୁ ଯଦି ନଜର ପକାଇବା, ଜଳବାୟୁ ପରିବର୍ତ୍ତନ ପରିବେଶକୁ ବିଭିନ୍ନ ଉପାୟରେ ପ୍ରଭାବିତ କରିପାରେ ଯେପରିକି ଫସଲର ପରିମାଣ ଏବଂ ଗୁଣବତ୍ତା । ନିକଟରେ ନ୍ତଖାଦ୍ୟ ଏବଂ କୃଷି ପାଇଁ ବିଶ୍ୱର ଜୈବବିବିଧତାର ସ୍ଥିତିନ୍ତ ଉପରେ ସର୍ବଭାରତୀୟ ରିପୋର୍ଟ ଆରମ୍ଭ କରିଛି ଯାହା ଅନୁସାରେ ଆମ ଖାଦ୍ୟ ପ୍ରଣାଳୀକୁ ବଜାୟ ରଖିଥିବା ଜୈବ ବିବିଧତା ଲୋପ ପାଇବାକୁ ଯାଉଛି । ଏହା ଆମର ଖାଦ୍ୟ, ଜୀବିକା, ସ୍ୱାସ୍ଥ୍ୟ ଏବଂ ପରିବେଶର ଭବିଷ୍ୟତକୁ ଭୟଙ୍କର ବିପଦରେ ପକାଇବବୋଲି ଆଶା କରାଯାଉଛି । ଖାଦ୍ୟ ଏବଂ କୃଷି ପାଇଁ ଜୈବବିବିଧତା ହେଉଛି ସମସ୍ତ ଉଭିଦ ଏବଂ ପ୍ରାଣୀ ଯେଉଁମାନେ ଖାଦ୍ୟ, ଇନ୍ଧନ ଯୋଗାଇଥାନ୍ତି । ଏହା ମଧ୍ୟ ଅଗଣିତ ଜୀବ ଯେଉଁମାନେ ଇକୋସିଷ୍ଟମ୍ ସେବା ମାଧ୍ୟମରେ ଖାଦ୍ୟ ଉତ୍ପାଦନକୁ ସମର୍ଥନକରିଥାନ୍ତି । ଜେନେଟିକ୍, ପ୍ରଜାତି ଏବଂ ଇକୋସିଷ୍ଟମ୍ ସ୍ତରରେ ଜୈବବିବିଧତାର ଅନେକ ମୁଖ୍ୟ ଉପାଦାନ ହ୍ରାସ ପାଇବାରେ ଲାଗିଛି । ପରିବେଶ ଆଜି ଏହାର ପ୍ରଭାବରେ ନଷ୍ଟ ପ୍ରାୟ ।

ତେବେ ଏସବୁ କାରଣ ଗୁଡ଼ିକ ପରିବେଶ ଓ ପ୍ରକୃତିର କୁପ୍ରଭାବ ଉପରେ ଆଲୋଚନା । ଏହି ଉପକ୍ରମରେ ଏହାକୁ ସମାଧାନ କରିବାର ପ୍ରମୁଖ ଉପାୟ ପରିବେଶର ପୁନରୁଦ୍ଧାର । ଆମ ପରିବେଶ , ଆମ ଜୀବନ ଏ ଉକ୍ତିକୁ ପୁଣି ଥରେ ଦୋହରାଇବା ସହ ପ୍ରଧାନମନ୍ତ୍ରୀଙ୍କର ମିଶନ୍ ଲାଇଫ ଆହ୍ୱାନରେ ନିଜକୁ ସାମିଲ କରି ଆମେ ଏକ ସବୁଜିମାମୟ ପରିବେଶ ଗଠନରେ ନିଜକୁ ଭାଗିଦାରୀ କରିବା ।

+ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ
ଜୈବ ପ୍ରମାଣନ ସଂସ୍ଥା (ଓସୋକା) ,
ଭୁବନେଶ୍ୱର ,
ମୋ-୯୪୩୮୪୬୭୦୭୯

# ସ୍ୱନକ୍ଷତ୍ର ବିଶେଷାଙ୍କ



## 'ଦେଶ' ପ୍ରଥମ ଆଉ ସବୁ ତୁଚ୍ଛ

**ଦୁର୍ଗା ଚରଣ ଷଡ଼ଙ୍ଗୀ**

ଦେଶ ସ୍ୱାଧୀନତାର ମାତ୍ର ୭୪ ବର୍ଷ ଅବଧିରେ ଭାରତବର୍ଷରେ ବିଶୃଙ୍ଖଳା, ହତ୍ୟା, ଅମାନବିକ, ଭ୍ରଷ୍ଟାଚାର, ଦେଶଦ୍ରୋହ ଭଳି ସଙ୍ଗୀନ ଅପରାଧିକ ତତ୍ୱ ମାନ ଦେଶର ସାର୍ବଭୌମତାକୁ ବିପନ୍ନ କରିଦେବାକୁ ବସିଲାଣି। ସବୁଠୁଁ ବେଶି ଅସହିଷ୍ଣୁତା ଓ ଅମାନବୀୟ ମୂଲ୍ୟବୋଧ ମଣିଷ ମଗଜରୁ ଚିରିବିଦାରି ବାହାରକୁ ବାହାରି ଆସିଲାଣି। ତଥାକଥିତ ଶ୍ରେଣୀ ଶିକ୍ଷିତଙ୍କ ଏକ ଚତୁର୍ଥାଂଶ ମଣିଷ ଦେଶର ପ୍ରାଚୀନ ପରମ୍ପରା ଐତିହ୍ୟ ଓ ଧର୍ମନିରପେକ୍ଷତା, ବସୁଧୈବ କୁଟୁମ୍ବକମ୍ର ଆପ୍ତ ବାକ୍ୟକୁ ଭୁଲି ସେମାନଙ୍କର ଆତଙ୍କପ୍ରଦାୟୀ କାର୍ଯ୍ୟଶୈଳୀରେ ଅବଶିଷ୍ଟ ଦେଶ ନାଗରିକଙ୍କୁ ଏକ ଅଶୁଭ ଜୀବନ ବଂଚିଥିବାର ବେଦନାଦାୟକ ଭାଗ୍ୟ ଦେବାରେ ସମର୍ଥ ହୋଇଗଲେଣି। ଅଶିକ୍ଷାଭରା ଏବେ ନାଗରିକର ଜୀବନ ଭୂଷଣ ପାଲଟିଛି। ଏଭଳି ସବୁ ପରିସ୍ଥିତିଗତ ସମସ୍ୟାକୁ ଘେନି ଏ ଦେଶରେ ଗଣତନ୍ତ୍ର ଆଉ ତିଷ୍ଠିବତ?

'ଗଣତନ୍ତ୍ର' ଦେଶ ନାଗରିକର ଚରିତ୍ର ଉପରେ ନିର୍ଭରଶୀଳ, ଯାହା ଶିକ୍ଷା-ନୈତିକତା, ଆଚାର ବିଚାର, ଦେଶପ୍ରୀତି ଉପରେ ନିର୍ଭରଶୀଳ। ସେହିପରି ଦେଶ ଜନତାଙ୍କ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧି ଓ ସର୍ବୋଚ୍ଚ ଶାସକର ଜୀବନଶୃଙ୍ଖଳା, ପାରଦର୍ଶିତା, ସାମ୍ୟ ଚରିତ୍ର, ନ୍ୟାୟିକ ଉତର ଦାୟିତ୍ୱ ତଥା ଦୁର୍ନୀତିମୁକ୍ତ ପ୍ରଶାସନ ଗତ ପରିଚାଳନା ରାଷ୍ଟ୍ରର ଆଭ୍ୟନ୍ତରୀଣ ସ୍ଥିରତାକୁ ବଜାୟ ରଖେ। ବର୍ତ୍ତମାନ ବିକାଶୋନ୍ମୁଖୀ ଭାରତ ବର୍ଷରେ ଏସବୁ ଗୁଣତତ୍ୱ ଗୁଡିକ ଭରପୂର ହୋଇ ରହିଛି ହେଲେ ଛଳବାଦୀ ମଣିଷମାନଙ୍କର ଏକତ୍ର ବନ୍ଧୁପଣ, ବିନାଶ୍ରମରେ ସମ୍ପତିଶାଳୀ ହେବାର ସୁଚିନ୍ତିତ ହୀନ କୌଶଳସବୁ ଅଳ୍ପ କେତେକଙ୍କୁ ଏପରି ଘାରିଛି ଯେ ସେମାନେ ଦେଶର ସାର୍ବଭୌମତାକୁ ଶତୃରାଷ୍ଟ୍ରମାନଙ୍କ ହାତରେ ଟେକି ଦେବା ପାଇଁ ଆଦୌ କୁଣ୍ଠାବୋଧ କରୁନାହାନ୍ତି। ବିଶେଷ ଭାବେ ଆମ ଦେଶରେ ପରଜୀବୀ ନାଗରିକ ଚରିତ୍ରର ଅଭ୍ୟୁଦୟ ଘଟିଛି। ସେମାନଙ୍କ ଜୀବନର ପ୍ରତ୍ୟେକଟି ମୁହୂର୍ତ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ଉସକାଇବାରେ ବିନିଯୋଗ ହେଉଛି। ଦେଶ ନାଗରିକର ଚରିତ୍ର ବିପନ୍ନ ହେଲେ ଶାସନ ସ୍ଥିରତାରେ ହଲଚଲ ହେବ ହିଁ ହେବ। ବିଚାର ଶକ୍ତି ରହିତ ନାଗରିକ ଛୋଟ ମୁହଁରେ ବଡକଥା କହିବା ପରି ଆଶାଳୀନ ବକ୍ତବ୍ୟମାନ ବୃହତର ସମାଜକୁ ଦେବାରେ, ଆଦୌ କୁଣ୍ଠା କରିବେ ନାହିଁ। ଏଭଳି କ୍ଷେତ୍ରରେ ଜଣେ ବିଚାରଶୀଳ ସର୍ବୋଚ୍ଚ ଶାସକ ବୋଲାଉଥିବା ନାଗରିକ ତାର ଦାୟିତ୍ୱ ନିର୍ବାହ କରିବାରେ ବାଧା ଉପୁଜିବ ନାହିଁ କି ? ତାହା ହିଁ ଆମ ଏହି ବିଶାଳ ଭାରତ ଭୂଖଣ୍ଡରେ ଆଜି ଦେଖାଦେଲାଣି। ବହିରାଗତ ଯବନ ଓ ଫରିଙ୍ଗୀ ମାନଙ୍କର ଦୀର୍ଘ ୭ଶହ ବର୍ଷର ଅମାନବୀୟ ଭ୍ରଷ୍ଟାଚାରୀ ଶାସନ, ଧର୍ମ ବିଦ୍ୱେଷତା, ଦାସତ୍ୱ ଭଳି ନକରାତ୍ମକ କାରଣମାନ ଯାହା ଯାହା ଏଦେଶର ଦିନେ ଶାନ୍ତି-ସନାତନୀୟ, ସଂସ୍କୃତିକୁ ଧୂଳି ଲୁଣ୍ଠିତ କରିଥିଲା ସେଥିରୁ ମୁକ୍ତି ପାଇ ମାତ୍ର ୭୪ବର୍ଷ ମଧ୍ୟରେ ପୁନରାୟ ଆମେ ଆଜି ସେହି ଅପରିଣାମଦର୍ଶୀ କାର୍ଯ୍ୟକାରଣ ମାନଙ୍କ ମଧ୍ୟକୁ ଲମ୍ଫ ଦେଉନାହେଁକି ?

ଦେଶରେ ଏବେ କିଛିର ହିଁ ଅଭାବ ନାହିଁ। ଭାରତ ଏବେ ସମଗ୍ର ପୃଥିବୀରେ ଏକ ବିକଶିତ- ଉଦାତ ତରୁଣ ରାଷ୍ଟ୍ର, ଯାହାର ପୃଥିବୀକୁ ନେତୃତ୍ୱ ଦେବାର ଦାୟିତ୍ୱ ରହିଛି; ସେ ଯଦି ତା ନାଗରିକମାନଙ୍କ ଦ୍ୱାରା ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ତା' ନିଜତ୍ୱ ହରାଇ ବସିବ ତେବେ ପୃଥିବୀରେ ଏ ଦେଶର 'ଛବି' ଘୃଣାରେ ପ୍ରଭାବିତ ହେବ ନାହିଁ କି? 'ଅସହିଷ୍ଣୁତା' ମଣିଷର ମଗଜରେ ରହୁ ମାତ୍ର ତାହା ବ୍ୟବସ୍ଥିତ ସମାଜକୁ ପ୍ରଭାବିତ ନକରୁ। ବିରାଟ ଜନଗଣଙ୍କ ରାଷ୍ଟ୍ରରେ ଅଳ୍ପ ସଂଖ୍ୟକ ବ୍ୟଭିଚାରୀଙ୍କ ଉତ୍ପାତ ଯେ ଦିନେ ଗୃହଯୁଦ୍ଧକୁ ଆମନ୍ତ୍ରଣ କରିବ, ଏକଥାଟିକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ଦେଶ ସ୍ୱାର୍ଥ ପ୍ରଥମ। ଦେଶ ବଂଚିଥିଲେ ହିଁ ଆମେ ଭୟମୁକ୍ତ ଜୀବନଯାପନ କରିବା, ନହେଲ 'ପୂନଃମୂଷିକ ଭବ' ନ୍ୟାୟରେ ପୁଣି ସେଇ ପରାଧୀନତାର ଅନ୍ଧାରୀ ବିବର ମଧ୍ୟକୁ ଯେ ଆମ ଦେଶ ପ୍ରବେଶ ନକରିବ ଏ କଥାଟିକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

+ଭୁବନେଶ୍ୱର
ମୋ: ୯୪୩୮୫୩୫୫୬୭

## ଭାଷା ସମୃଦ୍ଧିରେ ସଂବାଦପତ୍ରର ଭୂମିକା



**ପ୍ର.ଗିରିଜା ଶଂକର ଶର୍ମା**

**ଆଜିର ଅନେକ ପ୍ରତିଷ୍ଠିତ କବି କାଁ ଭାଁ କେତେ ଜଣଙ୍କୁ ଛାଡ଼ି କବିତା ଲେଖା ଏହି ସଂବାଦପତ୍ରରୁ ଆରମ୍ଭ କରିଥିବା ପ୍ରାୟ ନିଶ୍ଚିତ । ଏହି ସଂବାଦପତ୍ର ସମଗ୍ର ବିଶ୍ୱର ତାତ୍ପର୍ଯ୍ୟପୂର୍ଣ୍ଣ ଖବର ପରିବେଷଣ କରିବା ସହିତ କିଛି ନା କିଛି ସାହିତ୍ୟିକ ବିଷୟବସ୍ତୁ ଉପସ୍ଥାପିତ କରିଥାଏ । ପାଠକ ମନରେ ଏ ସାହିତ୍ୟିକ ପ୍ରବାହ ନିଶ୍ଚିତ ଭାବରେ ଛାପ ଛାଡ଼ିବା ସ୍ୱାଭାବିକ ।**

୧୯୩୬ରେ ଭାଷା ଭିତ୍ତିରେ ଓଡ଼ଇଶା ପ୍ରଦେଶ ଗଠିତ ହେବାର ତିନି ଚାରି ଦଶକ ଆଗରୁ ଓଡ଼ିଆ ଭାଷା ଘୋର ସଂକଟ ଦେଇ ଗତି କରୁଥିଲା । ଏହି ଭାଷାକୁ ସଂପୂର୍ଣ୍ଣ ଭାବରେ ଲୁପ୍ତ କରିଦେବା ପାଇଁ ବର୍ତ୍ତମାନର ଓଡ଼ିଶାକୁ ଲାଗି ରହିଥିବା ପ୍ରଦେଶ ମାନଙ୍କରୁ ପ୍ରବଳ ଉଦ୍ୟମ କରାଯାଇ ଓଡ଼ିଆ ଭାଷାକୁ ଅଣନିଶ୍ୱାସୀ କରାଯାଇ ଥିଲା । ଭାଷାର ଏ ଘୋର ଦୁର୍ଦ୍ଦିନରେ ଓଡ଼ିଆ ଭାଷାର ମହାରଥୀମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଏ ମୁମୂର୍ଷୁ ଭାଷାକୁ ନବଜୀବନ ପ୍ରଦାନ କରିଥିଲେ । ସେ ସମୟରେ ଯେଉଁମାନେ ମାତୃଭାଷା ଓ ମାତୃଭୂମି ପ୍ରେମରେ (କେବଳ ଓଡ଼ିଶା ସଂପର୍କରେ ବ୍ୟବହୃତ ହୋଇଛି) ଜର୍ଜରିତ ହୋଇ ଏହାର ସୁରକ୍ଷା ଦାୟିତ୍ୱ ବହନ କରିଥିଲେ ସେମାନେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀରମୋହନ ସେନାପତି, ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ବାମଣ୍ଡା ରାଜା ବାସୁଦେବ ସୁଢ଼ଳ ଦେବ, ରାଧାନାଥ ରାୟ, ସ୍ୱଭାବକବି ଗଂଗାଧର ମେହେର ଇତ୍ୟାଦି ପ୍ରସିଦ୍ଧ ସାହିତ୍ୟିକ ଓ ଜାତିପ୍ରେମୀ ଗଣ।

ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଭାଷା ଭିତ୍ତିରେ ଓଡ଼ିଶା ରାଜ୍ୟ ଗଠିତ ହେଲା କିନ୍ତୁ ଓନିଶା ଭାଷାର ବିଶେଷ ଆଗ୍ରହ ବା ଉନ୍ନତି ଘଟି ପାରିଲା ନାହିଁ । ସେହିଦିନଠାରୁ ଓଡ଼ିଆ ଭାଷାର ଉନ୍ନତି ପାଇଁ ଆଜିପର୍ଯ୍ୟନ୍ତ ବିଭିନ୍ନ ଉପାୟରେ ଭାଷା ଆନ୍ଦୋଳନ ଜାରି ରହିଛି । କେଉଁଠି ମୁଷ୍ଟିମେୟ ଲୋକଙ୍କ ଦ୍ୱାରା, କେଉଁଠି ବ୍ୟକ୍ତି ବିଶେଷଙ୍କ ଦ୍ୱାରା, କେଉଁଠି ଅନୁଷ୍ଠାନ ମାନଙ୍କ ଦ୍ୱାରା ତ ଅନ୍ୟ କେଉଁଠି ଅନ୍ୟ ଉପାୟ ଦ୍ୱାରା ଏହି ଭାଷା ଆନ୍ଦୋଳନ ଆଜି ପର୍ଯ୍ୟନ୍ତ ଚାଲି ଆସିଛି । ଯେଉଁ ଖବରକାଗଜ, ଓଡ଼ିଆ ପତ୍ରପତ୍ରିକା ତାଙ୍କ ନିଜ ମାର୍ଗରେ ଏହି ଆନ୍ଦୋଳନକୁ ଚଳାଇ ରଖିଛନ୍ତି ସେମାନଙ୍କ ମଧ୍ୟରେ ଦୈନିକ ଖବର କାଗଜ ଧ୍ୱନିପ୍ରତିଧ୍ୱନି ଓ ସାହିତ୍ୟ ପତ୍ରିକା ସାଗରିକା ଅନ୍ୟତମ ।

'ସାଗରିକା' ସାହିତ୍ୟ ପତ୍ରିକା ୧୯୮୦ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ସୃଷ୍ଟିଧର ପରିଡ଼ାଙ୍କ ସ୍ଥାପିତ ହୋଇ ୧୯୮୮ ପରଠାରୁ ସୈରିନ୍ଧ୍ରୀ ସାହୁଙ୍କ ସଂପାଦନାରେ ପ୍ରକାଶ ପାଇ ଆସୁଅଛି । ଏହାର ଠିକ୍ ତିନିବର୍ଷ ପରେ ଦୈନିକ ସଂବାଦ ପତ୍ର ଧ୍ୱନିପ୍ରତିଧ୍ୱନି ତାଙ୍କ ସଂପାଦନାରେ ପ୍ରକାଶ ପାଏ ଓ ଧିରେ ଧିରେ ତାର କାୟା ବିସ୍ତାର କରି ସମଗ୍ର ଓଡ଼ିଶା ତଥା ଆଖପାଖ ଅଂଚଳକୁ ସଂପ୍ରସାରିତ ହୁଏ । ଦୀର୍ଘ ଚଉତିରିଶ ବର୍ଷ ଧରି ଓଡ଼ିଶାର ସାରସ୍ୱତ ସାମ୍ରାଜ୍ୟକୁ ସମୃଦ୍ଧ କରୁଥିବା ପତ୍ରିକା ସାଗରିକା ତାର ସାହିତ୍ୟିକ ମୂଲ୍ୟବୋଧ ପାଇଁ ସାହିତ୍ୟ କ୍ଷେତ୍ରରେ ଆଜି ଏକ ପ୍ରତିଷ୍ଠିତ ପତ୍ରିକା ହୋଇ ପାରିଛି । ଓଡ଼ିାର ଅଗଣିତ ଲେଖିକାଙ୍କୁ ସାରସ୍ୱତ ସାମ୍ରାଜ୍ୟରେ ଅଭିଷିକ୍ତ କରାଇ ପାରିଛି । ଏ ଦିଗରେ ଧ୍ୱନି ପ୍ରତିଧ୍ୱନି ସଂବାଦପତ୍ର କିଛି କମ୍ ଭୂମିକା ଗ୍ରହଣ କରିନାହିଁ । ଏହାର ଓଡ଼ିଆ ସାହିତ୍ୟକୁ ଅବଦାନ କେହି ମଧ୍ୟ ଭୁଲି ପାରିବେ ନାହିଁ । କିମ୍ବା ଏହା ଦ୍ୱାରା ସ୍ଥାପିତ ମାଇଲ ଖୁଣ୍ଟକୁ ଅତିକ୍ରମ କରିପାରିବେ ନାହିଁ । ଆଜିର ଅନେକ ପ୍ରତିଷ୍ଠିତ କବି କାଁ ଭାଁ କେତେ ଜଣଙ୍କୁ ଛାଡ଼ି କବିତା ଲେଖା ଏହି ସଂବାଦପତ୍ରରୁ ଆରମ୍ଭ କରିଥିବା ପ୍ରାୟ ନିଶ୍ଚିତ । ଏହି ସଂବାଦପତ୍ର ସମଗ୍ର ବିଶ୍ୱର ତାତ୍ପର୍ଯ୍ୟପୂର୍ଣ୍ଣ ଖବର ପରିବେଷଣ କରିବା ସହିତ କିଛି ନା କିଛି ସାହିତ୍ୟିକ ବିଷୟବସ୍ତୁ ଉପସ୍ଥାପିତ କରିଥାଏ । ପାଠକ ମନରେ ଏ ସାହିତ୍ୟିକ ପ୍ରବାହ ନିଶ୍ଚିତ ଭାବରେ ଛାପ ଛାଡ଼ିବା ସ୍ୱାଭାବିକ । ସେଥିପାଇଁ ଧ୍ୱନିପ୍ରତିଧ୍ୱନି ଦୈନିକ ସଂବାଦପତ୍ରକୁ ଭାଷା ଆନ୍ଦୋଳନ ବା ଭାଷାର ଉନ୍ନତି, ପ୍ରଚାର ଓ ପ୍ରସାରର ଏକ ବଳିଷ୍ଠ ମାଧ୍ୟମ ବୋଲି ଅଭିହିତ କରିବାରେ ମତାନ୍ତର ନାହିଁ ।

ବର୍ତ୍ତମାନ ଅନେକ ସଂବାଦପତ୍ରରେ ସାପ୍ତାହିକ ସାହିତ୍ୟ ପତ୍ରଟିଏ ରହୁଛି, କିନ୍ତୁ ଆଜିପର୍ଯ୍ୟନ୍ତ ଏପରିକି କୌଣସି ଦୈନିକ ସଂବାଦପତ୍ର ନାହିଁ ଯାହା ପ୍ରାୟ ସବୁଦିନ ସାହିତ୍ୟ ପ୍ରତି ସମର୍ପିତ । ଧ୍ୱନି ପ୍ରତିଧ୍ୱନିର ପ୍ରଚ୍ଛଦପଟରେ ଯେଉଁ ଦୁଇ ମହାନ କଳାକାର ଅଛନ୍ତି ସେମାନେ ହେଲେ ସୃଷ୍ଟିଧର ପରିଡ଼ା ଓ ତାଙ୍କ ସହଧର୍ମିଣୀ ସୈରିନ୍ଧ୍ରୀ ସାହୁ । ଉଭୟେ ପତିପତ୍ନୀ ସାରସ୍ୱତ ଜଗତରେ ଜଣେ ଜଣେ ପ୍ରତିଷ୍ଠିତ ମଣିଷ । ଉଭୟଙ୍କର ଏକାଧିକ ପ୍ରକାଶିତ ଏବଂ ପାଠକ ପ୍ରଶଂସିତ ପୁସ୍ତକ ରହିଅଛି। ଯେଉଁ ସ୍ଥାନରେ ସଂବାଦପତ୍ର ବା ପତ୍ରିକାର ସଂପାଦନା ସାହିତ୍ୟକ ମାନଙ୍କ ଦ୍ୱାରା ହୋଇଥାଏ ତାହା କେବେହେଲେ ଅବହେଳିତ ହୁଏନାହିଁ ଏବଂ ଆଗରୁ ଆଗକୁ ଉନ୍ନତି ମାର୍ଗରେ ଗଡ଼ି କରିଥାଏ । ଧ୍ୱନି ପ୍ରତିଧ୍ୱନି ଏବଂ ସାଗରିକା କ୍ଷେତ୍ରରେ ମଧ୍ୟ ସେହି କଥା ହୋଇଥିବାରୁ ଉଭୟ ଉନ୍ନତି ପଥରେ ଆଗେଇ ଚାଲିଛନ୍ତି । ଜଣେ ବ୍ୟକ୍ତିବିଶେଷ ସଂବାଦପତ୍ରଟିଏ ପ୍ରକାଶ କରିବା ବଡ଼କଥା ନୁହେଁ କିନ୍ତୁ ନିୟମିତ ଭାବରେ ଦୀର୍ଘ ବର୍ଷଧରି ପ୍ରକାଶ କରିବା ବ୍ୟକ୍ତିବିଶେଷଙ୍କ ସ୍ଥଳରେ ସହଜସାଧ ବ୍ୟାପାର ନୁହେ । ଏହା ସମୟ, ପରିଶ୍ରମ ଓ ଅର୍ଥ ସାପେକ୍ଷ ।

ଏବର ଅନେକ ସଂବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଦୈନିକ ସଂବାଦପତ୍ର ଠାରୁ ଅନୁପ୍ରେରିତ ହୋଇ ତାଙ୍କ ସଂବାଦପତ୍ରରେ ସାହିତ୍ୟକୁ ସାମିଲ କରିଛନ୍ତି । ଏଥିପାଇଁ ଧ୍ୱନିପ୍ରତିଧ୍ୱନିକୁ ଏ ଦିଗରେ 'ମଶାଲ ବାହକ' ସହିତ ତୁଳନା କରାଯାଇ ପାରେ । ଏଥିପାଇଁ ସୃଷ୍ଟିଧର ପରିଡ଼ା ଓ ତାଙ୍କ ସହଧର୍ମିଣୀ ସୈରିନ୍ଧ୍ରୀ ସାହୁଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ।

'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା' ସାହିତ୍ୟମନସ୍କ ସଂବାଦପତ୍ର ଓ ପତ୍ରିକା ଦ୍ୱୟ ଆଗକୁ ସେ ଆହୁରି ଉନ୍ନତି କରିବେ ଓ ଏ ଅଂଚଳର ସାରସ୍ୱତ ପ୍ରବାହକୁ ଆହୁରି ଶାଣିତ କରିବେ, ଏଥିରେ ସଂଦେହର ଅବକାଶ ନାହିଁ ।

+ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫

## ପ୍ରଜାପତିର ମୋହ

**ପ୍ରାଧାପିକା ଉଷା ଶତପଥି**



କେବେ କ'ଣ ଧରାଦିଏ ପ୍ରଜାପତି !
କିନ୍ତୁ ତା ପଛରେ ଗୋଡାଇବାର
ମୋହରୁ କ'ଣ ମୁକ୍ତି ମିଳେ !

ନାଲି, ନୀଳ, ହଳଦିଆ ନାନା ରଙ୍ଗର
ପ୍ରଜାପତି ପଛରେ
ପିଲାଦିନେ ବିତିଛି କେତେ ଯେ ସମୟ
ତାର ହିସାବ ନାହିଁ
ହେଲେ ସେ କ'ଣ ଧରା ଦେଇଛି !
ତା ରଙ୍ଗୀନ ଡେଣାକୁ ଧରିବାକୁ ଯାଇ
କେବେ ହେଇଛି କ୍ଷତାକ୍ତ
କେବେ ପୁଣି କଣ୍ଟାରେ କଣ୍ଟାରେ ରୁଧିରାକ୍ତ
ହେଲେ ପ୍ରଜାପତି କ'ଣ ଧରା ଦେଇଛି !

ହେଲେ, ପିଲାଦିନର ସେ
କ୍ଷତର ଯନ୍ତ୍ରଣା କ'ଣ ମନେ ଅଛି !
କ୍ଷତ ଚିହ୍ନ ବି ଲିଭି ଯାଇଛି ।
ନିତି ଏବେ ପ୍ରଜାପତିଟିଏ ଆସେ,ବସେ
ଝରକା ସେ ପାଖରେ ପ୍ରଜାପତିକୁ ଦେଖିଲେ
ମୁଁ ବାହାରିଯାଏ ତା ପାଖକୁ ।
ସେ ଉଡୁଥାଏ ଯେ ଉଡୁଥାଏ
ମୋ ଚାରିପଟେ

ମୋତେ ପ୍ରଲୋଭିତ କରୁଥାଏ
ତା ରଙ୍ଗ ବେରଙ୍ଗ ଡେଣା ଦେଖେଇ
ହେଲେ ମୁଁ କଣ ଧରି ପାରେ ତାକୁ !

ଫେରି ଆସେ ଦୁଃଖରେ, ହତାଶାରେ
ବିରକ୍ତି ବୋଧରେ
କିନ୍ତୁ ସେ ବି ଖୁବ୍ ଯିଦ୍ ଖୋର୍
ଛାଡି ଯାଏ ନାହିଁ ମୋତେ
କେଜାଣି କେଉଁ ଏକ
ଅଜବ୍ ଖିଆଲ୍ରେ

ମୁଁ ଆଖି ବନ୍ଦ୍ କରେ
ମୁଁ ତା ଉଡିବାର ଦୃଶ୍ୟ ଦେଖେ
ସେ ଆସେ
ମୋ ହାତରେ ବସେ ?
ମୋତେ ଆଉଁସି ଦିଏ
ତା ମୁଲାୟମ ଡେଣାରେ
ଚୁପି ଚୁପି କେତେ କଥା ହୁଏ

ସେ ମୋର ଆପଣାର ବୋଲି
ଦିଏ ବିଶ୍ୱାସ
ଅଭାବିତ ଅଭାବିତ ଜୀବନରେ ମୋ
ଭରିଦିଏ ପୁଲକ ଓ ଉଚ୍ଛ୍ୱାସ ।

ଧରା ଦିଏ ନାହିଁ ସିନା ହରିଣ !
ବୋହି ଯାଉଥିବା ପବନ !
ଅମାପ ଶକ୍ତି ଦେଉଥିବା ସୂର୍ଯ୍ୟ କିରଣ
ଛଳ ଛଳ ନଦୀର ଜଳ !
ଜିଏଁଇ ରଖିଥିବା ନିଃଶ୍ୱାସ !

ହାତରେ ଧରି ରଖି ହୁଏ ନାହିଁ
ହରିଣ,ପବନ
ନଦୀର ଜଳ, ସୂର୍ଯ୍ୟାଲୋକ ନିଃଶ୍ୱାସ !
ବରଂ ଧରି ରଖିବାର ମୋହ
ଚୁର୍ ମାର୍ କରିଦିଏ
ସାଇତି ଥିବା ଅସୁମାରି ସ୍ୱପ୍ନ,
ଅୟୁତେ ପ୍ରତ୍ୟୟ !

ବନ୍ଦ୍ ଆଖିରେ ଅନୁଭବିଲି
ସେ ମୋ ହାତରେ ଅଛି
ମୋତେ ସାନ୍ତନା ଦେଉଛି
କହୁଛି ..ଦେଖ୍ ମୁଁ ତୋ ପାଖରେ ଅଛି
ତୋ ଆଖପାଖରେ
ଏଇଠି, ସବୁଠି ତୋ ହୃଦୟ ଭିତରେ !

ଏମିତି ସେ ଆସେ, ଯାଏ,
ପାଖରେ ବସେ
କଥା କହେ, ଆଖି ଲୁହ ପୋଛେ
କେତେ କଣ ଦିଏ ସାନ୍ତ୍ୱନା !
ଫେରିଯାଏ ଭରିଦେଇ
ସମୁଦ୍ରେ ପ୍ରତ୍ୟୟର ଅମ୍ଳଜାନ
ସମସ୍ତଙ୍କ ଆଖି ଉହାଡରେ,
ଅଲକ୍ଷ୍ୟରେ

ବେଳୁ ବେଳ କରେ ମୋତେ ଆନମନା !

ପ୍ରଜାପତିଟିଏ ପରି
ତୁମେ ଥାଅ ମୋ ଆଖପାଖରେ ଏଇଠି,
ସେଇଠି, ସବୁଠି ..
ଧରିବାକୁ ହାତ ବଢ଼ାଇବା
କ'ଣ ଦରକାର ଯେ !
ଆଖି ବୁଜିଲେ ତୁମେ ତ ମୋ ପାଖରେ
ମୋ ନିଃଶ୍ୱାସରେ, ବିଶ୍ୱାସରେ
ମୋ ଆରତରେ, ଅନୁରକ୍ତରେ
ମହକିତ କରୁଥାଅ ମୋ କ୍ଲିଷ୍ଟ ଚଲାପଥ
କସ୍ତୁରୀ ପରି ଥାଇ ମୋ ଭିତରେ !

+ ବେତନଟୀ,
(ମୋ) ୮୮୯୫୦୬୮୫୭୧

## ଧ୍ୱନି ପ୍ରତିଧ୍ୱନି

**କଲ୍ୟାଣୀ ନନ୍ଦ**

ତୁମ ଆମ ଘରେ
ସହର ଗାଆଁରେ
ସବୁ ଧ୍ୱନି ଯିଏ ଶୁଣି
ଅନ୍ଧାର ପଣତ
କାନି ଚିରି ଲେଖେ
କାହାଣୀର ପ୍ରତିଧ୍ୱନି
ଆମ ଧ୍ୱନି ପ୍ରତିଧ୍ୱନି।

ଖରା ଓ ଶୀତରେ
ବରଷା କାକରେ
ପହଞ୍ଚେ ତୁମ ଦୁଆରେ
ଆଖି ସାଥେ ଆଖି
ମିଶାଇ ଦେବାକୁ
ସଜ ନୂଆ ସକାଳରେ
ସାରା ଓଡ଼ିଶାର
ପୁର ପଲ୍ଲୀ ଜନ
ଚାଲିଛି ସେ ମନ କିଣି
ଆମ ଧ୍ୱନି ପ୍ରତିଧ୍ୱନି।

ଦେଶ ବିଦେଶର
ତାଜା ଖବରକୁ
ଶୁଭେଚ୍ଛା ଦିଏ ସାଗରିକା
ବିଚିତ୍ରା ପୃଷ୍ଠାରେ
କବିତା ମାଳାରେ
କେତେ ନୂଆ ମୁହଁ ଦେଖା
ନିରପେକ୍ଷ ଭାବେ
ସଂସାର ଛାତିରେ
ପାଦ ଚାଲେ ଗଣି ଗଣି
ଆମ ଧ୍ୱନି ପ୍ରତିଧ୍ୱନି।

ମିଛ ଶବଦରେ
କରେ ପ୍ରତିବାଦ
ଯୁବ ସମାଜେ ଆହ୍ୱାନ
ସାହିତ୍ୟ ଗଣିତ
କବି ଭାବୁକଙ୍କୁ
ସର୍ଭିଙ୍କୁ ଦିଏ ସମ୍ମାନ
ମାଆ ମହାମାୟୀ
ସେ ମହିମାମୟୀ
ସାହା ତାଙ୍କ ମନ ଜାଣି
ସାଗରିକା ପ୍ରତିଧ୍ୱନି



ଆମ ଧ୍ୱନି ପ୍ରତିଧ୍ୱନି ।

ବାଲେଶ୍ୱର,
ମୋ: ୭୦୦୮୩୭୩୨୪୯

## ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ



**ପୀତାମ୍ବର ଦାସ**

ଜଣେ ଚାଷୀ ନୂଆ ପୋଖରୀ ଖୋଳି ଚାଷ କରିଥାଏ। ପୋଖରୀ ହୁଡ଼ାରେ ନଡ଼ିଆ ଗଛ, କଦଳୀ ଗଛ, ପଣସ ଗଛ, ପିଜୁଳି ଗଛ, ଏଇଭଳି ଅନେକ ଗଛ ଲଗାଇ ମଧ୍ୟ ଚାଷ କରିଥାଏ। ପୋଖରୀ ହୁଡ଼ାକୁ ଲାଗି ଗୋଟିଏ ପାଖରେ ତା'ର ଘର ଓ ଅନ୍ୟ ପାଖରେ ଏକ ଏକର ଚାଷ ଜମି ଥାଏ। ସେ ସେଇ ଜମିରେ ଧାନଚାଷ କରେ ଓ ଧାନଚାଷ ପରେ ବିରି, କୋଳଥ, ମାଣ୍ଡିଆ, ବାଇଗଣ, ପୋଟଳ ଇତ୍ୟାଦି ପରିବା ଚାଷ କରେ। ପୋଖରୀ ହୁଡ଼ାରେ ଏକ ମୂଷା ଗାତ କରି ରହିଥାଏ। ସେ ଚାଷୀର ଚାଷ ଜମିର ଧାନ, ମାଣ୍ଡିଆ, କୋଳଥ ଆଣି ଖାଏ ଓ ବର୍ଷସାରା ଖାଇବା ପାଇଁ ମଧ୍ୟ ଏକ ବଡ଼ ଗାତକରି ସାଇତି ରଖିଥାଏ। ସଞ୍ଜ ହେଲେ ଜହ୍ନରାତିରେ ବେଳେ ବେଳେ ପୋଖରୀ ହୁଡ଼ାର ଚାରିପଟେ ବୁଲିଆସେ। ଥରେ ଦେଖିଲା ଗୋଟିଏ କଙ୍କଡ଼ା ଗାତ ଖୋଳୁଛି ଓ ମାଟିଗୋଡ଼ିକୁ ତା' ଗାତ ଚାରିପଟେ ରଖିଛି। ମୂଷାଟି ଭାବିଲା ଏ ପ୍ରକୃତରେ ମୋର ବନ୍ଧୁ ହେବା ପାଇଁ ଉପଯୁକ୍ତ, କାରଣ ମୁଁ ଯେପରି ଗାତ ଖୋଳି ଗାତମୁହଁରେ ମାଟି ଜମେଇ ଦେଇଥାଏ, ଏଇ ଜୀବଟି ମଧ୍ୟ ସେହିପରି କରୁଛି। ତେଣୁ ମୋର କାରିଗରି ବିଦ୍ୟା ଏହାକୁ ଭଲ ଭାବେ ଜଣା। ତେଣୁ ସେ କଙ୍କଡ଼ା ପାଖକୁ ଯାଇ ତା'ର ପରିଚୟ ଦେଲା ଓ ତା'ର ଘର ଆଡ଼େ ବୁଲିଯିବାକୁ କହିଲା। କଙ୍କଡ଼ା ମଧ୍ୟ ତା'ର ଅନୁରୋଧ ରକ୍ଷା କରି ଗଲା। ଦେଖିଲା। ମୂଷା ଠିକ୍ ତା' ପରି ଗାତ କରି ରହୁଛି। ମୂଷା ମଧ୍ୟ କଙ୍କଡ଼ାକୁ ସେଦିନ ଭଲ ଖାଦ୍ୟ ଖାଇବାକୁ ଦେଲା। ମୂଷା ଗୋଟିଏ ଗାତ ମାଟି ଭିତରେ କଙ୍କଡ଼ା ରହିବା ପର୍ଯ୍ୟନ୍ତ ଖୋଳିଦେଲା। ସେ ଗାତ ମଧ୍ୟଦେଇ କଙ୍କଡ଼ା ଓ ମୂଷା ଯିବା ଆସିବା କରୁଥିଲେ ମଧ୍ୟ କେହି ଲୋକ ଦେଖିପାରନ୍ତି ନାହିଁ। ବୈଶାଖ ମାସ। ବାହାଘର ପର୍ବ ଧୂମ୍‌ଧାମ୍‌ରେ ହେଉଥାଏ। ବଜାରରେ ବାହାଘର ପାଇଁ ମାଛର ଦାମ୍ ବହୁତ ବଢ଼ିଯାଇଥାଏ। ଚାଷୀଟି ମାଛ ଧରି ବଜାରରେ ବିକ୍ରିକରି ବେଶ୍ ଦୁଇ ପଇସା ରୋଜଗାର କରିବାକୁ ଇଚ୍ଛା କଲା। ତେଣୁ ସେ ଦୁଇଦିନ ଭିତରେ କୈବର୍ତ୍ତ ଡାକି ମାଛ ଧରିବାକୁ କହିଲା। ଏ ଖବରଟା କଙ୍କଡ଼ା ସବୁ ମାଛଙ୍କୁ ଜଣେଇଦେଲା। ଏକା ପୋଖରୀରେ ରହୁଛନ୍ତି, ପୁଣି ସିଏବି ବାଦ୍ ପଡ଼ିବନି କାରଣ ଲୋକମାନେ ମଧ୍ୟ କଙ୍କଡ଼ା ଖାଇବାର ସୁଆଦିଆ ମଜା ଜାଣନ୍ତି। ସମସ୍ତେ ଏକଥା ଶୁଣି ଦୁଃଖରେ କାନ୍ଦିବାକୁ ଲାଗିଲେ। ବଇଶାଖ ମାସ, ବର୍ଷା ହେବାର ନାହିଁ, ବର୍ଷା ହେଲେ ହୁଏତ ପାଣିରେ ଆଉ କେଉଁ ପୋଖରୀକୁ ଚାଲି ଯାଆନ୍ତେ। ସମସ୍ତଙ୍କ ମଧ୍ୟରେ ଗୋଟିଏ ଭାଳେଣି ପଡ଼ିଗଲା। ଦୁଇଦିନ ଭିତରେ କ'ଣ କରିବେ, କାହାକୁ କିଛି ବୁଦ୍ଧିବାଟ ଦିଶିଲା ନାହିଁ। କଙ୍କଡ଼ା ଗାତ ଭିତରେ ଭିତରେ ଯାଇ ମୂଷିକ ବନ୍ଧୁ ପାଖରେ ପହଞ୍ଚି ଦୁଃଖର କଥା ଜଣାଇଦେଲା। ମୂଷା ଟିକେ ଚାଲାକ୍। ସେ ଭାବିକରି କହିଲା, ଚିନ୍ତା କର ନାହିଁ, ତୁମକୁ ବଞ୍ଚେଇ ଦେବା ମୋର ଦାୟିତ୍ୱ।

ସେଇ ପୋଖରୀକୁ ଲାଗି ୨୦ ଫୁଟ୍ ଦୂରରେ ଆଉ ଗୋଟିଏ ଚାଷୀର ପୋଖରୀ ଥାଏ। ସିଏ ମଧ୍ୟ ମାଛ ଛାଡ଼ି ମାଛଚାଷ କରିଥାଏ। ମୂଷା ପ୍ରଥମ ପୋଖରୀର ପାଣି ଠାରୁ ଏକ ଇଞ୍ଚ ଛାଡ଼ି ଦ୍ୱିତୀୟ ପୋଖରୀ ପର୍ଯ୍ୟନ୍ତ ଏକ ଗାତ କରିବାକୁ ଲାଗିଲା ଏବଂ ଦୁଇଦିନ ମଧ୍ୟରେ ସେ ଗାତ ଖୋଳିଦେଲା ଏବଂ ଦ୍ୱିତୀୟ ପୋଖରୀର ପାଣି ଠାରୁ ମଧ୍ୟ ଏକ ଇଞ୍ଚ ଛାଡ଼ି ଦେଇଥାଏ, କାରଣ ପାଣି ପଶିଗଲେ ତା' ପକ୍ଷେ ଗାତ ଖୋଳିବା ସମ୍ଭବ ନୁହେଁ। ତା'ପରେ ସେ ନିଜେ ରହୁଥିବା ଗାତ ପାଖକୁ ପଳେଇ ଆସି କଙ୍କଡ଼ାକୁ ଦୁଇ ମୁଣ୍ଡ ପୋଖରୀର ଉଭୟ ପାର୍ଶ୍ୱରୁ ପାଣି ଲାଗି ରହିଥିବା ମାଟିକୁ କଙ୍କାଡ଼ାର ବୁଢ଼ା ଗୋଡ଼ ଦ୍ୱାରା ଖୋଳିବାକୁ କହିଲା। କଙ୍କଡ଼ା ମୂଷାବନ୍ଧୁର କଥା ମାନି ତାହା କଲା। ସଙ୍ଗେ ସଙ୍ଗେ ଦୁଇ ପୋଖରୀ ମଧ୍ୟରେ ପାଣି ପ୍ରବାହିତ ହୋଇ ସମାନ ହୋଇଗଲା। ତା'ପରେ ପୋଖରୀର ସବୁ ମାଛଙ୍କୁ ରାତାରାତି ଦ୍ୱିତୀୟ ପୋଖରୀକୁ ଚାଲିଯିବାକୁ କହିଲା। ସେଇ ଅନୁସାରେ ସେଇ ଗାତର ପାଣି ମାଧ୍ୟମରେ ସବୁ ମାଛ ଆର ପୋଖରୀକୁ ଚାଲିଗଲେ ଓ ତାଙ୍କର ଭାଉ ନ ଦେଖାଇ ପାଣିର ଶେଷ ଭାଗରେ ଚୁପ୍‌ଚାପ୍ ରହି ବୁଲାବୁଲି କଲେ। ତାପରେ ଦିନେ କୈବର୍ତ୍ତମାନେ ଆସି ଜାଲ ପକାଇଲେ। ଦୁଇଘଣ୍ଟା ଯାଏ ଜାଲ ପକାଇ ପକାଇ ନୟାନ୍ତ ହୋଇଗଲେ ମଧ୍ୟ ଗୋଟିଏ ହେଲେ ମାଛ ଧରି ପାରିଲେ ନାହିଁ। ଚାଷୀ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା। ଏତେ ମାଛ ଥିଲେ ଅଥଚ କୁଆଡ଼େ ଗଲେ କେହି ବୁଝିପାରିଲେ ନାହିଁ।

ତେଣୁ ପିଲାମାନେ ଅନ୍ୟମାନଙ୍କ ସହିତ ଭଲ ବନ୍ଧୁତା ରଖିଥିଲେ ବିପଦ ବେଳେ ମଧ୍ୟ ସେ ବନ୍ଧୁଙ୍କ ଦ୍ୱାରା ବହୁତ ବିପଦରୁ ରକ୍ଷା ମିଳିଥାଏ। ତେଣୁ ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିବା ଉଚିତ।

+ପ୍ରଶାସନିକ ଅଧିକାରୀ,
ଜୀବନବିମା ନିଗମ
ଗୋପାଳ ଗାଁ, ବାଲେଶ୍ୱର
ମୋ. ୯୪୩୭୩୪୮୭୯୧,
୮୮୯୫୯୩୧୩୩୫

# ହିଂସା ପଛର ମାନସିକତା



## ଅଧ୍ୟାପକ ଗୋପବନ୍ଧୁ

ହିଂସାରୁ ଜାତ ପ୍ରତିହିଂସା । ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା । ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ । ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରୀୟା ଆଗକୁ ବଢ଼ିଚାଲେ । ଏହା ହଠାତ୍ ସମାପ୍ତ ହୁଏ ନାହିଁ । କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ । ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତକରେ । କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ । ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦଜିବିତ ରହେ । ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେନାହିଁ । ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ । ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ । ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ । ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ । ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ । ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ ଓ ସମୟସାପେକ୍ଷ ହୁଏ ।

ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣାହୋଇଛି । ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି । ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି । ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି । ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି। ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି । ହିନ୍ଦୁ ଭୋଟର ଏକତ୍ରୀକରଣ, ମୁସଲମାନ ଭୋଟର ଏକତ୍ରୀକରଣ, ଶିଖ୍ ଭୋଟର ଏକତ୍ରିକରଣ, ଲିଙ୍ଗାୟତ୍ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି । ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି । ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି । ରାଜନୈତିକ ମଞ୍ଚରୁ ମଧ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି । ସମାଜରେ, ପରିବାରରେ, ଚା ଖଟିରେବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି । ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢୁଛି । ଧର୍ମ ଆଧାରରେ ମୋବ୍ ଲିନଚିଂ ହେଉଛି । ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯ୍ୟାତନା ଦିଆଯାଉଛି । ତାଙ୍କୁ ହତ୍ୟା ମଧ କରାଯାଉଛି । ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ ଅଛି । ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି । ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ । ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତକ୍ଷଣାତ ନୁହେଁ । ଏହା ଦୀର୍ଘ ମାନସିକତାର ପ୍ରତିଫଳନ । ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୁରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ । ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ସମ୍ମୁଖକୁ ଆସୁଛି । ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର ।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ୍ ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣିଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ । ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ । ଯେଉଁ ଗଣମାଧ୍ୟମଗୁଡିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ ।

ମନେ ରଖିବାକୁ ହେବ ଯେ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ । କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ । ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶୀକାର ହୁଏ । ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ । କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ । ଯିଏ ବିଦ୍ୱେଷ ବାଣ୍ଟୁଛି ତା ବିରୁଦ୍ଧରେ ବି କାଲି ବିଦ୍ୱେଷ ତିଆରି ହେବ । ଏହା ଛଡା ନିଜର ଫାଇଦାପାଇଁ ଯେଉଁ ଭିଡତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ ନିୟନ୍ତ୍ରଣର ବାହାରକୁ ଚାଲିଯିବ । ସେତେବେଳେ ଏଇମାନେହିଁ ଭସ୍ମାସୁର ବନିଯିବେ । ଏହି ଅବସ୍ଥା ଆସିଲା ବେଳକୁ ଦେଶରେ ଅରାଜକତା ଚରମସୀମାରେ ପହଂଚି ସାରିଥିବ ।

ଅବସରପ୍ରାପ୍ତ, ଦର୍ଶନ ବିଭାଗ, ବାରିପଦା, ମୟୁରଭଞ୍ଜ
ମୋ.୭୦୦୮୯୭୬୧୮୦

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ



## ପ୍ର.ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡେଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ। ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

> **ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ ।**

+ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, (ମୋ): ୯୪୩୭୦୫୧୯୫୭

## ଆମ ମନ ଆକାଶରେ

### ବିଭୁ ନାୟକ



ଅନେକ କାହାଣୀ ନିତି ଲେଖା ଏଠି
କିଛି ଥାଏ ଟିକେ ଭିନ୍ନ
ବିଗତ ଜନ୍ମର ଅପୂର୍ଣ୍ଣ ପ୍ରେମର
ରହି ଥାଏ ଆବେଦନ।

ହୃଦୟର ଅଭିବ୍ୟକ୍ତିକୁ ପରଖି
ପ୍ରାଣର ସ୍ପନ୍ଦନ ଖେଳେ
ଅନନ୍ତର ସ୍ନେହ ସ୍ୱାଗତିକା ସ୍ୱରେ
ଅନନ୍ୟ ରାଗିଣୀ ତୋଳେ।

ଛାୟା ସଙ୍ଗେ କାୟା ଯେମିତି ରହିଛି
ଜୀବନ ଯାତ୍ରାରେ ସାଥୀ
ହୃଦୟରେ ଆଜି ଅଭୁଲା ତୁମର
ପ୍ରଥମ ଦେଖାର ସ୍ମୃତି ।

ଲିଭିବନି କେବେ ପ୍ରଥମ ଦେଖାର
ପ୍ରଥମ ହସ୍ତାକ୍ଷର ।
ହୃଦୟ କନ୍ଦରୁ ଏବେ ବି ଶୁଭୁଛି
ଅଭୁଲା କଥା ସ୍ୱର।

ସ୍ନେହ ମମତାର ଅମୃତବନ୍ଧନ
ଆହୁରି ନିବିଡ ହୋଇ
ପ୍ରେରଣା ଯୋଗାଏ ଜୀବନ ଯାତ୍ରାରେ
ଆଗକୁ ବଢିବା ପାଇଁ।

କଡ଼ ଲେଉଟାଇ ସ୍ମୃତିର ଶାମୁକା
ଯେବେ ବେଳା ଭୂମିଠାରେ
ଚକମକ୍ କରେ ମମତାର ଜ୍ୟୋତି
ଆମ ମନ ଆକାଶରେ।

+ରାଉରକେଲା

## ବରଷା ଛୁଇଁଲେ ଗାଆଁ କଥା ମନେପଡେ

### ଶରତ କୁମାର ଦାସ



ବରଷାର ଟୋପା ଛୁଇଁଲେ ମାଟିକୁ
ଗାଆଁ କଥା ମନେପଡେ,
ଗାଆଁର ଛବିଟି ନାଚିଲେ ଆଖିରେ
ମନ ମୋ ଗଗନେ ଉଡେ ।

ମନେପଡେ ମୋର ବରଷା ପରଶେ
ମୋ ଗାଆଁ କିପରି ହସେ,
ଇନ୍ଦ୍ରଧନୁ ତା'ର ସାତରଙ୍ଗ ଢାଳି
ପରାଣକୁ ପରା ରସେ ।

ବଦଳିଯାଏ ମୋ ଗାଆଁର ଚାହାଣି
ବରଷିଲେ ମେଘ ଥରେ,
ଟୁପୁରୁଟୁପୁରୁ ଝୁପୁରୁଝୁପୁରୁ
ସଭିଙ୍କୁ ଖୁସିରେ ଭରେ ।

କି ସୁନ୍ଦର ଦିଶେ ପାହାଡ ଝରଣା
ଫୁଲଫଳ ଗଛଲତା,
ମନେହଏ ସତେ ନିତି ଚୁପି ଚୁପି
କହୁଥାନ୍ତି କେତେ କଥା ।

ବରଷାକୁ ଦେଖି ଗାଉଥାନ୍ତି ଗୀତ
ମୋ ଗାଆଁର ଚଷାଭାଇ,
ସଅଳ ସଅଳ ଯାଆନ୍ତି ବିଲକୁ
ପଖାଳ ବେଲାଏ ଖାଇ ।

ସାରୁଗଛ ମୂଳେ ବେଙ୍ଗ ବେଙ୍ଗୁଲୀଙ୍କ
ରଡି ଶୁଭେ ରହିରହି,
ବଗ ବଗୁଲିଙ୍କ ଖେଳଜମିଯାଏ
ଦେଖୁଥାନ୍ତି ମୀନ ଯହିଁ ।

ମଥାନ ଉପରେ ମାଡିଥାଏ କେତେ
ନାଉ କଖାରୁର କେନା,
କିଆକେତକୀର ବାସ ଚହଟଇ
ପୁଣି ଜାଇ,ଯୁଇ,ହେନା ।

ଶାଗୁଆ ଶାଢିରେ ମୋ ଗାଆଁର ଦେହ
ମନଲୋଭା ଦିଶେ କେତେ,
ପୂରିଯାଏ ପେଟ ଦେଖିଦେଲେ ଥରେ
ତା ରୂପର ଶୋଭା ଯେତେ ।

ଗାଆଁରେ ବରଷା ମିଠା ତା ପରଶ
ଭିଜାଏ ମୋତେ ବି ଆଜି,
ଭୁଲିପାରୁନାହିଁ ଭୁଲିବି ନାହିଁଟି
ତା ମଧୁର ରୂପରାଜି ।

ଅଧ୍ୟାପକ, ଓଡ଼ିଆ ବିଭାଗ
[illegible]
[illegible]
ମୋ-୮୨୪୯୭୦୬୮୬

## ବର୍ଷାରେ

### ସ୍ନିଗ୍ଧା. ଜି. ମହାପାତ୍ର



ବରଷା ସମୟେ ଭାରି ଭୟ ଲାଗେ
ନ ଥିଲେ ଚାଳ ଛପର..
ଆହୁରି ବିକଳ ହୁଅଇ ଅନ୍ତର
ନ ଥାଏ ଯେବେ ଆହାର..

ଚୁଲି ନ ଜଳିଲେ କୁହୁଳା ଧୂଆଁରେ
ଗରିବ ପାଏ କଷଣ..
ଭୋକ ବିକଳରେ ବରଷା ସମୟେ
ମୁଖ ଦିଶେ ତା କରୁଣ....

ବରଷା କାଳରେ ରୋଗୀଟିଏ ଥିଲେ
ହୃଦୟ ସଂଚରେ ଭୟ..
ଅବହେଳା ଯଦି ହୁଏ ଚିକିତ୍ସାରେ
ମିଳେନା କିଛି ଉପାୟ...

ମନର ମଣିଷ ଥାଏ ଯେବେ ଦୂରେ
ମେଘେ ଦିଶେ ତାର ମୁହଁ...
ବରଷା ଜଳରେ ଧୋଇ ଯାଏ ପୁଣି
ଝରିଲେ ତା ପାଇଁ ଲୁହ...

ବରଷାରେ ଯେବେ ନିର୍ଜନ ରାସ୍ତାରେ
କେହି ବାଟ ଚାଲୁ ଥାଏ..
ଭାରି ଭୟ ଲାଗେ ଶବଦ ତାହାର
ପରାଣଟା ଥରି ଯାଏ...

ତଥାପି ବରଷା ସବୁଜିମା ଭରି
ପାଉଥାଏ ସେ ଆଦର......
ନିତି ଝରି ଝରି ଭରୁଥାଏ ପ୍ରାଣ
ଗାଇ ମେଘର ମହ୍ଲାର...

ଞଞଞ+ ବାରିପଦାଞଞଞଞଞ
(ମୋ) ୮୪୮୦୯୧୧୯୨୭

## ପକ୍ଷୀଗୀତ

### ଜଗଦୀଶ ସାହୁ

ଝୁମୁ ଝୁମୁ ଝୁମୁ ଝୁମୁରି ପାରା
ଆକାଶରେ ଉଡେ ଦିଏନା ଧରା
ସରଳ ଜୀବନ ତାର
ଶାନ୍ତ ପକ୍ଷୀଟିଏ ବସା ବାନ୍ଧିଥାଏ
ଦେଖି ଧଳା କୋଠାଘର !

କଳା ମଚମଚ ଡାମର କାଉ
ରାଉ ରାଉ କରି ବୋବାଉ ଥାଉ
ପଚା ଶଢା ଦିଏ ଖାଇ
ପରିବେଶ ସଫା ସୁତର ରଖେ ସେ
ଭଲ ବନ୍ଧୁଟିଏ ହୋଇ !
ଡେଇଁ ଡେଇଁ ଚାଲେ ପକ୍ଷୀଟି ବଣି
ଖୁଣ୍ଟି ଖୁଣ୍ଟି ଖାଏ ଚାଉଳ କଣି
ଗଛ ଡାଳେ କରେ ବାସ
ଜଙ୍ଗଲ ସମ୍ପଦ ନଷ୍ଟ ହୋଇବାରୁ
ଦିଶୁନାହିଁ ଆଶପାଶ !

ଡେଙ୍ଗା ଡେଙ୍ଗା ଗୋଡ଼
ଧଳା ରଙ୍ଗର
ବଗପକ୍ଷୀ ବୋଲି ଜାଣେ ସଂସାର
ପୋଖରୀ କୂଳରେ ଥାଇ
ସାଧୁଟିଏ ପରି ଧ୍ୟାନ କରୁଥାଏ
ମାଛ ଦେଖି ହୁଏ ବାଇ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

# ସ୍ୱନକ୍ଷତ୍ର ବିଶେଷାଙ୍କ



## ଜନ୍ମଦିନର ଶୁଭେଚ୍ଛା

ଧ୍ୱନି ପ୍ରତିଧ୍ୱନିର ୩୪ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମସ୍ତଙ୍କ ଭିତରେ ଜନାଦୃତ ହୋଇ ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

**ରତ୍ନାକର ରାଉତ**

ବରିଷ୍ଠ ସାହିତ୍ୟିକ ଓ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ



## ଶୁଭେଚ୍ଛା ଓ ଅଭିନନ୍ଦନ

ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ୩୪ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲିଆପାଳ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କାମନା କରୁଛି ।

**ମାନସ କୁମାର ଦତ୍ତ**

ରାଜ୍ୟ ଉପସଭାପତି,ବିଜେପି ଯୁବମୋର୍ଚ୍ଚା, ବାଲେଶ୍ୱର

Growth, the way it is meant to be.

We have consciously extended our scale beyond our businesses, to help the country overcome economic challenges; to ensure people live a good quality of life, uninterrupted. We believe scale can lead to goodness, and this is what drives us to growth. Because, the more we grow, the more lives we can touch.



adani | Growth with Goodness
/AdaniOnline



Supporting Public Health Engineering since, last 50 years

Ori-Plast®
LIFE LINES... NOT JUST PIPE LINES




O T Road, Balasore - 756001, Phone:06782 264551/52/53, Fax: 06782 262551, Email: sales@oriplast.com, Web: www.oriplast.com

## ଶୁଭେଚ୍ଛା ଓ ଅଭିନନ୍ଦନ



ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ୩୪ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲିଆପାଳ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କାମନା କରୁଛି ।

**ହେମନ୍ତ କୁମାର ଦାସ**

ସରପଞ୍ଚ ପ୍ରତିନିଧି, ବାଲିଆପାଳ

## ଶୁଭେଚ୍ଛା ଓ ଅଭିନନ୍ଦନ



ଧ୍ୱନି ପ୍ରତିଧ୍ୱନିର ୩୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଭାଇ ଭଉଣୀ ମାନଙ୍କର ସୁଖ ସମୃଦ୍ଧି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଓ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ କରୁ ଏତିକି କାମନା କରୁଛି ।

**ହରିହର ବେହେରା**

ଚେୟାରମ୍ୟାନ୍ କ୍ଲବ ମେମ୍ବର, ଜୀବନବୀମା ନିଗମ, ବାଲେଶ୍ୱର ଶାଖା, ବାଲେଶ୍ୱର

ISO 9001:2015 CERTIFIED
Hari Plaast
STRONG & SAFE
PVC, CPVC, HDPE, PLB DUCT, MDPE(GAS) PIPES & FITTINGS
HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283

with best Compliments from : (M) 9439656277

SIDDHESWAR COLLEGE OF PHARMACEUTICAL SCIENCES

At/Po : Amarda Road- 756030 Dist : BALESWAR, ODISHA

Approved by Pharmacy Council of India, New Delhi, Govt of Odisha
&
Affiliated to Odisha State Board of Pharmacy Bhubaneswar

ମାସିକ କିସ୍ତିରେ ଜାଗା ମିଳୁଛି ବାଲେଶ୍ୱର ସହରରେ




ଯୋଗାଯୋଗ :
ରେସ୍‌ଲାଇଫ୍
ବୈରାମନଗର, ମୋତିଗଞ୍ଜ, ବାଲେଶ୍ୱର
ମୋବାଇଲ୍ ନଂ. :
9777915880



# ସ୍ୱନକ୍ଷତ୍ର ବିଶେଷାଙ୍କ



## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ପରାମର୍ଶ

୧. ଉତ୍ତମ ଫସଲ ଓ ଜମିର ସୁରକ୍ଷା ପାଇଁ ମୃତ୍ତିକା ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ରାସାୟନିକ ସାର ପ୍ରୟୋଗ କରନ୍ତୁ ।

୨. ଅଧିକ ଅମଳ ପାଇବା ପାଇଁ ଶଙ୍କର ଜାତୀୟ ବିହନ, ଅଧିକ ଅମଳକ୍ଷମ ବିହନ ପଞ୍ଜିକୃତ ବିହନ ବିକ୍ରୟ କେନ୍ଦ୍ରରୁ କ୍ରୟ କରନ୍ତୁ ।

୩. ଫସଲରେ ସମନ୍ୱିତ ଖାଦ୍ୟସାର ଓ ରୋଗ ପୋକ ପରିଚାଳନା କରନ୍ତୁ ।

୪. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଯନ୍ତ୍ରପାତି କିଣିବାର ସୁଯୋଗ ନିଅନ୍ତୁ ଏବଂ କୃଷି ଓ ଆନୁସଙ୍ଗୀକ କାର୍ଯ୍ୟରେ ଉଦ୍ୟୋଗୀକରଣ କରନ୍ତୁ ।

୫. ବଳରାମ ଯୋଜନାରେ ଭାଗଚାଷୀ ଭାଇମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥୀଙ୍କ ସହ ପରାମର୍ଶ କରନ୍ତୁ ।

୬. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି । ATMA ଯୋଜନାରେ ମହିଳା ଗୋଷ୍ଠୀଙ୍କୁ ଦିଆଯାଉଥିବା ବିହନ ମୂଲ୍ୟ ଟଙ୍କା, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଏବଂ ମନରେଗା ଯୋଜନା ମାଧ୍ୟମରେ ହେଉଥିବା କାର୍ଯ୍ୟଗୁଡ଼ିକର ତଦାରଖ କରିବା ବାବଦକୁ ଉଦ୍ଦିଷ୍ଟ ଆର୍ଥିକ ସହାୟତାର ସୁଯୋଗ ନିଅନ୍ତୁ । ଏଥିପାଇଁ ବ୍ଲକ୍ କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୭. ସମନ୍ୱିତ କୃଷି ପ୍ରଣାଳୀ (IFS)ର ସୁବିଧା ସୁଯୋଗ ନେବା ପାଇଁ ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୮. ଚାଷୀ ଭାଇମାନଙ୍କ ଅନୁରୋଧ ସେମାନେ ମୋ ସେବା କେନ୍ଦ୍ରକୁ ଯାଇ ତାଙ୍କ ନାମକୁ 'କୃଷକ ଓଡ଼ିଶା' ଏବଂ 'ଗୋ ସୁଗମ' ପୋର୍ଟାଲରେ ତୁରନ୍ତ ପଞ୍ଜୀକୃତ କରି ସରକାରୀ ସୁବିଧା ସୁଯୋଗ ନିଅନ୍ତୁ ।

୯. କୃଷି ଓ କୃଷି ଉଦ୍ୟୋଗ ଋଣ ପାଇଁ ସଫଳ (SAFAL) ପୋର୍ଟାଲରେ ଆବେଦନ କରନ୍ତୁ । ଏଥିପାଇଁ ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବାଲେଶ୍ୱର


With Best Compliments from:

**KALINGA ELECTRICAL CORPORATION**

KACHERY ROAD,
BALASORE -756001 (ORISSA)

PH : 265976, 262432(S),
FAX : (06782) 265927


## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ସୂଚନା

ଏତଦ୍ୱାରା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ତରଫରୁ ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଜଣାଇ ଦିଆଯାଉଛି କି ଚଳିତ ୨୦୨୩-୨୪ ଖରିଫ୍ ବିପଣନ ବର୍ଷ ନିମନ୍ତେ ଜିଲ୍ଲାର ସମସ୍ତ ସେବା ସମବାୟ ସମିତି ସହିତ ନିର୍ଦ୍ଦିଷ୍ଟ କେତୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମାଧ୍ୟମରେ ଚାଷୀ ପଂଜିକରଣ କାର୍ଯ୍ୟ ଚାଲୁରହିଛି। ତେଣୁ ଚାଷୀ ଭାଇଭଉଣୀମାନେ କୌଣସି ପ୍ରକାରର ବିଳମ୍ବ ନକରି ନିକଟସ୍ଥ ପ୍ରାଥମିକ ସେବା ସମବାୟ ସମିତି କିମ୍ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ନିକଟରେ ଆବଶ୍ୟକୀୟ ଚାଷଜମି ପଟ୍ଟା, ବ୍ୟାଙ୍କ ପାଶବୁକ୍, ଆଧାର କାର୍ଡ ଏବଂ ଇଲେକ୍ଟ୍ରିକିଲର ଅବିକଳ ନକଲ ସହିତ ନିଜ ନିଜର ମୋବାଇଲ ନମ୍ବର ସହିତ ଯାଇ ନିଜ ନିଜର ନାଁ ପଂଜୀକୃତ କରାଇ ନିଅନ୍ତୁ। ମନେରଖନ୍ତୁ ଆସନ୍ତା ଖରିଫ୍ ଋତୁରେ ସରକାରୀ ଭାବେ ଧାନମଣ୍ଡିରେ ଧାନ ବିକ୍ରୟ କେନ୍ଦ୍ର ନୂତନ ଭାବେ ପଂଜିକରଣ କରିବା ବାଞ୍ଛନୀୟ। ଚଳିତ ଖରିଫ୍ ବିପଣନ ବର୍ଷ ନିମନ୍ତେ ଚାଷଇ ପଂଜିକରଣର ଶେଷ ତାରିଖ ଚଳିତ ଅଗଷ୍ଟ ମାସ ୧୬ ତାରିଖ ଅଟେ। ଚଳିତ ଖରିଫ୍ ବିପଣନ ବର୍ଷ ନିମନ୍ତେ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି।

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ଜଳେଶ୍ୱର


With best Compliment from:-

MANAGEMENT SOCIETY, DHAMARA
FISHING HARBOUR, DHAMARA
At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

**Facilities available in the Fishing Harbour :**

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.

EMail ID : manager.msdfh@gmail.com, dfo. bhadrak@gmail,com

Hello: 06784-240223, 06786-222500


## ଜଳେଶ୍ୱର ପୌରପାଳିକା, ଜଳେଶ୍ୱର

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଂଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।

୧. ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ।

୨. ଅଳିଆ ଆର୍ବଜନାକୁ ଏଣେତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିରେ ଅଲଗା ଅଲଗା କରି ଦିଅନ୍ତୁ।

୩. ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ୍ ମୁକ୍ତ ସହର ଭାବେ ପରିଣଗନ କରନ୍ତୁ।

୪. ପାଇଖାନା କିମ୍ବା ସେପଟିକ୍ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ।

୫. ସ୍ୱଚ୍ଛତା ଆପ ବ୍ୟବହାର କରି ସ୍ୱଚ୍ଛତା ସମ୍ପର୍କିତ ଖବର ପୌରପାଳିକାକୁ ଜଣାଇବା ସହ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ ପାଇଁ ଫିଡବ୍ୟାକ୍ ଦିଅନ୍ତୁ।

୬. ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।

୭. ନିଜ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ।

୮. ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବରଦଖଲ କରନ୍ତୁ ନାହିଁ।

୯. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ।

୧୦. ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ୍ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡ଼ିକ ପୌରାଂଚଳରେ ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଡେଙ୍କ ଓ ଗୁଣିଗାରେଡ଼ି ଭଳି ଅନ୍ଧ ବିଶ୍ୱାସଠାରୁ ଦୂରେଇ ରୁହନ୍ତୁ।

ଶ୍ରୀ ପ୍ରତାପ କୁମାର ପ୍ରଧାନ
ଜଳେଶ୍ୱର ପୌରପାଳିକା

ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଜଳେଶ୍ୱର ପୌରପାଳିକା

ଶ୍ରୀ ଅଜୟ କୁମାର ମହାପାତ୍ର
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
ଜଳେଶ୍ୱର ପୌରପାଳିକା

ଧ୍ୱନି ପ୍ରତିଧ୍ୱନି
୦୬ ଅଗଷ୍ଟ ୨୦୨୩
ବାଲେଶ୍ୱର,
ରବିବାର ୧୨

# ସ୍ୱନକ୍ଷତ୍ର ବିଶେଷାଙ୍କ


## ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ୩୪ଶ ବାର୍ଷିକ ଉତ୍ସବ ସମାରୋହ- ୨୦୨୩ ପାଳନ ଅବସରରେ ଶୁଭେଚ୍ଛା.....

**JOIN SAI SADHANA**



WE WELL ESCORT YOU RIGHT DIRCTION AND PROMISE YOU BRIGHT CAREER WITH HIGH DIGNITY

**DIBYASINGPUR, UDALA, MAYURBHANJ**






SAI SADHANA COLLEGE OF BASIC SCIENCE (+3) (Residential),

SAI SADHANA SCIENCE HIGHER SECONDARY SCHOOL (+2) (Residential),

SAI SADHANA ITI (TRADE: Fitter & Electrician) &

SAI SADHANA SISHU VIDYA MANDIR (CBSE PATTERN ODIA MEDIUM)

At:- DIBYASINGPUR, UDALA, MAYURBHANJ, Pin- 757041
Contact No- 9437294587, 9437443950, 9937557158, 9438232419
Website: saisadhana.sssc.org

## ମାଟିର ଜୀବନ – କୃଷକର ସମ୍ମାନ



## ଇଫ୍କୋ ନାନୋ ୟୁରିଆ ତରଳ

ଦାନାଦାର ୟୁରିଆ ଠାରୁ ୧୦ ପ୍ରତିଶତ କମ୍ ମୂଲ୍ୟ, ଅଧିକ ଅମଳ ଏବଂ ଅଧିକ ଆୟ

ପ୍ରଥମ ସିଞ୍ଚନ – ତଳି ରୋଇବାର ୨୦-୨୫ ଦିନ ପରେ (୪ ମି.ଲି/ଏକ ଲିଟର ପାଣି)
ଦ୍ୱିତୀୟ ସିଞ୍ଚନ – ପ୍ରଥମ ସିଞ୍ଚନର ୨୦-୨୫ ଦିନ ପରେ (୪ ମି.ଲି/ଏକ ଲିଟର ପାଣି)

**ଆମ ଦେଶର କୃଷକ ମାନଙ୍କ ପାଇଁ ସର୍ମପିତ**






ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍, ପାରାଦ୍ୱୀପ୍ ୟୁନିଟ୍ (ଓଡ଼ିଶା)




" ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କୃଷି ଓ କୃଷକର ସାମଗ୍ରିକ ବିକାଶ ତଥା ଗ୍ରାମାଞ୍ଚଳର ସର୍ବାଙ୍ଗିନ ଆର୍ଥିକପ୍ରଗତି ଆମ୍ଭର ଆଭିମୁଖ୍ୟ ଓ ଲକ୍ଷ୍ୟ "

- ଫସଲଋଣ ପ୍ରଦାନରେ ଆମେ ଅଗ୍ରଣୀ
- କୃଷି ଓ କୃଷକର ଆର୍ଥିକ ବିକାଶ ଆମର ଅନବରତ ପ୍ରୟାସ



ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ

# WITH BEST COMPLIMENTS FROM

# A WELL WISHER

# PARADEEP

# ସୃଜନକ୍ଷେତ୍ର ବିଶେଷାଙ୍କ



## ମୁଖା-୨
### ସୁରେନ୍ଦ୍ର ପାଣିଗ୍ରାହୀ

ବହୁତ ହେଲା ଏଥର
ଯାଅ ମୁଖା ଫିଙ୍ଗଦେଇ ଆସ
ହାତ ଛନ୍ଦାଛନ୍ଦି ହୋଇ ବସି
ଗାଇବା ଆସ ଜହ୍ନରାତିର ଗୀତ ।

ଯିଏ ନିଜକୁ ଚିହ୍ନିଲାନି
ମୋତେ ବା ଆଉ ଚିହ୍ନିବ କେମିତି
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଘୂରିବୁଲି
ନାଚିଲ ଯେ କେତେ ପ୍ରକାର ନାଚ
ଏ ଡାଳରୁ ସେ ଡାଳ
ଏ ଗଳିରୁ ସେ ଗଳି
କେତେ ଯେ ଘୂରିବୁଲିଲ/ ଲୁଚେଇବାକୁ
ନିଜକୁ/ ନିଜ ପରିଚୟକୁ
ଅନ୍ୟମାନଙ୍କର /ଶାଣିତ ତୀକ୍ଷ୍ଣ ନଜରରୁ ।

ମୋର ବିଶ୍ୱାସ ହେଉନି
ଯେ ନାଟକ ସରିବା ଆଗରୁ
ତୁମେ କେବେ ଖୋଲିପାରିବ ମୁଖା
ମୁଖା ତ ଧୀରେ ଧୀରେ ଗ୍ରାସି ସାରିଲଣି
ତୁମ ଆପାଦ ମସ୍ତକ/ ତୁମେ ଏବେ
କ୍ରୀଡନକ ମୁଖାର ମୋହଗ୍ରସ୍ତତାରେ ।

ମୁଁ ତ ନୀଡହରା ପକ୍ଷୀଟିଏ
ତୁମ ପାଇଁ ପଛକରି ଚାଲି ଆସିଥିଲି
ମୋର ବାସ୍ନାୟିତ ମାଟି ଆଉ
ଆପଣାର ମଣିଷମାନଙ୍କୁ
ଭାବିଥିଲି ପୁଣି ଏଇ ଅଶନିଶ୍ୱାସୀ ଭିଡ
ଆଉ ହାବୁକାମରା ବୟାର ଭିତରେ
ବସେଇବି ବସାଟିଏ
କିନ୍ତୁ ହାୟ !
ତୁମେ ତ କବଳିତ ହୋଇ ସାରିଥିଲ
ମୁଖାମାନଙ୍କ ମିଥ୍ୟା ଓ କପଟ ଜାଲରେ
ନିଜ ମୁହଁରୁ ଗୋଟେ ମୁଖା କାଢି
ତୁମେ ଫିଙ୍ଗିଦେଲାପରେ
କେଉଁଠୁ କେଜାଣି /
ଆସି ଲାଗିଯାଉଥିଲା /
ଆଉ ଗୋଟେ ମୁଖା ।

ବରୀ, ସିମୁଳିଆ, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

## ମୁଁ ତତେ ଏତିକି ଜାଣିଛି
### ଜୟନ୍ତୀ ବିଶ୍ୱାଳ ବେହୁରିଆ



ତୁ ମୋଠୁଁ ମାତ୍ର ଗୋଟେ ବର୍ଷ ବଡ
ଆମର ଉଚ୍ଚତା ପ୍ରାୟ ପାଖାପାଖି
ଆଉ ଓଜନ ବି ,
ଆମର ରଙ୍ଗ ବି' ଖୁବ୍ ମିଶେ
କ୍ରୋଧ ବି ।
ତୁ ଆସ୍ କହିଲେ ମୁଁ ଆସେ,
ଶୁଣ୍ କହିଲେ, ଶୁଣେ
ଅଥଚ ମୁଁ ବସ୍ କହିଲେ, ତୁ ଉଠିଯାଉ
ଯାଃ କହିଲେ, ବେଶି ଆସୁ ପାଖକୁ ପାଖକୁ ।

ତୁ ଚାଉଳ ଆଣୁ , ମୁଁ ଭାତ ଫୁଟାଏ
ତୁ ଅଟା ଆଣୁ, ମୁଁ ରୁଟି ସେକେ
ମୁଁ ଆସନ ପାତିଲେ, ତୁ ଖାଇ ବସୁ
ମୋର କିଛି କାମ ନାହିଁ,
ତୋର କାମ ବେଶି ।

ତୁ କହୁଯେ ତୋ'ର
ଯେତେ ପରିଶ୍ରମ ଓ ଝାଳ ସବୁ ମୋପାଇଁ
ମୋତେ ସେମିତି ଲାଗେନା
ତୁ ରୁଷ୍ଟ ତେଣୁ ।

ତୋ ଓଠରୁ କେବେ
ମଦ ଗନ୍ଧ ଆସେନି ବୋଲି,
ମୁଁ ତୋର ତାରିଫ୍ କରେନା
ମୁଁ ଖଣ୍ଡେ ସାଦା ପାନ ଖାଏନା ବୋଲି,
ତତେ କିଛି ଫରକ ପଡେନା ।

ତୋ ରାଜନୀତି ଗପ ମୁଁ କେବେ ଶୁଣେନା
ମୋ କବିତା ଖାତା ତୁ କେବେ ପଢୁନା
ବେଳେ ବେଳେ ଆମର ବିଚାର
ଏକାପରି ଲାଗେ
ବେଳେ ବେଳେ ପୁରା ଅଲଗା ।

ତଥାପି ମୁଁ ଜାଣେ
ମୋ ବିନା ତୁ ଗୋଟେ ଅଚଳ ମୁଦ୍ରା,
ଯାହାକୁ ଖର୍ଚ୍ଚ କରିପାରିବେନି କେହି ,
ତୁ ମାନିବାକୁ ନାରାଜ ।
ତୁ ମୋ ଓଠର କୋମଳତାରୁ ଖୋଜୁ କ୍ଷତ
ମୁଁ ତୋ କପାଳର ନୀଳ ରେଖାରୁ
ଖୋଜେ ରହସ୍ୟ !

ମୁଁ ତୋ ଭୋକିଲା ଆଖିର
ସ୍ୱାଦ ହେଇ ପାରିନି
ତୁ ହେଇ ପାରିନୁ ମୋ ପ୍ରତ୍ୟାଖ୍ୟାନର
ଶେଷ ଆଘାତ ,
ଯଦିଓ ଆମେ ଗୋଟିଏ
ଚୁଲିରେ ସେକୁଥିଲେ ଦେହ
କାହିଁ କେତେ କାଳୁ ... !

+ କୃଷ୍ଣନଗର, ବାଲିଆ,
ବାଲେଶ୍ୱର

## ଭଙ୍ଗା ନାଆ
### ପ୍ରୀତିଲେଖା ଦାସ



ଆହୁରି ବାକି ଅଛି ଢେର୍
ସଂସାର ଚିହ୍ନିବା ତୁମର ।

ଶୁଖିସାରୁ,
ଏଇ ମାତ୍ର ଶୁଖିବାକୁ ଆରମ୍ଭ କରିଥିବା
ଜଡେଇ ହୋଇ ରହିଥିବା
ଦେହରେ ତୁମର
ସେ ଓଦା ଲୁଗା ଖଣ୍ଡକ ।

ଯେତେଯେତେ ଟାଣୁଥିବ ଓଦାପଣ
ଲୁଗାରୁ ଦେହ,
ସେତେ ସେତେ ହୁଗୁଳା ହୋଇଯାଉଥିବ
ଦେହରୁ ଲୁଗା ।

ବଢୁଥିବା...
ଛିଡୁଥିବା...ସମୟକୁ ନେଇ
ଲୁଗା-ଦେହ,ଦେହ-ଲୁଗା
ଲୋଡୁଥିବେ/ଭାରି ପଡୁଥିବେ
କେତେବେଳେ,କାହାକୁ କିଏ ।

ଛାତ ଉପରୁ
ଡେଇଁ ସାରିଲା ବେଳକୁ ଖରାଟା
ଶୁଖିସାରିଥିବ ଲୁଗା
ଶୁଖି ସାରିଥିବ ରକତ ।

ରକତ ଶୁଖିଲେ
ନଈ ଶୁଖିବ,
ନଈ ଶୁଖିଲେ...
ସରାଗ ଶୁଖିବ ।

ବଳିପଡିଥିବା କିଛି ଶୋଷ ସହ
ଶେଷକୁ
ମୁହଁ ମାଡି ପଡି ରହିଥିବ ଯାହା
ଛିଣ୍ଡା ଜାଲ,ଭଙ୍ଗା ନାଆ ।

ଖସି ସାରୁ
ତୁମ ଇଚ୍ଛାର ସଂସାରରୁ ଗୋଟି ଗୋଟି
ଜହ୍ନ, ତାରା, ନଈ, ଝରଣା
ଫୁଲ,ବାସ୍ନା ...

ତେଣିକି,ନଥିବ ଆଉ ତୁମେ
ପାହାଡ ତାଡିବା ତୋଡରେ,
ନ ଥିବ ବି ଦର୍ପଣର ଛାତି
ଧରି ରଖିବାକୁ
ଆଜି ଭଳି
ତୁମ ଓଠ ଓ ଆଖିର ଚମକ ।

ତୁମକୁ ପଛ କରି
ଆରମ୍ଭ କରିସାରିଥିବ ଚାଲିବା
ସଂସାର,ତା' ରାସ୍ତାରେ ;
ମୋର- ମୋର ହୋଇ
ପହଁରୁଥିବ ତୁମେ ଯାହା ତୁଚ୍ଛାଟାରେ
ଗୋଡ-ହାତ ଛାଟି
ଶୁଖିଲା ନଈରେ ।

ଭୋଇସାହି, ବାଲେଶ୍ୱର



## ମୂଲ୍ୟାୟନ
### ରତ୍ନାକର ରାଉତ

ତୁମ ଜିନିଷ ଭଲ ତାଙ୍କ ଜିନିଷ ଖରାପ
ଏ କଥା ତୁମେ କହିଲେ କଣ ଗ୍ରହଣୀୟ
ଲୋକେ ଯେଉଁମାନେ ଗ୍ରାହକ ସେମାନେ
ଯେଉଁ ଜିନିଷକୁ ଭଲ ବୋଲି କହିବେ
ସେହି ଜିନିଷକୁ ଆଦର କରିବେ

ତେଣିକି କର୍ତ୍ତା ଅନୁଭବୀ,
ଦକ୍ଷ, କୁଶଳୀ ହୋଇଥାଉ
ଅବା ହୋଇଥାଉ ଅନଭିଜ୍ଞ,
ନୂତନ ଓ ଅର୍ବାଚୀନ
ଗ୍ରାହକ ସବୁବେଳେ ତଉଲିବେ
ଜିନିଷର ଗୁଣବତ୍ତା
କାହା ହାତରେ ଗଢ଼ା ଜିନିଷ
ସେସବୁ ପଛ କଥା
ତେଣୁ କାହାର ସାମଗ୍ରୀ ନୁହେଁ

ବରଂ ସବୁ ସମୟରେ ପରଖା ଯାଏ
ତାହାର ଉପାଦେୟତା ଓ ଗ୍ରହଣୀୟତା
କାରିଗରର ନାମ ଓ ପ୍ରତିଷ୍ଠାରୁ
କଣ ମିଳିବ ତାକୁ
ଯିଏ ଉପଭୋକ୍ତା,
ସବୁଠି ବ୍ରାଣ୍ଡ ଚାଲିଲେ
କଣ ହେବ ନୂତନ ଉଦ୍ୟୋଗୀଙ୍କ ଅବସ୍ଥା ?

ଭୁବନେଶ୍ୱର

## ପ୍ରତିଶ୍ରୁତି
### ନିହାରିକା ରାୟ ବରାଳ



କଥା ଥିଲା ଆମେ ଦୁହେଁ
ଏକା ସାଥେ ମରିବା ଜିଇଁବା
କଥା ଥିଲା ଆମେ ଦୁହେଁ
ସ୍ମୃତିରେ ସ୍ମୃତିରେ ପରା ନଈ ପହଁରିବା
କଥା ଥିଲା ଗୁମସୁମ୍ ପବନରେ
ଅଭିମାନ, ଅଭିଯୋଗ ସବୁ ଧୋଇଦେବା
ଶୀତୁଆ ସଞ୍ଜରେ ବସି ନିଆଁ ଉନ୍ହେଇ
ପାଖରେ
ରୋମନ୍ଥିତ ହାତକୁ ସେକିବା !
କଥା ଥିଲା ତମେ ଦିନେ ଲେଖିଦେବ
ସ୍ୱର୍ଣ୍ଣାକ୍ଷରେ ସ୍ୱୀକୃତିର ପତ୍ର
ଫଗୁଣର ଫଗୁ ନେଇ ବିଞ୍ଛିଦେବ
ମନରେ ମୋ ମିଳନର ଚିତ୍ର ।

କଥା ଥିଲା ଆମେ ଦୁହେଁ
ବିଜୟର ପାହାଡ଼ ଚଢ଼ିବା
ସଂପର୍କର ଅଢୁଆ ସୂତାକୁ ଯୋଡ଼ି
କଣ୍ଟକିତ ସୀମାହୀନ ପଥରେ ଚାଲିବା

ଏମିତି ତ କଥା କାହିଁ ହଜିଗଲା
ସମୟର ନୀଳ ସମୁଦ୍ରରେ
ଉଜାଣି ବହିଲା ବାଆ / ହୃଦୟର ଦିଆନିଆ
ଲୁଚିଗଲା ସାତତାଳ ପାଣିର ସୁଅରେ ।

କଥା ଥିଲା ମାଟିହାଣ୍ଡି ମହୁ
ଆଉ ଗାଲରେ ଉଇଁରୀ ନେଇ
ତାରା ଫୁଲେ ଚୁମିଯିବା ରାତିର କପାଳ
କଥା ଥଇଲା ତମେ ଦିନେ
ଠିଆ ହେବ ଦକ୍ଷିଣ କବାଟ ହେଇ
ପ୍ରତି ରାତି, ପ୍ରତିଟି ସକାଳ !
କେମିତି ହଜିଲା କଥା /
କେମିତି ଲୁଚିଲା ବ୍ୟଥା
କାହିଁ କେତେ ଦୂରେ ଦେଖ
ଜହ୍ନ ଆଉ କଇଁର ତ ମେଳ
କଥା ଯଦି ନ ରହିଲା କାହିଁକି କୁହ ତେବେ
ଅସମୟେ ବହିଗଲା
ଯମୁନାର ଅବାରିତ ଜଳ ।

+ ଭୁବନେଶ୍ୱର-୪



## ଶ୍ରମିକ
### ସସ୍ମିତା ରାଉତ



ସେ ଏବେବି ବଞ୍ଚିଛି
ଅବଶିଷ୍ଟ ଆୟୁଷକୁ ନେଇ
ସେ ଏବେବି ଆଗକୁ ବଢୁଛି
ଅନ୍ଧାରକୁ ଲଣ୍ଠନ ଦେଖେଇ
ତା ଗହିର ଆଖି କୋରଡରେ
ଏବେବି ସ୍ୱପ୍ନ ଖୋଦେଇ ହୋଇଛି
ସେ ନିର୍ବିଘ୍ନରେ ହସି ପାରୁଛି
କଷାୟ ଦାନ୍ତକୁ ଲେଫଡି

ଝାଳ ତ' ନୁହେଁ ପାଣିଚିଆ ରକ୍ତ
ଡହଡହ ଖରାକୁ ପିଠି କରି
ବଞ୍ଜର ବିଲରେ ବୁହାଇ ଚାଲିଛି
ଚିମିନି ନିଆଁ ରେ ଦେହକୁ ଜାଳୁଛି

ଦେଶ ଆଗକୁ ଆଗକୁ ବଢୁଛି
ଅଜଗର ପରି ମାଡି ଚାଲିଛି ରାସ୍ତା
ମାଳକୁ ମାଳ ନଭଚୁମ୍ବି ଅଟ୍ଟାଳିକା
ରେଖା ଘୁରି ଯାଇଥିବା ହାତ
ଗଢୁଛି ଦେଶର ଭବିଷ୍ୟତ
ବୁଣୁଛି ଆକାଶ ଛୁଆଁ ସ୍ୱପ୍ନ

ଖରାବର୍ଷା ଶୀତ କାକର ଏକାକାର
କଣ୍ଟାଝଟା ଖାଲ ଖମାଣ ବେଖାତିର
ତୋରାଣି କଂସାରେ ହଜିଛି ଭୋକ
ଶୋଇବା ବିଛଣାରେ ଛାଡି ଆସିଛି ନିଦ
ନିରିହ ଆଖି ତଳେ ଲୁଚାଇଛି ଦରଜ
ହାତ ମୁଠାରେ ଶୁଖିଲା ପାଉଁଶ

କେମିତି ବଞ୍ଚିଛି ସେ ମଣିଷଟା
କେହି କେବେ ପଚାରି ବୁଝେନା
ଦର୍ଦରା ବାସ୍ତବତା ରେ ଲେଖା କପାଳ
ତତଲା ପେଟରେ ମୁଠାଏ ଦୀର୍ଘଶ୍ୱାସ
କାହାରିକି କିଛି ଫରକ୍ ପଡେନା
ସେମିତି ଦେଖୁଥାଏ ନିର୍ଲଜ ଆକାଶ
ଫଟା ମାଟି ପିଇନିଏ ସବୁ ଲହୁ, ଲୁହ ।

ସୋର,ବାଲେଶ୍ୱର

## ମହଲ
### ଝରଣା ମଲ୍ଲିକ୍



ଜନମ ଦିନଟି ପାଖେଇ ଆସିଲେ
ମନେପଡ଼େ ଅପା ହସ
ସୁରଜ ଦେବତା ଯେମିତି ହସନ୍ତି
କଦମ୍ବରେ ଭରି ବାସ ।

ପୂରବ ଅକାଶେ ସିନ୍ଦୁରା ଫାଟିଲେ
ସୁନେଲି କିରଣ ବିଞ୍ଛି
"ଧ୍ୱନି ପ୍ରତିଧ୍ୱନି" "ସାଗରିକା" ସାଥେ
ଗଢ଼ନ୍ତି ସାମ୍ରାଜ୍ୟ ବସି ।

ଦିନ ଗଡ଼ିଯାଏ ମନେ ପଡୁଥାଏ
ଅତୀତ ପୁରୁଣା ସ୍ମୃତି
ଦୁଃଖ, ସୁଖ ସାଥେ ଭାବ ଦିଆନିଆ
କେତେ କେତେ ଅନୁଭୂତି ।

ଆଜି ନୁହେଁ କାଲି ଚଉତ୍ରିଶି ବର୍ଷେ
ପହଞ୍ଚାଇଲା ଖବର
କବି, ଗାଳ୍ପିକଙ୍କୁ ଏକାଠି କରିଲା
ତାଙ୍କ ସେ ଛୋଟିଆ ଘର ।

ଛୋଟ ଘର ଏବେ ମହଲ ହୋଇଛି
ଖୁସିରେ ଆଦରି ନିଏ
ସ୍ନେହ, ମମତାର ଡୋରେ ବନ୍ଧା ହୋଇ
ମହଲେ ନେଇ ବସାଏ ।

କେତେ ମଜାକଥା କେତେ ଯେ କାହାଣୀ
ବିଜ୍ଞାନ, ବିଚିତ୍ରା କଥା
ଗଳ୍ପ, କବିତାରେ ଭରିଛି ଶରୀର
ସମ୍ବାଦ ଆଉ ବାରତା ।

ଏଇମିତି ସଦା ଆଗକୁ ଆଗକୁ
ଚାଲୁଥାଉ ଯଥାରୀତି
ଜଗନ୍ନାଥ ପାଖେ ଗୁହାରି ଜଣାଏ
ଆଗକୁ ଯାଉ ଏମିତି ।

+ ମାଣିଖମ୍ବ, ମୋତିଗଞ୍ଜ,ବାଲେଶ୍ୱର
ମୋ: ୯୨୩୮୫୭୪୫୦୩

# 'ଧ୍ୱନି ପ୍ରତିଧ୍ୱନି'ଏକ ଭଲ ଖବର କାଗଜ ମୋ' ଦୃଷ୍ଟିରେ...

### ସତ୍ୟବ୍ରତ ସାହୁ



ଧ୍ୱନିପ୍ରତିଧ୍ୱନି ବାଲେଶ୍ୱରର ଜେଲରୋଡ଼ରୁ ପ୍ରକାଶ ପାଇ ଆସୁଛି। ସମ୍ଭବତଃ ସାରା ଓଡ଼ିଶାରେ ଏହା ପ୍ରଥମ ଖବର କାଗଜ ଯିଏକି ପ୍ରତିଦିନ କବିତା କବିତା ପାଇଁ ସ୍ୱତନ୍ତ୍ର ସ୍ତମ୍ଭଟିଏ ରଖିଥାଏ ଯାହାର ନାମ 'କବିତା କୋଣାର୍କ' । ନିରୋଳା ଗଳ୍ପ ପାଇଁ ସ୍ୱତନ୍ତ୍ରପୃଷ୍ଠା 'ଗଳ୍ପମାଳା', ମହିଳାମାନଙ୍କ ପାଇଁ 'ସୁଚରିତା' ଧର୍ମ ପାଇଁ 'ଧର୍ମଧାରା' ଶିଶୁମାନଙ୍କ ପାଇଁ 'ଫୁଲକଢ଼ି' ଏବଂ ରବିବାର ଦିନ ସାହିତ୍ୟ ପାଇଁ ସ୍ୱତନ୍ତ୍ର ୪ପୃଷ୍ଠାର ରବିବାର ଚୟନ ଏହାର ମୁଖ୍ୟ ଆକର୍ଷଣ । ବୋଧହୁଏ ସେଥିପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଧ୍ୱନିପ୍ରତିଧ୍ୱନି ଆଦୃତ । ମୋର ମନେପଡ଼େ ୨୦୧୧ରେ ଧ୍ୱନିପ୍ରତିଧ୍ୱନିରେ ପ୍ରକାଶିତ ମୋର ଦୁଇଟି ମିନି ଗଳ୍ପ ପଢ଼ି କଳାହାଣ୍ଡିରୁ 'ସାହିତ୍ୟକଥା'ର ସମ୍ପାଦକ ସେହି ଗପ ଦୁଇଟି ତାଙ୍କ ପତ୍ରିକାରେ ପ୍ରକାଶ କରିବା ପାଇଁ ଅନୁମତି ମାଗିଥିଲେ । ବିଭିନ୍ନ ଜିଲ୍ଲାରୁ ଚିଠି ଏବଂ ଫୋନ୍ ମଧ ପାଏ । ଏହା ପ୍ରମାଣ ଦିଏ ଧ୍ୱନିପ୍ରତିଧ୍ୱନି ଦେଶରେ ବିଭିନ୍ନ ଜିଲ୍ଲାରେ ଉପଲବ୍ଧ ହୁଏ ।

ଧ୍ୱନିପ୍ରତିଧ୍ୱନି ସହିତ ମୋ ସମ୍ପର୍କ ୨୦୦୮ରୁ, ନା ବରଂ ୨୦୦୪ରୁ। କାରଣ ସେତେବେଳେ ମୁଁ ଅନ୍ୟ ରାଜ୍ୟରେ ରହୁଥିଲେ ମଧ ମୋର ଲେଖା ପ୍ରକାଶ କରିଥିଲା ଧ୍ୱନିପ୍ରତିଧ୍ୱନି । ୨୦୦୮ରେ ମୋ କର୍ମମୟ ଜୀବନ ଆରମ୍ଭ ହୁଏ ବାଲେଶ୍ୱରରେ । ୨୦୦୮ ଶେଷଭାଗରୁ ୨୦୧୨ ପର୍ଯ୍ୟନ୍ତ ଘନିଷ୍ଠ ଥିଲି ତା ସହିତ । ସେହି ସମୟରେ ମୋର ଅନେକ ଲେଖା ତା ପୃଷ୍ଠା ମଣ୍ଡନ କରି ମୋତେ କବି ଲେଖକର ପରିଚୟ ଦେଇଛି । ବାଲେଶ୍ୱର ସ୍ୱଜନର ମାଟି ଏହା ନିଃସନ୍ଦେହ । ଅନେକ ମହାନ ସ୍ରଷ୍ଟାଙ୍କ ଜନନୀ ବାଲେଶ୍ୱର। ଠିକ୍ ସେହିପରି ଅନେକ ପତ୍ର ପତ୍ରିକାର ସ୍ରଷ୍ଟା ବାଲେଶ୍ୱର । ଏଠାରୁ ପ୍ରକାଶ ପାଉଥିବା ୭/୮ଟି ଦୈନିକ ଖବର କାଗଜମଧ୍ୟରୁ ଧ୍ୱନିପ୍ରତିଧ୍ୱନି ପ୍ରଥମ ସ୍ଥାନରେ ରହିବ । ଏହାର ଆଦୃତି ହୋଇ ପରିଚୟ ପ୍ରଦାନ କରେ । ଯଦିଓ ଏହା ଏକ ଆଞ୍ଚଳିକ ଖବର କାଗଜ ତଥାପି ସବୁ ପ୍ରକାର ଲେଖା/ ଖବର ମିଳିଯାଏ ଧ୍ୱନିପ୍ରତିଧ୍ୱନିରୁ । କେହି ଜଣେ ଆଞ୍ଚଳିକ ଖବର ଟିଏ ପାଇଁ ପ୍ରଥମେ ଧ୍ୱନିପ୍ରତିଧ୍ୱନିକୁ ଖୋଜେ । ମୁଁ ଯେବେ ବାଲେଶ୍ୱର ଯାଏ ପ୍ରଥମେ ବାଲେଶ୍ୱର ରେଳ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ବହି ଦୋକାନରୁ ଧ୍ୱନିପ୍ରତିଧ୍ୱନି ନିଶ୍ଚୟ ଦେଖେ ।

ଏବେ ଆସନ୍ତୁ ଜାଣିବା ମୁଁ କାହିଁକି କହିଲି ଧ୍ୱନିପ୍ରତିଧ୍ୱନି ଏକ ଭଲ ଖବର କାଗଜ । ପ୍ରଥମତଃ ଏହା ନିରପେକ୍ଷତା ବଜାୟ ରଖେ। ଉଦ୍ଦେଶ୍ୟ ମୂଳକ ଭାବରେ ଖବର ପ୍ରକାଶ କରେନି । ଏହାର ଅନ୍ୟ ଏକ ଗୁଣ ପ୍ରତିଦିନ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶପାଏ 'କବିତା କୋଣାର୍କ' ସ୍ତମ୍ଭ, ଏଥିରେ ପ୍ରତିଦିନ କବିତା ପ୍ରକାଶ ପାଏ । ନବୀନ ତରୁଣ ବା ପ୍ରଦୀପ ସମସ୍ତଙ୍କ କବିତା ସ୍ଥାନିତ ହୁଏ ଏଥିରେ ନୂଆ କବିଙ୍କ ପାଇଁ ଏହା ପ୍ରେରଣା ଦାୟୀ, ସୋମବାର ଗଳ୍ପ ପାଇଁ 'ଗଳ୍ପମାଳା', ମଙ୍ଗଳବାର ନାରୀଙ୍କ ପୃଷ୍ଠା 'ସୁଚରିତା', ଗୁରୁବାର ଧର୍ମ ପାଇଁ 'ଧର୍ମଧାରା', ଶୁକ୍ରବାର 'ବିନୋଦନ', ଶନିବାର 'ଫୁଲକଢି' ଏବଂ ରବିବାରରେ 'ସୁଚୟନ' ମନର ବାନ୍ଧି ରଖିବାରେ ସକ୍ଷମ । ଏହା ସହିତ ପ୍ରତିଦିନ ବିବିଧ ବିଶ୍ୱ, ବିଚିତ୍ରା ଆଦି ନିୟମିତ ପୃଷ୍ଠାରୁ ଅନେକ ଅଜଣା କଥା ଜାଣିହୁଏ। ଏହା ସମାଜର ସବୁ ପ୍ରକାର ପାଠକ ମାନଙ୍କ ମନକୁ ଜିଣି ପାରୁଥିବା କାଗଜଟିଏ । ୨ଟଙ୍କା ଦାମ, ୮ପୃଷ୍ଠାର ରଙ୍ଗୀନ କାଗଜଟି କିଛି ସମୟ ପାଇଁ ତା ଖବର ଏବଂ ସୃଜନୀ ପୃଷ୍ଠାରେ ସାଧାରଣ ପାଠକଟିଏକୁ ବାନ୍ଧି ରଖିବା ପାଇଁ ଯଥେଷ୍ଟ ସକ୍ଷମ ।

ଏବେ ଆଉ ଟିକିଏ ନିକଟ ହୋଇଯାଇଛି ଧ୍ୱନିପ୍ରତିଧ୍ୱନି, ଏହାକୁ ଇଣ୍ଟରନେଟ ମାଧ୍ୟମରେ ମୋବାଇଲରେ ବି ପଢ଼ାଯାଇ ପାରୁଛି। ତା ସହିତ ମେଲରେ ଲେଖା ଗ୍ରହଣ କରୁଥିବାରୁ ଲେଖା ପଠାଇବା ବି ଆହୁରି ସୁଗମ ହୋଇପାରିଛି । କବି ଓ ଲେଖକ ମାନଙ୍କୁ ଲେଖକୀୟ କପି ଖଣ୍ଡେ ଡାକରେ ପଠାଇବାକୁ କୁଣ୍ଠା ବୋଧ କରନ୍ତିନି ଧ୍ୱନିପ୍ରତିଧ୍ୱନିର ସମ୍ପାଦିକା । ମୁଖ୍ୟ ସମ୍ପାଦକ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ଓ ସଂପାଦିକା ସୁପରିଚିତ କବୀ ସୈରିନ୍ଧ୍ରୀ ସାହୁ ନିଜର ସନ୍ତାନଟିଏ ପରି ପାଳି ପୋଷିବାରୁ ଏହାର ଏହାର ଚମକ ଦିନକୁଦିନ ବଢ଼ଇବାରେ ଲାଗିଛି । ଖବର, ସାହିତ୍ୟ, ଧର୍ମ, ଇତିହାସ, ବିନୋଦନ, କ୍ରୀଡ଼ା, ଏହି ଖବର ସବୁ ନିଜ ଭିତରେ ବହନ କରି ସେ ସଭିଙ୍କର ପ୍ରିୟପାତ୍ର ହୋଇପାରିଛି। ଏବେ ମନକଥା ଦୁଇ ଧାଡ଼ି ଲେଖୁଛି । ବର୍ତ୍ତମାନ ମୁଁ ବାଲେଶ୍ୱରରେ ରହୁନି ନିୟମିତ ଲେଖା ପଠାଇ ପାରୁନି । କିନ୍ତୁ ମେଲରେ ଲେଖା ପଠାଉଥିଲେ ମଧ କାହିଁକି କେଜାଣି ମୋ ଲେଖା ଆଉ ବେଶୀ ପ୍ରକାଶପାଉନି । ତେଣୁ ମନ ମରିଯାଇଛି ଲେଖା ପଠାଇବା ପାଇଁ । ତଥାପି ଲେଖା ପଠାଉଛି, ପଠାଉଥିବି, ଆଉ ଗୋଟିଏ କଥା ଲେଖିବି ପ୍ରତିଦିନ ନେଟରେ ଧ୍ୱନିପ୍ରତିଧ୍ୱନି ଉପଲବ୍ଧ ହେଉନି । କେବେ ୩/୪ ଦିନରେ ଥରେ ଓ କେବେ ସପ୍ତାହକୁ ଥରେ ଉପଲବ୍ଧ ହେଉଛି। ପ୍ରତିଦିନ ଯଦି ଉପଲବ୍ଧ ହୁଅନ୍ତା ଭଲ ହୁଅନ୍ତା ।

ପ୍ରଥମରୁ କହିଛି ଶେଷରେ ମଧ କହୁଛି ଧ୍ୱନିପ୍ରତିଧ୍ୱନି ଏକ ଭଲ ଖବରକାଗଜ ସବୁ ଦୃଷ୍ଟିରୁ । ତେଣୁ ଭଲ କାଗଜଟି ଆହୁରି ଭଲ ହେଉ ଏହାହିଁ ମୋର ଆଶା । ଧ୍ୱନିପ୍ରତିଧ୍ୱନି ସହିତ ସଂପୃକ୍ତ ସମସ୍ତଙ୍କୁ ଅନୁରୋଧ ତାକୁ ଭଲ ପାଇବାରେ କେବେ କି ଊଣା କରିବେନି । ତାକୁ ଆମେ ଭଲ ପାଇଲେ ସେ ଆମକୁ ଭଲ ପାଇବ ଓ ଆହୁରି ଆଗକୁ ବଢ଼ି ପାରିବ ।

ଅହିୟାସ, ଯାଜପୁର

# ସ୍ୱନକ୍ଷତ୍ର ବିଶେଷାଙ୍କ






## ମୋତେ ତ ଲାଗେ ଏମିତି

**ଝରଣାଦାସ**



ସଞ୍ଜିବନୀ ପରି ସଞ୍ଚରି ଯାଏ
ସୁରଭିତ ସକାଳରେ
ଅନାବନା ଅନେକ
କଳି ଓ ଫୁଲଙ୍କୁ ନେଇ
ସଜ୍ଜିତ ଗୁଚ୍ଛର ସମାହାର
'ଧ୍ୱନିପ୍ରତିଧ୍ୱନି'
ନବୀନ ପ୍ରବୀଣ
କେତେ ଯେ ଅର୍ବାଚୀନ
ହରି ପରି
ଜାତିସ୍ମରମାନଙ୍କୁ
କୋଳେଇ କାଖେଇ
ନିଜ ଭିତରର ।
ପାରିଲା ପଣର
ପ୍ରକାଶନର ନାଁ 'ସାଗରିକା'
ମୋତେ ତ ଲାଗେ ଏମିତି
ସୃଷ୍ଟି ଭାଇ, ସୈରିନ୍ଧ୍ରୀ ଅପା
ନାଁ ଦୁଇଟି ଯେମିତି
ପ୍ରହେଳିକା ମଧ୍ୟରେ
ଦି'ମୁଠା ସତ୍ୟତା ।

♥ କଲ୍ୟାଣ ନଗର, ଅଙ୍ଗାର ଗଡ଼ଆ, ବାଲେଶ୍ୱର,
ମୋ- ୮୩୪୨୮୫୬୦୦୧


## ଶୁଭେଚ୍ଛା ଓ ଅଭିନନ୍ଦନ



ଧ୍ୱନି ପ୍ରତିଧ୍ୱନିର ୩୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଭାଇ ଭଉଣୀ ମାନଙ୍କର ସୁଖ ସମୃଦ୍ଧି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଓ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ କରୁ ଏତିକି କାମନା କରୁଛି ।

**ଇଂ. ମଧୁସୂଦନ ସିଂ**

ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଂଜିନିୟର,
ପବ୍ଲିକ ହେଲଥ୍ ସବଡିଭିଜନ, ଭଦ୍ରକ




WITH BEST COMPLIMENTS FROM...

**A WELL WISHER**

## ଶୁଭେଚ୍ଛା ଓ ଅଭିନନ୍ଦନ



ସାଧାରଣ ଲୋକଙ୍କ ସାହାଭରସା ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

**ସଂଗ୍ରାମ କୁମାର ପଣ୍ଡା**

ସାଇ ଲକ୍ଷ୍ମୀ ଇଲେକ୍ଟ୍ରିକାଲ ଆଣ୍ଡ ହାର୍ଡୱାର୍ଡ଼,
ପାଳିଆହାଟ, ଭଦ୍ରକ






# ଭୋଗୁପୁର ପ୍ରାଥମିକ ବିଦ୍ୟାଳୟରେ ଜଡିବୁଟି ଦିବସ



ଖଇରା,୪ ।୮ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ର ବିଭିନ୍ନ ସ୍ଥାନରେ ଜଡିବୁଟି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶୁକ୍ରବାର ଦିନ ଭୋଗୁପୁର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ ଯୋଗ ପ୍ରଚାରକ ତଥା ଯୁବ କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ପୌରହିତ୍ୟରେ ଯୋଗ ପ୍ରଭାରୀ ଉମେଶ ଚନ୍ଦ୍ର ନାୟକ, ଭାରତ ସ୍ୱାଭିମାନ ପ୍ରଭାରୀ ବୁଦ୍ଧିରାମ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଜଡିବୁଟିର ଆବଶ୍ୟକତା ଓ ଉପକାରିତା ଉପରେ ଆଲୋକପାତ କରିଥିଲେ । ଶିକ୍ଷୟତ୍ରୀ ଆରତୀ ମାଝୀ ଓ ପ୍ରତାପ ଚନ୍ଦ୍ର ଲେଙ୍କା,ତାପସ ବେହେରା, ପ୍ରତୀକ ବେହେରା, ରାମଚନ୍ଦ୍ର ବେହେରା, ଭାଗିରଥି ମହାକୁଡ, ସୁରେନ୍ଦ୍ର ବାରିକ, ରାଜେନ୍ଦ୍ର ବାରିକ,ସୀତା ବେହେରା, ମିତା ବେହେରା, ସୁଲୋଚନା ପାଣିଗ୍ରାହୀ, ଯଶୋଦା ବେହେରା, ଅହଲ୍ୟା ବେହେରା, ସହଦେବ ବେହେରା ପ୍ରମୁଖ ଗ୍ରାମବାସୀଙ୍କ ଦ୍ୱାରା ଅଁଳା, ତୁଳସୀ, ଘିକୁଆଁରୀ, ହରିଡା, ବାହାଡା, ପିଜୁଳି ଇତ୍ୟାଦି ଚାରାରୋପଣ କରାଯିବା ସହ ଚାରା ବଣ୍ଟନ ମଧ୍ୟ କରାଯାଇଥିଲା । ଜଡିବୁଡି ବିଶାରଦ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିବସକୁ ଜଡିବୁଟି ଦିବସ ଭାବେ ପାଳନ କରାଯାଇଥାଏ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା



ପାରାଦୀପ, ୫/୦୮ (ନି.ପ୍ର): ଶନିବାର ଦିନ ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହୋଇଥିଲା । ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିଶୁ ପ୍ରାରମ୍ଭ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନ କରିଥିଲେ । ପାରାଦୀପର ଅନ୍ୟ ହାଇସ୍କୁଲର ବିଜ୍ଞାନ ଶିକ୍ଷକମାନେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ସୁନ୍ଦର ଓ ଚିତାକର୍ଷକ ପ୍ରକଳ୍ପ ଗୁଡିକୁ ବିଦ୍ୟାମନ୍ଦିର ସମେତ ପାରାଦୀପର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଆସି ବୁଲି ଦେଖିଥିଲେ । ପ୍ରକଳ୍ପ ସହିତ ଗଣିତ ପ୍ରଶ୍ନମଂଚ ଛାତ୍ରଛାତ୍ରୀମାନଙ୍କୁ ଖୁସି କରି ଦେଇଥିଲା । ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ଦିଗମ୍ବର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହପ୍ରଧାନ ଆଚାର୍ଯ୍ୟା ମମତା କର ଧନ୍ୟବାଦ ଅର୍ପଣ କରିଥିଲେ ।

# କରୋନା ପରେ ପ୍ରଥମ ପ୍ରତିଯୋଗିତା ଖେଳାଇ ଦେଇଛି ନୂଆ ଉତ୍ସାହ



ଉଦଳା , ୫/୦୮ (ନି.ପ୍ର): ପ୍ରତିବର୍ଷ ଉଦଳା ଠାରେ ବିଭିନ୍ନ ରାଷ୍ଟ୍ରୀୟ ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଂଗୀତ, ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବେଶ ପୋଷାକ, ପ୍ୟାରେଡ୍, ତର୍କ ଇତ୍ୟାଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଥିଲା । କିନ୍ତୁ ମହାମାରୀ କରୋନା ପାଇଁ ଦିର୍ଘ ୩ ବର୍ଷ ଧରି ସବୁ ପ୍ରକାର ପ୍ରତିଯୋଗିତା ବନ୍ଦ ହୋଇ ଯାଇଥିଲା । ଚଳିତ ବର୍ଷ ୭୭ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ବିଗତ ବର୍ଷ ଭଳି ଉପଖଣ୍ଡ ସ୍ତରୀୟ ପ୍ରତିଯୋଗିତା ମାନ ପୁଣି ଥରେ ଆରମ୍ଭ ହୋଇଛି । ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସବୁ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଉଥିବା ବେଳେ ଅଂଶ ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ଓ ଅବିଭାବକଙ୍କ ମହଲରେ ନୂଆ ପ୍ରକାର ଉତ୍ସାହ ଖେଳି ଯାଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ଦିବ୍ୟାରତ୍ନା ଦାସ ଅଂଶ ଗ୍ରହଣ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ସହିତ ପ୍ରତିଯୋଗିତାର ବିଷୟବସ୍ତୁ ଓ ଆୟୋଜନର ରୂପରେଖ କେମିତି ଲାଗୁଛି ବୋଲି ପଚାରି ବୁଝୁଥିବାର ଜଣାଯାଇଛି । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ଚଳିତ ଅଗଷ୍ଟ ୧୫ ତାରିଖ ସ୍ୱାଧିନତା ଦିବସ ଦିନ ଉପଖଣ୍ଡ ସ୍ତରୀୟ ଉତ୍ସବ ପାଳନ ମଂଚରେ ଉପଜିଲ୍ଲାପାଳ ପୁରସ୍କୃତ କରିବେ ବୋଲି ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି ।

# ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ : ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି 'ପିଙ୍କି'

ଉଦଳା , ୫/୦୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ତାଳସରେଇ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ନବିନ କୋହ୍ଲାର ଓ ମାଳତୀ କୋହ୍ଲାରଙ୍କ କନ୍ୟା 'ପିଙ୍କି' ବର୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ପିଙ୍କିଙ୍କୁ ବର୍ତମାନ ବୟସ ୧୦ ବର୍ଷ ଛୁଇଁଲା । ସେ ଅଙ୍ଗନୱାଡ଼ି ପାସ କରିବା ପରେ କୌଣସି ବିଦ୍ୟାଳୟରେ ନାମ ଲେଖାଇନଥିବାର ଜଣାଯାଇଛି । ତାଙ୍କର ଆଧାରକାର୍ଡ଼ ନଥିବା ଯୋଗୁଁ କାର୍ଯ୍ୟରତ ସରକାରୀ ବାବୁ ମାନେ ତାଙ୍କୁ ଆଡ଼ମିସନ ନକରି ଫେରାଇ ଦେଇଥିବାର ଗ୍ରାମବାସୀ ଓ ଅବିଭାବକ ମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ତାଳସରେଇ ପିଙ୍କିଙ୍କର ମାମୁଁ ଘର ଅଟେ । ସେ ପିଲାଟି ଦିନରୁ ମାମୁଁ ଘରେ ରହି ପାଠ ପଢୁଛନ୍ତି ।ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ସରକାରଙ୍କର ଏହି ଘୋଷଣା ଯେ ଏକ ପ୍ରହସନ ତାହା ପିଙ୍କିପରି ପିଲାଙ୍କୁ ଦେଖିଲେ ବେଶ ଭଲଭାବରେ ବୁଝି ହେବ । ପିଙ୍କିଙ୍କୁ ତୁରନ୍ତ ବିଦ୍ୟାଳୟକୁ ନେବାର ବ୍ୟବସ୍ଥା କରାଯାଉ ବୋଲି ସ୍ୱେଚ୍ଛାସେବୀ ରୁପାଏ ବାସ୍କେ ଦାବି ଜଣାଇଛନ୍ତି ।

# ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୫/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ କ୍ଷୀରୋଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଗୁଡିକକୁ ମୂଲ୍ୟାଙ୍କନ କରି ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚିହ୍ନଟ କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପ ଗୁଡିକ ବ୍ଲକ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ପ୍ରତିଯୋଗିତା ପାଇଁ ପ୍ରଦର୍ଶିତ



ଶନିବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ଜଳ ସଂରକ୍ଷଣ , ବଜ୍ରପାତ ସୁରକ୍ଷା , ବିଶୁଦ୍ଧ ପାନୀୟ ଜଳ ,ଟ୍ରାଫିକ ସୁରକ୍ଷା, ପ୍ରାଥମିକ ଚିକିତ୍ସା ଆଦି ୧୫ରୁ ଅଧିକ ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ହୋଇଥିଲା।ସ୍ଥାନୀୟ ଜାମଶୂଳୀ ଲକ୍ଷ୍ମୀ ନାରାୟଣ କଲେଜର ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି , ଶିଶୁ ମନ୍ଦିର ପ୍ରଧାନ ଅଚାର୍ଯ୍ୟା ଅଞ୍ଜନା ମିଶ୍ର ,ସହକାରୀ ଗୁରୁଜୀ ଜଳଧର ଦେ ପ୍ରମୁଖ ପ୍ରକଳ୍ପ ହେବ।ମେଳାକୁ ପରିଚାଳନା କମିଟିର ସଭାପତି ମାନସ କୁମାର ବେହେରା ଉଦଘାଟନ କରିଥିବା ବେଳେ ସମ୍ପାଦକ ବିଦ୍ୟାଧର ପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ବିଜ୍ଞନ ଗୁରୁମା କୃଷ୍ଣା କୁମାରୀ ସୁର ଏହାକୁ ପରିଚାଳନା କରିଥିବାବେଳେ ଗୁରୁମା ଝୁନା ରାଣୀ ଦାସ,ଚିନ୍ମୟୀ କର ,ନିର୍ମଳ ଧଳ, ବିଦ୍ୟୁତ ପ୍ରଭା ଦେ, ରଶ୍ମିତା ଦତ୍ତ,ସସ୍ମିତା ନାୟକ,ଶିବ ଶଙ୍କର ହେମ୍ରମ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା ବୈଠକ

ବାରିପଦା , ୫/୦୮ (ନି.ପ୍ର): ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କ ସଭାପତିତ୍ୱରେ ସଙ୍କଳ୍ପ ସଭାଗୃହ ବାରିପଦା ଠାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ୨ୟ ପର୍ଯ୍ୟାୟ ବାରିପଦା ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ଼. ପ୍ରକାଶ ଚାନ୍ଦ ଗୋଗିନାନୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ସମୀକ୍ଷା ୨୦୨୨-୨୩ର ଲକ୍ଷ୍ୟ ସହିତ ଜଙ୍ଗଲ ସୁରକ୍ଷା ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ମାନଙ୍କ ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଥିଲେ । ଉକ୍ତ ପ୍ରକଳ୍ପ ଜରିଆରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକମାନଙ୍କ ଜୀବନ ଜୀବିକାରେ କିଭଳି ଉନ୍ନତି ହୋଇ ପାରିବ, ସେ ବିଷୟରେ ଅତିଥିମାନେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ମୁଖ୍ୟ ବନସଂରକ୍ଷକ ଙ୍କର ପ୍ରତିନିଧି ଭାବେ ପିଏମସିର ଟିମ ଲିଡର କ୍ରିଷ୍ଣା କୁମାର ନାଭାଲେଡି ଯୋଗଦେଇ ମୟୂରଭଞ୍ଜରେ କରାଯାଇଥିବା ବହୁମୁଖୀ ଉତ୍ପାଦ କ୍ଲଷ୍ଟର ଦ୍ୱାରା ଉତ୍ପାଦନ କରାଯାଉଥିବା ଉତ୍ପାଦକଗୁଡିକର ବିକ୍ରିବଟା ନିମନ୍ତେ ବଜାର ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ. ସହକାରୀ ବନ ସଂରକ୍ଷକ ଅରୁଣ କୁମାର ବିଶ୍ୱାଳ ବନ ସୁରକ୍ଷା ସମିତି ମାନଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ ବିଷୟରେ ଆଲୋଚନା କରିଥିବା ବେଳେ, ଅତିଥି ମାନଙ୍କ ଦ୍ୱାରା ବାର୍ଷିକ କାର୍ଯ୍ୟ ରିପୋର୍ଟ ଉନ୍ମୋଚନ ହୋଇଥିଲା । ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସମିକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରକଳ୍ପ ପ୍ରଶାସକ ସମ୍ମନ୍ନୀତ ଜନଜାତି ଉନ୍ନୟନ ସଂସ୍ଥା, ଜିଲ୍ଲା କୃଷି ଅଧିକାରୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିବା ବେଳେ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଷୟ ବସ୍ତୁ ବିଶେଷଜ୍ଞ କୈଳାଶ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସହକାରୀ ବନ ସଂରକ୍ଷକ ଦିଲ୍ଲୀପ କୁମାର ବାରିକ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଚନ୍ଦ୍ରର କକ୍ଷପଥରେ....

ସେଥିପାଇଁ ବୈଜ୍ଞାନିକମାନେ ବିଶେଷ ଦୃଷ୍ଟି ରଖିଛନ୍ତି। ୬୧୫ କୋଟିର ଏହି ପ୍ରୋଜେକ୍ଟ ସଫଳ ହେଲେ ଚନ୍ଦ୍ରରେ ପାଦ ଥାପିବାରେ ଭାରତ ହୋଇଯିବ ବିଶ୍ୱର ଚତୁର୍ଥ ଦେଶ। ଏହା ପୂର୍ବରୁ ଆମେରିକା, ଚାଇନା ଓ ରୁଷ ଏହି ସଫଳତା ହାସଲ କରି ସାରିଛନ୍ତି। ଓଝଜଙ ଅନୁଯାୟୀ, ବୈଜ୍ଞାନିକମାନେ ଚନ୍ଦ୍ରଯାନ-୩ ଉପରେ ତିନୋଟି ମୁଖ୍ୟ ଲକ୍ଷ୍ୟ ରଖିଛନ୍ତି। ସର୍ବପ୍ରଥମେ, ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ଏକ ନିରାପଦ ଓ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ଚାହୁଁଛନ୍ତି। ଚନ୍ଦ୍ରଯାନ-୨ ମିଶନ ମଧ ସଫ୍ଟ ଲ୍ୟାଣ୍ଡିଂ ପାଇଁ ଉର୍ଦ୍ଦିଷ୍ଟ ଥିଲା। ମାତ୍ର ସାମାନ୍ୟ ତ୍ରୁଟି ମିଶନକୁ ବିଫଳ କରି ଦେଇଥିଲା। ଓଝଜଙ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ରୋଭର ପ୍ରେରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଦୁଇ ସୋପାନ ଅତିକ୍ରମ କଲେ ବୈଜ୍ଞାନିକମାନେ ଚନ୍ଦ୍ର ଉପରେ ଅନେକ ପରୀକ୍ଷା-ନୀରିକ୍ଷା କରିବାକୁ ସକ୍ଷମ ହେବେ। ଏଥିପାଇଁ ଚନ୍ଦ୍ରଯାନ-୩ ମାଧ୍ୟମରେ ଚନ୍ଦ୍ରପୃଷ୍ଠକୁ ଅନେକ ଯନ୍ତ୍ର ପଠାଯିବ। ଏକ ସ୍ୱତନ୍ତ୍ର ଯନ୍ତ୍ର ମହାକାଶକୁ ପ୍ରେରଣ କରାଯିବ, ଯାହା ଜହ୍ନ ରାଇଜରୁ ପୃଥିବୀ ଉପରେ ନଜର ରଖିବ।

## ଥାନା ଜାଳିଦେଲେ ଉତ୍ୟକ୍ତ....

ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାକ ବିଳମ୍ବିତ ରାତିରେ ଏକ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ମାସିରି ପଡ଼କ୍ଷ ଛକ ନିକଟରେ ସ୍ଥାନୀୟ ଗ୍ରାମବାସୀ ଗଞ୍ଜେଇ ସହ ଗାଡ଼ିକୁ ଧରିଥିଲେ କ୍ଷ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଗାଡ଼ିଟି କୁଆଡେ ଫିରିଙ୍ଗିଆ ଥାନାର ବୋଲି ଜଣା ପଡ଼ିଥିଲା କ୍ଷ ଏହି ଘଟଣା ପରେ ଫିରିଙ୍ଗିଆ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା କ୍ଷ ଗଞ୍ଜେଇ ମାଫିଆଙ୍କ ସହ ଫିରିଙ୍ଗିଆ ଥାନାର କିଛି ପୋଲିସ କର୍ମଚାରୀଙ୍କ ସଂପୃକ୍ତି ରହିଛି ବୋଲି ଲୋକେ ସନ୍ଦେହ କରି ଫିରିଙ୍ଗିଆ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକ ଫିରିଙ୍ଗିଆ ଥାନା ଜାଳି ଦେଇଥିବା ସୂଚନା ମିଳିଛି । ସେପଟେ ପୋଲିସ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଏଥିରେ ସଂପୃକ୍ତ ମାଫିଆମାନଙ୍କୁ ସାବାଡ କରି ଜେଲକୁ ପଠାଉଥିବାରୁ ମାଫିଆମାନେ ପୋଲିସ ବିରୁଦ୍ଧରେ ଏଭଳି ମେଳି ବାନ୍ଧି ପୋଲିସକୁ ଅଯଥା ବଦନାମ କରୁଥିବା କୁହାଯାଇଛି । ତେବେ ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ କହିଛନ୍ତି ।

## ଗୋଟିଏ ମଞ୍ଚରେ....

ନକ୍ସଲବାଦକୁ ପୂରା ନିୟନ୍ତ୍ରଣ କରାଯାଇଛି । ଓଡ଼ିଶାରେ ନକ୍ସଲ ଗତିବିଧି କମିଥିବାରୁ ରାଜ୍ୟ ସରକାରକୁ ଧନ୍ୟବାଦ ଦେଇଛନ୍ତି ଶାହ । ନକ୍ସଲ ମୁକାବିଲାରେ ଓଡ଼ିଶା ଆମକୁ ସର୍ବଦା ସମର୍ଥନ କରିଛି । ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ବହୁ ନୂଆ ପନ୍ଥା ଆପଣାଇଛି । ବିପର୍ଯ୍ୟୟ ମୁକାବିଲାରେ ସାରା ଦେଶକୁ ମାର୍ଗଦର୍ଶନ କରିଛି ଓଡ଼ିଶା । କେନ୍ଦ୍ର ଏବଂ ରାଜ୍ୟ ମିଶି କାମ କଲେ ବିପର୍ଯ୍ୟୟ ବି ପରାସ୍ତ ହେଉଛି ବୋଲି କହିଛନ୍ତି ଶାହ । ନବୀନ ପଟ୍ଟନାୟକ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିବାର ରେକର୍ଡ କରିବା ସହ ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିବା କହି ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ଅମିତ ଶାହ । ଏହାପରେ ନିଜ ସରକାରଙ୍କ ଗୁଣଗାନ କରି ଅମିତ ଶାହ କହିଛନ୍ତି, ୨୦୧୪-୧୫ରେ ପ୍ରତିଦିନ ୧୨ କିମି ରାସ୍ତା ନିର୍ମାଣ ହେଉଥିଲା। ୨୦୨୧-୨୨ରେ ଏହା ୨୯ କିମିରେ ପହଞ୍ଚିଛି। ରାଜରାସ୍ତାର ନିର୍ମାଣ ଦ୍ୱାରା ସମଗ୍ର ଦେଶରେ ଆର୍ଥିକ ଅଭିବୃଦ୍ଧି ହେଉଛି। ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ଦେଶର ପୂର୍ବ ଭାଗର ବିକାଶ ନ ହେଲେ ସମ୍ପୂର୍ଣ୍ଣ ଦେଶର ବିକାଶ ସମ୍ଭବ ନୁହେଁ। ଏଥିପାଇଁ ମୋଦି ସରକାର ପୂର୍ବ ଭାରତ ଉପରେ ଅଧିକ ଫୋକସ୍ କରୁଛନ୍ତି। ପୂର୍ବ ଓ ପଶ୍ଚିମ ଭାରତକୁ ଗୋଟିଏ ସମାନ ସ୍ଥାନକୁ ଆଣି ପାରିଲେ ହିଁ ବିକାଶ ସମ୍ଭବ ବୋଲି କହିଛନ୍ତି ଶାହ । ଏଥିସହ ସେ କହିଛନ୍ତି, ପୂର୍ବ ଭାରତ ବିଗତ ଦିନରେ ନକ୍ସଲ ପ୍ରଭାବିତ ଅଞ୍ଚଳ ଥିଲା। ଗତ ୯ ବର୍ଷରେ ମୋଦି ସରକାର ରାଜ୍ୟ ସରକାରଙ୍କ ସହ ମିଶି ନକ୍ସଲଙ୍କୁ ମୂଳୋତ୍ପାଟନ କରିବାକୁ ଚେଷ୍ଟା ଚଳାଇଛନ୍ତି। ଫଳରେ ନକ୍ସଲ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି। ନକ୍ସଲ ବିରୋଧୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସରକାର ବି ସବୁବେଳେ ସହଯୋଗର ହାତ ବଢ଼ାଇଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦି ବହୁ କାମ କରିଥିବା କହିବାକୁ ଭୁଲି ନାହାନ୍ତି ଶାହ। ଏହି ସଭାରେ ନବୀନ ପଟ୍ଟନାୟକ ନିଜ ଭାଷଣ ଆରମ୍ଭରେ ଅମିତ ଶାହଙ୍କୁ ଜଗନ୍ନାଥଙ୍କ ଭୂମିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଥିଲେ, ନୂତନ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ନୂଆ ମାଇଲ ଖୁଣ୍ଟ ସ୍ଥାପନ କରୁଛି। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଯୋଗାଯୋଗକୁ ସୁଦୃଢ଼ କରିବାକୁ ପଡ଼ିବ । ଯେପରି ଗୁରୁପ୍ରିୟା ସେତୁ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳକୁ ଯୋଗାଯୋଗ କରୁଛି। ଫଳରେ ଉକ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ଏହି ସେତୁ ବରଦାନ ସଦୃଶ୍ୟ ପାଲଟିଛି। ବିଜୁ ଏକ୍ସପ୍ରେସ ୱେ ପଶ୍ଚିମ ଓଡ଼ିଶାରୁ ଦକ୍ଷିଣ ଓଡ଼ିଶାକୁ ଯୋଗାଯୋଗ କରୁଛି। ଚଳିତ ବର୍ଷ ଆମେ ୬ ,୫୦୦ କିମି ରାସ୍ତା କାମ ସହ ୩ଶହ ବ୍ରିଜ କାମ କରିବାକୁ ଲକ୍ଷ୍ୟ ରଖିଛୁ । ନିକଟରେ ଆମେ ୨ଟି ଏୟାରପୋର୍ଟ କାମ ସାରିଛୁ। ଏଥିସହ ମାଲକାନଗିରିରେ ଏକ ବିମାନବନ୍ଦର କାମ ଚାଲିଛି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାମରେ ସହଯୋଗର ହାତ ବଢ଼ାଉଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାନ ଜଣାଇଛନ୍ତି ନବୀନ ।

## ଓଏସଏସସି ପ୍ରଶ୍ନପତ୍ର ଲିକ୍ ....

ଅନ୍ୟବିଭିନ୍ନ ପ୍ରକାରର ଅଭିଯୁକ୍ତମାନେ ହେଉଛନ୍ତି ଶାନ୍ତନୁ ମିଶ୍ର (୨୯), ସନ୍ଦୀପ କୁମାର ମହାନ୍ତି (୨୭), ପ୍ରଦୀପ ଶତପଥୀ, ନିରଞ୍ଜନ ବେହେରା (୫୫), ରାଜୀବ ଲୋଚନ ସାହୁ (୩୩) ଓ ସପନ କୁମାର ରାଉତ (୩୩)। ଏମାନେ ଏହି ପରୀକ୍ଷାର ପ୍ରଶ୍ନପତ୍ର ଯୋଗାଇ ଦେବା ପାଇଁ ପ୍ରାର୍ଥୀମାନଙ୍କ ସହ ଯୋଗାଯୋଗ କରିଥିଲେ। ବାଲେଶ୍ୱର ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ଯେ ମୁଖ୍ୟତଃ ଦୁଇଟି ଉପାୟରେ ପରୀକ୍ଷାର୍ଥୀମାନଙ୍କ ସହିତ ଯୋଗାଯୋଗ କରାଯାଉଥିଲା। 'ମ୍ୟାନ୍‌ପାୱାର କନ୍‌ସଲଟାନ୍‌ସି ସର୍ଭିସେସ' ଓ ହ୍ୱାଟ୍‌ସ ଆପ୍ ଏବଂ ଟେଲିଗ୍ରାମ ଭଳି ସୋଶାଲ ମିଡିଆରେ ଥିବା 'ଅନ୍‌ଲାଇନ୍ ଷ୍ଟଡି ଗ୍ରୁପ୍ସ' ମାଧ୍ୟମରେ ପରୀକ୍ଷାର୍ଥୀଙ୍କ ସହିତ ଯୋଗାଯୋଗ କରାଯାଉଥିଲା। ଏହି ରାକେଟ ସହିତ ସଂପୃକ୍ତ ଆହୁରି କିଛି ଲୋକ (ଉଭୟ ରାଜ୍ୟ ଓ ରାଜ୍ୟ ବାହାରର)ଙ୍କୁ ଚିହ୍ନଟ କରାଯାଇଛି। ତଦନ୍ତ ଆଗେଇବା ସହିତ ଏହି ମାମଲାରେ ଆହୁରି କିଛି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଲୋକଙ୍କର ବାସ୍ତବ ସମସ୍ୟା ଦୂର କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି: ଜେ.ଏମ.ଏମ. ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା , ୫/୦୮ (ନି.ପ୍ର): ରତ୍ନଗର୍ଭା ମୟୂରଭଞ୍ଜ ଜିଲ୍ଲା ଏକ ପଛୁଆ ଜିଲ୍ଲା ଭାବରେ ପରିଗଣିତ ହେଉ ଥିବା ବେଳେ, ଏଠାରେ ବସବାସ କରୁଥିବା ଆଦିବାସୀ ଓ ମୂଳବାସୀ ଚୁକ୍ତି ଅନୁସାରେ କିଛି ପାଇପାରୁନାହାନ୍ତି ଲୋକେ। ନା ହେଉଛି ଶିଳ୍ପର ବିକାଶ ନା ଯୁବକ ମାନଙ୍କ ପାଇଁ ରୋଜଗାରର ବ୍ୟବସ୍ଥା, ଏଠାରେ ଥିବା ଖଣି ଖାଦାନ ରେ ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ ନଥିବା ସହ ଠିକା ଶ୍ରମିକ ମାନଂକୁ ଉପଯୁକ୍ତ ପ୍ରାପ୍ୟମଧ ମିଳୁନାହିଁ. ଯାହାଫଳରେ ଦାଦନ ଖଟିବାକୁ ବାହାରରାଜ୍ୟ କୁ ଯାଇ ନିଜ ପରିବାର କୁ ହରାଇବା ସହିତ ନିଜର ଭାଷାସଂସ୍କୃତିକୁ ହରାଇ ବସିଲେଣି । ଅନ୍ୟ ପଟେ ଓଡିଶା ର ପଡୋଶୀ ରାଜ୍ୟ ଝାରଖଣ୍ଡ, ବେଙ୍ଗଲ, ଆନ୍ଧ୍ରପ୍ରଦେଶରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ୧୦୦୦ ଟଙ୍କା ଉପରେ ମିଳୁଥିବା ବେଳେ ଓଡ଼ିଶାରେ ମାତ୍ର ୫୦୦ ଟଙ୍କା ମିଳୁଛି ଯାହା ଜଣେ ବ୍ୟକ୍ତି ପାଇଁ ନଗଣ୍ୟ। ଏହିଭଳି ବିଭିନ୍ନ ସମସ୍ୟା ଦୂର କରିବା ନିମନ୍ତେ ଆଜି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ୧୧ ଦଫା ଦାବିପତ୍ର ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରି ଲୋକଙ୍କର ବାସ୍ତବ ସମସ୍ୟାକୁ ସମାଧାନ କରିବାକୁ ଦାବୀ କରାଯାଇଛି. ବାଦାମପାହାଡ଼ ଓ ଗୋରୁମାହିସାଣି ଲୌହ ଖଣିରେ ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତିପ୍ରଦାନ, ସହ ନୂତନ ଶିଳ୍ପ ପ୍ରତିଷ୍ଠା, ଗ୍ରାମାଞ୍ଚଳ ଡାକ୍ତରଖାନା ଓ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଡାକ୍ତର ନିଯୁକ୍ତି ସହିତ ରାଇରଙ୍ଗପୁର ଡାକ୍ତର ଖାନାରେ ଆଇ.ସି.ୟୁ. ନିର୍ମାଣ କରାଯିବା, ଆଦିବାସୀ ମାନଙ୍କ ସାରନା ଧର୍ମ କୋଡ୍ ପ୍ରଚଳନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଅର୍ଥରାଶି ବୃଦ୍ଧି କରିବା, ମଣିପୁରରେ ହୋଇଥିବା ଆଦିବାସୀଙ୍କୁ ଅତ୍ୟଚାର ଓ ଦଙ୍ଗାକୁ ବନ୍ଦ ପାଇଁ ରାଷ୍ଟ୍ରପତି ଶାସନ ଲାଗୁକରିବା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତାକୁ ୩,୦୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ୧୧ଦଫା ଦାବିରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବୀ ଗୁଡିକ ପୂରଣ ନହେଲେ ଜିଲ୍ଲାବାସୀ ରାଜରାସ୍ତା କୁ ଓହ୍ଲାଇ ନିଜର ହକ ପାଇଁ ଲଢେଇ ଜାରିରଖିବେ ବୋଲି ଚେତାବନୀ ଦିଆଯାଇଛି । ଜେଏମଏମ ର ରାଜ୍ୟ ସଭାପତି ଅଂଜନୀ ସୋରେନ ଙ୍କ ନେତୃତ୍ୱରେ ଆଜିର କାର୍ଯ୍ୟକ୍ରମରେ ଶିବାଜୀ ମୌଳିକ, ବାବୁଲାଲ ମୁର୍ମୁ, ସୁମିତ୍ରା ହେମ୍ବ୍ରମ, ସାଲୁ କିସ୍କୁ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରବିବାର, ଅଗଷ୍ଟ ୦୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୧୬

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଆସନ୍ତା ୧୧ ତାରିଖ ଗଣଧାରଣା ସଫଳ ପାଇଁ ବୈଠକ

ବାଲେଶ୍ୱର, ୫/୦୮ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଛଅଦଫା ଦାବିରେ ଆସନ୍ତା ୧୧ ତାରିଖ ଶୁକ୍ରବାର ଦିନ ୧୦ଟାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ମଞ୍ଚର ସଦସ୍ୟ ତଥା ବୟସ୍କ ବ୍ୟକ୍ତିମାନେ ଗଣଧାରଣା ଦେବେ। ଗଣଧାରଣା ଆନ୍ଦୋଳନକୁ ସଫଳ କରିବା ପାଇଁ ଶନିବାର ପୂର୍ବାହ୍ନରେ ମଞ୍ଚର ଜିଲ୍ଲା କାର୍ଯ୍ୟାଳୟରେ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଶେଷପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଚୂଡ଼ାନ୍ତ ପ୍ରସ୍ତୁତି ସଂପର୍କରେ ଉପସ୍ଥିତମାନଙ୍କୁ ଅବଗତ କରାଇଥିଲେ। ଦୀର୍ଘଦିନ ଧରି ସରକାରଙ୍କୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଲିଖିତଭାବେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସରକାରଙ୍କ ପକ୍ଷରୁ ଅସହାୟ ବୟସ୍କ ବ୍ୟକ୍ତିମାନଙ୍କୁ ଥଇଥାନ ଓ ସେମାନଙ୍କୁ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଫିଜିଓଥେରାପି ଓ ଦିବ୍ୟାଙ୍ଗମାନଙ୍କ ଆବାସ ପ୍ରଭୃତି ବହୁମୁଖି ଯୋଜନା କେନ୍ଦ୍ର ପ୍ରତିଷ୍ଠା ପାଇଁ ଅର୍ଥମଂଜୁରୀ ହୋଇଥିଲେ ମଧ୍ୟ ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ ଜମି ପ୍ରଦାନ ଓ ଚିହ୍ନଟ ହୋଇ ପାରିଲାନାହିଁ। ମାସିକ ବାର୍ଦ୍ଧକ୍ୟ ଭତ୍ତା ଗତ ଦଶବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପାଞ୍ଚଶହ ଟଙ୍କାରୁ ବୃଦ୍ଧି କରାଯାଇପାରିଲା ନାହିଁ। ପଡ଼ୋଶୀ ରାଜ୍ୟରେ ମାସିକ ବାର୍ଦ୍ଧକ୍ୟ ଭତ୍ତା ଅଧିକ ଥିବାରୁ ଉପାନ୍ତ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ପଡ଼ୋଶୀ ରାଜ୍ୟର ବାସିନ୍ଦା ଭାବେ ଦର୍ଶାଇବାକୁ ଉଚିତ ମଣୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରାରୋଗ ୱାର୍ଡ଼ କିମ୍ବା ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ପାଇଁ ସବ୍‌ଡିଭିଜନ୍ ସ୍ତରରେ ଟ୍ରିବୁନାଲ୍ ଅଚଳ ହୋଇପଡ଼ିଛି। କରୋନା ଆଳରେ ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ଦିଆଯାଉଥିବା ରିହାତି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇଛି। କରୋନା ପରେ ସ୍ୱାଭାବିକ ଅବସ୍ଥା ଫେରିବା ପରେ ବି ରିହାତି ଦିଆଯାଉନାହିଁ। ତେଣୁ ଏହିସବୁ ଦାବିକୁ ନେଇ ଗଣଧାରଣା ଦିଆଯିବ। ଜିଲ୍ଲାର ଆଞ୍ଚଳିକ ସ୍ତରରେ ଥିବା ସମସ୍ତ ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧିମାନେ ଗଣଧାରଣାରେ ଯୋଗଦେବାକୁ ନିବେଦନ କରାଯାଇଛି। ଅଜିତ୍ କୁମାର ବରାଳ ମଞ୍ଚର ସଦସ୍ୟତା ଗ୍ରହଣ କରିଥିବାରୁ ତାଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା।

## ବନ୍ୟା ପ୍ରପୀଡିତଙ୍କ ପାଖରେ ଆହାର ପହଞ୍ଚାଇଲେ ଶଶି

ଖଇରା, ୫/୦୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଓ ସିମୁଳିଆ ବ୍ଲକର ୮ରୁ ଅଧିକ ପଞ୍ଚାୟତରେ ବନ୍ୟା ଯୋଗୁଁ ବହୁ ଲୋକ ଘରେ ପାଣି ପଶିଥିଲେ । ଜଳବନ୍ଦୀ ଯୋଗୁଁ ଲୋକମାନଙ୍କ ନିକଟରେ ଖାଦ୍ୟାଭାବ ଦେଖା ଦେଇଥିଲା । ଭୋକାତୁର ବନ୍ୟା ପ୍ରପିଡିତଙ୍କ ପାଇଁ ଖାଦ୍ୟ ଯୋଗାଇଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ତଥା ଓଡିଶା ସରକାରଙ୍କ କଳା,ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ । ତାଙ୍କ ନିର୍ଦ୍ଦେଶରେ ୨ଦିନ ଧରି ତାଙ୍କର ଅନୁଗତ ତଥା ମାର୍ଗଦର୍ଶକ ଥିବା ଆୟୁଷ୍ମାନ ଫାଉଣ୍ଡେସନର ସଦସ୍ୟ ମାନେ ଶୁଖିଲା ଖାଦ୍ୟ ଓ ପାନୀୟ ଯୋଗାଉଛନ୍ତି । ଖଇରା ବ୍ଲକର ଜିଆଣିପଦା, ନନ୍ଦୁର, ଝିଙ୍କିରିଆ, ସାରଡାଙ୍ଗ, ଝିଙ୍କିରିଆ, ମାଖନପୁର, ନୟାଖଣ୍ଡି, ଗଗନଧୁଳି ଓ ସମୁଳିଆ ବ୍ଲକର ଖଡିଗଡିଆ, କୁଣ୍ଡି, ସବଙ୍ଗ ଇତ୍ୟାଦି ସ୍ଥାନରେ ଅସୁବିଧାରେ ଥିବା ଲୋକ ବିଶେଷ କରି ଅନୁସୁଚିତ ଜାତି ଓ ଜନଜାତିର ଲୋକମାନଙ୍କୁ ଏହି ପ୍ୟାକେଟ ପ୍ରଦାନ କରାଯାଉଛି । ୪ଶହ ପ୍ୟାକେଟ ବଣ୍ଟା ସରିଲାଣି ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ବର୍ତ୍ତମାନ ଅସୁସ୍ଥ ଥିବା ଶ୍ରୀସାହୁ କହିଛନ୍ତି ।

## ୩ ଦଫା ଦାବି ନେଇ ସମୂହ ଛୁଟିରେ ରହିବେ ପ୍ରାଥମିକ ଶିକ୍ଷକ

ଭଦ୍ରକ, ୫/୦୮ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଡାକରାରେ ଭଦ୍ରକ ବ୍ଲକର ସବୁ ବର୍ଗର ପ୍ରାଥମିକ ଶିକ୍ଷକ ସଂଗଠନଗୁଡ଼ିକ ତିନି ଦଫା ଦାବି ନେଇ ଏକ ଶୋଭଯାତ୍ରା କରିବା ସହ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ଭଦ୍ରକଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ସବୁ ବର୍ଗର କର୍ମଚାରୀମାନଙ୍କର ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିବାବେଳେ, ପ୍ରାଥମିକ ଶିକ୍ଷକମାନେ ଏଥିରୁ ବାଦ ପଡ଼ିଛନ୍ତି। ଏହାର ପ୍ରତିବାଦରେ ପ୍ରାଥମିକ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା ନିଯୁକ୍ତି ଉଚ୍ଛେଦ କରି ଠିକା ନିଯୁକ୍ତି ସମୟକୁ ମୂଳ ଚାକିରୀରେ ଗଣନା କରିବା ସହ କନିଷ୍ଠ ଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡରଭୁକ୍ତ କରାଯିବା, କଳା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା।




ଏଥି ସହିତ ସମସ୍ତ ବର୍ଗର ଶିକ୍ଷକମାନଙ୍କ ମୂଳ ଦରମା ୪୨ଶହ ଗ୍ରେଡ ପେ ଅନୁଯାୟୀ ପ୍ରଦାନ କରିବା ସହିତ ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବାକୁ ଦାବି କରିଥିଲେ। ସରକାରଙ୍କୁ ବାରମ୍ବାର ଦାବୀ କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନଥିବାରୁ ଆଗାମୀ ୧୧ ତାରିଖରେ ଏକ ଜିଲ୍ଲା ସ୍ତରୀୟ ଆନ୍ଦୋଳନ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଦାବି ପୂରଣ ନହେଲେ ୧୬ ଅଗଷ୍ଟରୁ ଶିକ୍ଷକମାନେ ସମୂହ ଛୁଟିରେ ରହିବା ସହିତ ସମସ୍ତ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ଦାବୀ ପ୍ରଦାନ କରିବା ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଶିକ୍ଷକ ନେତା ଅରୁଣ କୁମାର ମଲ୍ଲିକ, ରାଜେଶ ଦାସ, ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଳା, ଦୀପକ ସୂତାର, ମନୋରଂଜନ ଦୀକ୍ଷିତ, ବସନ୍ତ ଦୀକ୍ଷିତ, ସୁପ୍ରୀତ ଖୁଣ୍ଟିଆ, ସେକ୍ ଜୟିରୁଦ୍ଦିନ, ଅବଦୁଲ୍ ରବ୍, ସୁକାନ୍ତ ନାୟକ, ସବୀର ସିଂ, ମୃତ୍ୟୁଞ୍ଜୟ ମହାନ୍ତି, ସୁନୀତା ସାମନ୍ତ, ସେକ୍ ଇର୍ସାଦ, ମୁସ୍ତାକ ଅଲୀ ଖାଁ, ସୁକାନ୍ତି ପାତ୍ର, ଜିଲ୍ଲା ନେତୃତ୍ୱ ମଧ୍ୟରେ ବାବୁଲା ରାଉତ, ସୀମର ଜେନା, ଅରବିନ୍ଦ ଦୀକ୍ଷିତ, ତବରେଜ ଖାଁ, ଆଶିଷ ସାହୁ, ପ୍ରଶାନ୍ତ ବେହେରା, ମୁକ୍ତିକାନ୍ତ ପରିଡ଼ା, ଭାସ୍କର ନାୟକ, ଆଶିଷ ସାହୁ, ମନ୍ଦାକିନୀ ରାଉତ, ଶ୍ରଦ୍ଧାଞ୍ଜଳି କର, ସୁଭଦ୍ରା ସ୍ୱାଇଁ, ବିଜୟ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି , ୫/୦୮ (ନି.ପ୍ର): ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହୋଇଛନ୍ତି। ସୂଚନା ଅନୁଯାଇ ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ଭେଜିଗୋଠ ଗ୍ରାମର ବଗଲ ସିଂ ରିଷିଆ ଡ୍ୟାମରୁ ମାଛ ମାରି ଫେରୁଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ସହ ଅନ୍ୟ ଦୁଇଜଣ ଥିବାବେଳେ ବଗଲ ଭାଲୁ ହାବୁଡ଼ରେ ପଡି ଯାଇଥିଲା। ଉଭୟ ଭାଲୁ ଓ ବଗଲ ମଧ୍ୟରେ ପ୍ରାୟ ୨୦ମିନିଟ ଧରି ଧସ୍ତାଧସ୍ତି ଚାଲିଥିବା ନେଇ ଅନ୍ୟ ଦୁଇ ସାଙ୍ଗ କହୁଥିବା ବେଳେ ଭାଲୁଟି ବଗଲ ର ବାମପଟ ଆଖି ତାଡି ନେଇଥିବା ବେଳ ମୁଣ୍ଡ, ମୁହଁ, ହାତ, ଗୋଡ଼ରେ ଗଭୀର କ୍ଷତାକ୍ତ କରିପକାଇଛି। ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ



ନୀଳଗିରି ହସ୍ପିଟାଲ ଅଣାଯାଇ ଚିକିତ୍ସା କରାଯାଉଥିବା ବେଳେ ଅଧିକ ରକ୍ତସ୍ରାବ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ୧୦୮ ଆମ୍ବୁଲାନ୍ସ ଯୋଗାଯୋଗ କରାଯାଇଥିବା ବେଳେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱକାଳ ଅପେକ୍ଷା କରାଯାଇଥିଲେ ହେଁ ଆମ୍ବୁଲାନ୍ସ ନପାହଞ୍ଚିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଏନେଇ ହସ୍ପିଟାଲ ପରିସରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଗଣମାଧ୍ୟମର ଦୁଇଜଣ ପ୍ରତିନିଧି ଖବରପାଇ ପ୍ରାଇଭେଟ୍ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲେ। ଖବର ଅନୁଯାଇ ବଗଲ ଙ୍କ ଅବସ୍ଥା ଗୁରୁତର ଥିବାର ଜଣାପଡିଛି।

## ବସ୍ତା ତହସିଲଦାର ଧରିଲେ ୫ ମାଟି ବାଲି ଓ ମାଟି ଗାଡି

ବସ୍ତା,୫।୮(ନିପ୍ର): ବେଆଇନ ଭାବେ ବାଲି ଓ ମାଟି ପରିବହନ କରୁଥିବା ୫ ଟି ଟ୍ରକକୁ ଶନିବାର ବସ୍ତା ତହସିଲଦାର ରାଧାରଂଜନ ଦାସ ଜବତ କରି ଜୋରିମାନା ଆଦାୟ କରିଛନ୍ତି। ସେ ସାହାଡ଼ାରେ ୩ଟି ବାଲି ବୋଝେଇ ଟ୍ରକ ଏବଂ ସିଂଲା ରେ ୨ଟି ମାଟି ବୋଝେଇ ଟ୍ରକ ସାମଗ୍ରୀ ନେଇ ଯାଉଥିବା ବେଳେ ଧରିଥିଲେ ।ସେମାନଙ୍କ ଠାରୁ ୮୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତହସିଲ ସୂତ୍ରରୁ ଜଣାପଡ଼ିଛି।

## ପୁଟୁରାର ବିବାଦୀୟ ରାସ୍ତାକୁ ଅନୁଧ୍ୟାନ କଲେ ମନ୍ତ୍ରୀ

ବସ୍ତା, ୫/୦୮ (ନି.ପ୍ର): ବସ୍ତା ବ୍ଲକ ଅଧୀନ ପୁଟୁରା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ଆଜକୁ ପ୍ରାୟ ଦୁଇଶହ ବର୍ଷ ହେବ ରାସ୍ତା ନିର୍ମାଣ ହୋଇଥିଲା ।ଉକ୍ତ ରାସ୍ତା କୁ ୧୯୭୫ ମସିହା ଠାରୁ ବିଭିନ୍ନ ସମୟରେ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ୨୦୧୮ ମସିହାରେ ୫ କିଲୋମିଟର ଏହି ରାସ୍ତା କୁ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୩ କୋଟି ୪୩ ଲକ୍ଷ ଟଙ୍କାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ହୋଇଥିଲା । ମାତ୍ର ଉକ୍ତ ରାସ୍ତା ଟିକୁ ପୁଟୁରା ଗ୍ରାମର କାର୍ତ୍ତିକ ଦେ ଏବଂ ଅଚ୍ୟୁତ ଦେ ଦୁଇ ଭାଇ ରାତି ଅଧିଆ ନିଜର ଜେସିବି ଓ ଟ୍ରାକ୍ଟର ଲଗାଇ ରାସ୍ତା ହାଣି ମାଟି, ମେଟାଲ ଓ ଚିପସ ବହି ନେଇ ଯାଇଥିଲେ ।ଏ ବାବଦରେ ଗ୍ରାମବାସୀ ସିଂଲା ଥାନା, ଗ୍ରାମ ଉନ୍ନୟନ ବିଭାଗ, ତହସିଲଦାର ଙ୍କୁ ଜଣାଇ ଥିଲେ । ଗ୍ରାମ ଉନ୍ନୟନ ବିଭାଗ ତରଫରୁ ଥାନାରେ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇ ପୋଲିସ ଦୁଇଭାଇ ଙ୍କ ନାମରେ ୧୨୧/୨୩,୨୯୦,୪୨୭,୪୩୭, ୩୭୯ ୩୪ ଓଚଡ ଧାରା ଅନୁଯାଇ କେଶ ରୁଜୁ କରିଥିଲେ । ଉକ୍ତ ବିବାଦିୟ ରାସ୍ତାର ଅନୁଧ୍ୟାନ ନିମନ୍ତେ ଓଡିଶାର ପର୍ଯ୍ୟଟନ ସଂସ୍କୃତି ଓ ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗସ୍ତ କରିବା ସହିତ ବିଭିନ୍ନ ସମସ୍ୟା ସମ୍ବନ୍ଧ ରେ ଆଲୋଚନା କରି ଉକ୍ତ ବାଲିସାହି ପୁଟୁରା ଗ୍ରାମପଞ୍ଚାୟତ ୫-ଟି ହାଇସ୍କୁଲ ର ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ମହେଶ୍ୱର ମିଶ୍ର ଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କ ସହ ଗ୍ରାମ ଉନ୍ନୟନ ବିଭାଗ ର ବରିଷ୍ଠ ଯନ୍ତ୍ରୀ ତପନ କୁମାର ବେହେରା ଉପସ୍ଥିତ ଥିଲେ ।

WITH BEST COMPLIMENTS FROM

A WELL WISHER

PARADIP

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo